NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY 29 JUNE 2026
ସୋମବାର ୨୯ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 29 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୨୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

### ଆଜି ଦେବସ୍ନାନ ପୂର୍ଣ୍ଣିମା

# ଗଜାନନ ବେଶରେ ଦର୍ଶନ ଦେବେ ମହାବାହୁ

**ପୁରୀ,୨୮।୬/ଏନ୍ଏନ୍ଏସ୍:**

ସୋମବାର ଦେବସ୍ନାନ ପୂର୍ଣ୍ଣିମା। ମହାବାହୁଙ୍କ କ୍ଷଣିକ ଦର୍ଶନ ଖେଳାଇବ ଶିହରଣ। ଏଥିଲାଗି ଭକ୍ତ ବ୍ୟାକୁଳ। ରତ୍ନବେଦୀ ଛାଡ଼ି ଭାଇ, ଭଉଣୀଙ୍କ ସହ ସ୍ନାନବେଦୀରେ ଉଭା ହେବେ ମହାପ୍ରଭୁ। ଧନୀ, ଗରିମ, ତପୀ, ପାପୀ, ଜାତି ଅଜାତିର ବାଛ ବିଚାର ନାହିଁ। ପତିତର ଦୁଃଖ ନିବାରଣ ପାଇଁ ବାହୁ ପ୍ରସାରି ଭକ୍ତଙ୍କୁ କୋଳେଇ ନେବେ ଭାବଗ୍ରାହୀ। ଜଗତକର୍ତ୍ତାଙ୍କୁ ସ୍ନାନବେଦୀରେ ସମସ୍ତେ ଦର୍ଶନ କରିବେ। ଠାକୁରେ ମଧ ସେମାନଙ୍କୁ ଅପଲକ ନୟନରେ ଅଭୟ ପ୍ରଦାନ କରିବେ। ଦାରୁବ୍ରହ୍ମଙ୍କୁ ୧୦୮ ଗରା ସୁନା କୂଅ ଜଳ ଲାଗି ହେବ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଗଜାନନ ବେଶରେ ଦର୍ଶନ କରି ଧନ୍ୟ ହେବେ ଭକ୍ତ।

ମହାପ୍ରଭୁଙ୍କୁ ଅପେକ୍ଷା କରିଛି ସ୍ନାନମଣ୍ଡପ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସ୍ନାନ ମଣ୍ଡପକୁ ରଙ୍ଗ ଦିଆଯାଇ ସୁସଜ୍ଜିତ କରାଯାଇଛି। ମହାପ୍ରଭୁଙ୍କ ଏହି ଦିବ୍ୟ ଲୀଳାକୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତ ଉତ୍କଣ୍ଠାର ସହ ଅପେକ୍ଷାରେ ଅଛନ୍ତି। ତେବେ ମହାପ୍ରଭୁଙ୍କ ପୂର୍ବ ନିର୍ଦ୍ଧାରିତ ନୀତି କାନ୍ତି କିଭଳି ସଠିକ୍ ସମୟରେ ହୋଇପାରିବ ସେନେଇ ସେବାୟତଙ୍କ ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ଆସନ୍ତାକାଲି ଭୋର ୫ ଟାରୁ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି ଆରମ୍ଭ ହେବ। ଦିନ ୧୨ ଟା ରୁ ୨ ଟା ମଧ୍ୟରେ ▶▶ ୫



**ମହାପ୍ରଭୁଙ୍କ ଅପେକ୍ଷାରେ ସ୍ନାନବେଦୀ**

**ଭୋର୍ ୫ ଟାରୁ ପହଣ୍ଡି ବିଜେ ନୀତି**

### ପୁରୀ ସହରରେ ସ୍କୁଲ୍ ଛୁଟି

ପୁରୀ ମହାନଗର ନିଗମରେ ଆସନ୍ତାକାଲି ଅର୍ଥାତ ସୋମବାର ସବୁ ସ୍କୁଲ୍ ବନ୍ଦ ରହିବ। ଦେବସ୍ନାନ ପୂର୍ଣ୍ଣିମା ଭିଡ଼କୁ ଦେଖି ସବୁ ସ୍କୁଲ୍ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ୍ ବନ୍ଦ ରହିବ। ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ।

# ବିମାନ, ହେଲିକପ୍ଟର୍ ଦୁର୍ଘଟଣାରେ ୨୫ ମୃତ

### ଫ୍ରାନ୍ସରେ ୧୧, ସାଉଦୀ ଆରବରେ ୧୪





**ପ୍ୟାରିସ୍,ଜେଦ୍ଦା,୨୮।୬/ଏଜେନ୍ସି:**

ରବିବାର ଦୁଇଟି ବିମାନ ଦୁର୍ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଫ୍ରାନ୍ସରେ ଏକ ପାରାଶୁଟିଷ୍ଟ (ସ୍କାଇଡାଇଭିଂ) ସ୍କୁଲ୍‌ର ବିମାନ କ୍ରାସ୍ ହେବା ଫଳରେ ୫ ଛାତ୍ର, ୫ ଟ୍ରେନର୍ ଏବଂ ପାଇଲଟ୍‌ଙ୍କ ସମେତ ୧୧ ଜଣ ପ୍ରାଣ ହରାଇଛନ୍ତି। ସେହିପରି ସାଉଦୀ ଆରବରେ ଅରାମୋକ୍ କମ୍ପାନୀର ଏକ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହୋଇ ୧୪ ଜଣ ସାଉଦୀ ନାଗରିକଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ ପୂର୍ବ ଫ୍ରାନ୍ସର ଟାମ୍ବଲାଇନ୍‌ରେ ସ୍କାଇଡାଇଭିଂ ସ୍କୁଲ୍‌ର ବେସାମରିକ ବିମାନଟି ରବିବାର ସକାଳେ ନାନ୍ସି-ଏରୋଡ୍ରମ୍‌ରୁ ଟେକ୍‌ଅଫ୍ କରିବା ପରେ ପ୍ରାୟ ୧୧ଟା ବେଳେ ନାନ୍ସି ସହର ନିକଟରେ ଦୁର୍ଘଟଣାଗସ୍ତ ହୋଇଥିଲା। ଆଧିକାରିକ ସୂଚନା ଅନୁସାରେ ବିମାନରେ କିଛି ବୈଷୟିକ ସମସ୍ୟା ଦେଖାଦେବା ପରେ ବିମାନଟି ସିଧା ତଳକୁ ଖସି ରନ୍‌ୱେ ନିକଟ ଘାସ ଥିବା ଏକ ଅଞ୍ଚଳରେ ପଡ଼ିଯାଇଥିଲା। ଦୁର୍ଘଟଣାସ୍ଥଳର ନିକଟରେ ଏକ ଶପିଙ୍ଗ୍ ସେଣ୍ଟର୍ ଏବଂ ଜନବସତି ଥିଲା। ସୌଭାଗ୍ୟକ୍ରମେ ଏକ ବଡ଼ ବିପଦ ଟଳିଯାଇଛି। ଦୁର୍ଘଟଣା ଖବର ପାଇବା ମାତ୍ରେ ହିଁ ଏମର୍ଜେନ୍ସି ସର୍ଭିସ୍ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଧିକାରୀ ଦୁର୍ଘଟଣାର କାରଣ ଯାଞ୍ଚ କରୁଥିବା ବେଳେ ଫ୍ରାନ୍ସି ଗୃହ ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ସେହିପରି ସାଉଦୀ ଆରବର ରାସ ତନୁରାରେ ରବିବାର ବିଶ୍ୱର ସବୁଠୁ ବଡ଼ ତୈଳ ▶▶ ୫

## ବଜ୍ରାଘାତରେ ମା', ଝିଅ ମୃତ

**ନବରଙ୍ଗପୁର ,୨୮।୬/ଏନ୍ଏନ୍ଏସ୍:**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଡା ପଞ୍ଚାୟତ ଅନ୍ତର୍ଗତ ନିନାଶପାଣୀ ଗ୍ରାମରେ ରବିବାର ବଜ୍ରାଘାତରେ ମା' ଓ ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଉଛନ୍ତି, ଦୈମତି ମୁଦୁଲି (୩୫) ଓ ତାଙ୍କ ଝିଅ ଚମ୍ପା ମୁଦୁଲି(୨୨)। ସୂଚନା ଅନୁଯାୟୀ, ମା-ଝିଅ ସେମାନଙ୍କ ଜମିରେ ଥିବା କୁସୁମ ▶▶ ୫

# ମୋଦୀଙ୍କୁ ସେସେଲ୍ସର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ,୨୮।୬/ଏଜେନ୍ସି:**

ସେସେଲ୍ସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନିତ କରାଯାଇଛି। ସେସେଲ୍ସର ସର୍ବୋଚ୍ଚ ସମ୍ମାନ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'ରେ ତାଙ୍କୁ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶରେ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ସ୍ଥାୟୀ ଅଭିବୃଦ୍ଧି ଏବଂ ସ୍ୱଚ୍ଛ ପରିବେଶ ପ୍ରତି ମୋଦିଙ୍କ ଦୀର୍ଘକାଳୀନ ପ୍ରୟାସକୁ ସ୍ୱୀକୃତି ଦେଉଛି। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ' ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେସେଲ୍ସର ଜନସାଧାରଣ, ସରକାର ଓ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କୁ ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର 'ଲାଇଫ୍ ମିଶନ', ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ମୋଦୀଙ୍କ ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ମହାସାଗରରେ ▶▶ ୫



# ଆସୁଛି ଆଷାଢ଼, ବର୍ଷା ଗାଏବ

### ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ



**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:**

ଆଷାଢ଼ ଆରମ୍ଭ ହେବାକୁ ଯାଉଛି। ହେଲେ ଏ ପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ସାରା ରାଜ୍ୟକୁ ମୌସୁମୀ ବାୟୁ ଛୁଇଁଥିଲେ ହେଁ ପର୍ଯ୍ୟାପ୍ତ ପରିମାଣର ବର୍ଷା କରିପାରିନାହିଁ। ଆଉ ତାର ସିଧାସଳଖ ପ୍ରଭାବ ପଡ଼ିଛି ଚାଷୀଙ୍କ ଉପରେ। ପର୍ଯ୍ୟାପ୍ତ ବର୍ଷା ନହେବାରୁ ଚାଷ କାମ ଆରମ୍ଭ କରିପାରିନାହାନ୍ତି। ଯଦି ଆଗକୁ ଠିକଠାକ୍ ବର୍ଷା ନ ହୁଏ ଚାଷ କାର୍ଯ୍ୟ ପ୍ରଭାବିତ ▶▶ ୫

# ସମ୍ପର୍କରେ ରକ୍ତ ଛିଟା

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:**

ଟିକିଏ ଟିକିଏ କଥାରେ ସମ୍ପର୍କକୁ ଭୁଲି ଯାଉଛନ୍ତି। ସ୍ଥିତି ଏପରି ହେଉଛି ଯେ, ହତ୍ୟା କରିବାକୁ ପଛାଉ ନାହାନ୍ତି। କିଏ ସାତ ଜନମର ସାଥୀ କରିଥିବା ପତ୍ନୀକୁ ହତ୍ୟା କରୁଛି ତ କିଏ ନିଜ ଜନ୍ମକଲା ବାପାକୁ ହାଣିବାକୁ ପଛାଉ ନାହିଁ। ଏମିତିକି କିଏ ନିଜ ଶାଶୂକୁ ବି ହାଣି ପକାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଅପରାଧର ଭିନ୍ନ ଭିନ୍ନ ଚିତ୍ର ଚାଞ୍ଚଲ୍ୟ ଖେଳାଇଦେଇଛି।

ସାତ ଜନମର ସାଥୀ ହେବାକୁ ହାତ ଧରିଥିଲେ। ବାପା ଘରକୁ ପର କରି ସ୍ୱାମୀ ଭରସାରେ ଶାଶୂ ଘରକୁ ଆସିଥିଲେ। ହେଲେ ସେହି ସ୍ୱାମୀ ପାଲଟି ଯାଇଛି ପିଶାଚ। ଅବୈଧ ସମ୍ପର୍କକୁ ବିରୋଧ କରିବାରୁ ସ୍ତ୍ରୀକୁ ମାରିଦେଲା। ଝାରସୁଗୁଡ଼ା ସଦର ଥାନା ଅଞ୍ଚଳରେ ଘଟିଛି ଏଭଳି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ସ୍ତ୍ରୀକୁ ବାଡ଼ିରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରିଛି ସ୍ୱାମୀ। ମୃତକ ହେଲେ ସୌଦାମିନୀ କିଷାନ। ୨୦୨୧ରେ ହଂଶାମୁରା କଣ୍ଡାପାଲି ଘୁନଘୁଟି ପଡ଼ାର ରାହୁଲ ବାଘଙ୍କୁ ପ୍ରେମ ବିବାହ କରିଥିଲେ ସୌଦାମିନୀ। ବିବାହ ପରେ ରାହୁଲ ଅନ୍ୟ ଜଣେ ଝିଅ ସହ ସମ୍ପର୍କରେ ଆସିଥିଲେ। ଯାହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ତେବେ ଶନିବାର ରାତିରେ ବଚସା ଉଗ୍ର ରୂପ ନେଇଥିଲା। ରାହୁଲ ଉତକ୍ଷିପ୍ତ ହୋଇ ଏକ ବାଡ଼ିରେ ସୌଦାମିନୀଙ୍କୁ ପିଟି ପିଟି ହତ୍ୟା ▶▶ ୫

**ସ୍ତ୍ରୀକୁ ପିଟି ପିଟି ହତ୍ୟା କଲା ସ୍ୱାମୀ**

**ଶାଶୂକୁ ପନିକିରେ ହାଣିଲା ବୋହୂ**

**ବାପା-ଭାଇଙ୍କୁ କଟୁରିରେ ଆକ୍ରମଣ**



## କାର୍-ବାଇକ୍ ମୁହାଁମୁହିଁ
# ୨ ମୃତ

**ଚମ୍ପୁଆ,୨୮।୬/ଏନ୍ଏନ୍ଏସ୍:**

କାର୍ ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା। ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ। କେନ୍ଦୁଝର ଜିଲ୍ଲା ବାରିଆ ଥାନା ଚମ୍ପୁଆ ବାଉଁଶୁଳି ରାସ୍ତାରେ ଗିଧିବାସ ନିକଟରେ ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଚମ୍ପୁଆ ପଟୁ ଆସୁଥିବା ଏକ କାର୍ ସହିତ ଉଖୁଣ୍ଡା ପଟୁ ଯାଉଥିବା ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକରେ ଥିବା ଦୁଇ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦୁଇ ଜଣ ଝାରଖଣ୍ଡର ନରସିଂହପୁର ଗ୍ରାମର ଶୈଳେଶ ଗୋପ ଓ ରମେଶ ଗୋପ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ କାରରେ ଥିବା ଜଣେ ମହିଳା ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ ବାରିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ୍ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ପରମ୍ପରା ରକ୍ଷା : ତିରୁପତିରେ ଅନନ୍ତ ଅମ୍ବାନୀ

# ଭେଙ୍କଟେଶ୍ୱରଙ୍କୁ କେଶଦାନ ସହ ସୁପ୍ରଭାତ ସେବାରେ ସାମିଲ୍

### ଗୋଶାଳାରେ ବିତାଇଲେ ସମୟ

**ତିରୁମାଲା,୨୮।୬/ଏଜେନ୍ସି:**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ରବିବାର ତିରୁମାଲାସ୍ଥିତ ଶ୍ରୀ ଭେଙ୍କଟେଶ୍ୱରଙ୍କ ପବିତ୍ର ପୀଠରେ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି। ଶ୍ରୀ ଅମ୍ବାନୀ ରାତି ପ୍ରାୟ ୧ଟାରେ ତିରୁମାଲାରେ ପହଞ୍ଚି ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ନିକଟରେ ଆତ୍ମସମର୍ପଣ ଓ ଭକ୍ତିର ପ୍ରତୀକ ସ୍ୱରୂପ ଶତାବ୍ଦୀ ପୁରୁଣା ପରମ୍ପରା ଅନୁଯାୟୀ ନିଜର କେଶଦାନ କରିଥିଲେ।

ଏହା ପରେ ଭୋର ପ୍ରାୟ ୩:୩୦ ମିନିଟ୍‌ରେ ସେ ପ୍ରଭୁଙ୍କ ଜାଗରଣର ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ପବିତ୍ର 'ସୁପ୍ରଭାତ ସେବା'ରେ ଅଂଶଗ୍ରହଣ କରିଥିଲେ। ଦର୍ଶନ ସରିବା ପରେ ମନ୍ଦିରର ପୂଜକମାନେ ତାଙ୍କୁ ବୈଦିକ ମନ୍ତ୍ରୋଚାରଣ ସହ ଆଶୀର୍ବାଦ ପ୍ରଦାନ କରିଥିବା ବେଳେ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ମନ୍ଦିରର ସ୍ମୃତି ଚିହ୍ନ ଏବଂ ପ୍ରସାଦ ଭେଟି ଦେଇଥିଲେ। ଏହି ଗସ୍ତ ଅବସରରେ ଅନନ୍ତ ଅମ୍ବାନୀ ମନ୍ଦିରର ଗୋଶାଳା ପରିଦର୍ଶନ କରି ସେଠାରେ ଗୋମାତା ଏବଂ ମନ୍ଦିରର ହାତୀମାନଙ୍କୁ ପୂଜା କରିବା ସହ କିଛି ସମୟ ଅତିବାହିତ କରିଥିଲେ। ପରବର୍ତ୍ତୀ ସମୟରେ ସେ ତିରୁପତି ଯାଇ ଶ୍ରୀ ପଦ୍ମାବତୀ ଆମ୍ମାଭାରୀ ମନ୍ଦିରରେ ପୂଜାର୍ଚ୍ଚନା କରି ସକାଳ ପ୍ରାୟ ୬:୩୦ ମିନିଟ୍‌ରେ ନିଜର ଏହି ଆଧାତ୍ମିକ ଯାତ୍ରା ସମାପ୍ତ କରି ପ୍ରସ୍ଥାନ କରିଛନ୍ତି। ଅନନ୍ତ ଅମ୍ବାନୀଙ୍କର ଏହି ଗସ୍ତ ଭାରତର ଆଧାତ୍ମିକ ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଦେଶର ଅନ୍ୟତମ ପବିତ୍ର ତୀର୍ଥକ୍ଷେତ୍ରରେ ଆୟୋଜିତ ଏହି ପ୍ରାତଃକାଳୀନ ରୀତିନୀତିକୁ ହଜାର ହଜାର ଶ୍ରଦ୍ଧାଳୁ ଦେଖିଥିଲେ।







### 'ମନ୍ କୀ ବାତ୍'ର ୧୩୫ ତମ ଅଧ୍ୟାୟ

# 'ସମୁଦ୍ରଠୁ ଗଗନ ଭାରତ ଆତ୍ମନିର୍ଭର'

**ନୂଆଦିଲ୍ଲୀ,୨୮।୬/ଏନ୍ଏନ୍ଏସ୍:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମ ଆଜି ୧୩୫ ତମ ଏପିସୋଡ୍‌ରେ ପହଞ୍ଚିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବକମାନଙ୍କ ପାଇଁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିବା ସହିତ ଦେଶ ଦୁନିଆରେ ଘଟୁଥିବା ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ଏଥିସହ ସମୁଦ୍ର ଠାରୁ ଗଗନ ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତର ଗାଥା ଶୁଣାଇଛନ୍ତି। ଆତ୍ମନିର୍ଭର ଭାରତର ପରିକଳ୍ପନା ସୁଦୃଢ଼ ହେଉଛି ବୋଲି ମୋଦୀ କହିଛନ୍ତି। ବର୍ଷ ୨୦୨୬ର ଅର୍ଦ୍ଧେକ ଶେଷ ହୋଇଯାଇଛି। ଏତିକି ଦିନ ମଧ୍ୟରେ ସରକାରର ସଫଳ କାର୍ଯ୍ୟକ୍ରମ ଗୁଡିକ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଏହା ସହିତ ଦେଶକୁ ଗୌରବାନ୍ୱିତ କରିଥିବା ଘଟଣାବଳୀ ଉପରେ ସେ ନିଜର ଭାବନା ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ ଦେଶ ସୁରକ୍ଷା ଓ ଆତ୍ମନିର୍ଭରତା ଦିଗରେ ସଫଳତା ହାସଲ କରିଛି। ନିକଟରେ କୋଲକାତାରେ ଆୟୋଜିତ ଏକ ନୌବାହିନୀ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳିଥିଲା। ଯେଉଁଠାରେ ଆଇଏନ୍ଏସ୍ ଦୁନାଗିରି, ଆଇଏନ୍ଏସ୍ ସଂଶୋଧକ, ଆଇଏନ୍ଏସ୍ ଅଗ୍ରେ ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ଏହାର ଡିଜାଇନ ଠାରୁ ଆରମ୍ଭ କରି ନିର୍ମାଣ ବିଧି ସବୁକିଛି ସ୍ୱଦେଶୀ ଅଟେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦୀ କହିଛନ୍ତି ଯେ, ଦେଶ ଜୁନ ମାସରେ ଆଭିଏସନ୍ କ୍ଷେତ୍ରରେ ବହୁ ଉନ୍ନତି ଦେଖିଛି । ସି-୨୯୫ ଏୟାରକ୍ରାଫ୍ଟ ମେଡ୍ ଇନ୍ ଇଣ୍ଡିଆ ଅଟେ। ଏହି ବିମାନ ନିଜର ପ୍ରଥମ ଉଡ଼ାଣ ସଫଳତାର ସହିତ ଶେଷ କରିଛି। ଏବଂ ଏଭଳି ୪୦ଟି ବିମାନ ନିର୍ମାଣ ଚାଲୁରହିଛି। ଏହା ଦ୍ୱାରା ଏମ୍ଏସ୍ଏମ୍ଇ ଓ ଏରୋସ୍ପେଶ୍ କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହେଉଛି। ରୋଜଗାର ପନ୍ଥା ବଢୁଛି।

ସେ ଆହୁରି କହିଛନ୍ତି, ଏହି ମାସରେ, ଡିଆରଡିଓ ମଧ୍ୟ ଏକ ସ୍ୱଦେଶୀ 'ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ କ୍ଷେପଣାସ୍ତ୍ର'ର ସଫଳ ପରୀକ୍ଷଣ କରିଥିଲା। ଏହାକୁ ଡିଆରଡିଓ ପରୀକ୍ଷାଗାର ଏବଂ ଭାରତୀୟ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ମିଳିତ ଭାବରେ ବିକଶିତ କରାଯାଇଛି। ଅନ୍ୟ ଶବ୍ଦରେ, ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ, ଭାରତ ଦ୍ରୁତ ଗତିରେ ଅଧିକ ସୁରକ୍ଷିତ ଏବଂ ଆତ୍ମନିର୍ଭରଶୀଳ ହେଉଛି ବୋଲି ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଆମକୁ ବର୍ଷାଜଳର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବାକୁ ପଡ଼ିବ। ଆମେ 'କ୍ୟାଚ୍ ଦି ରେନ୍' ଅଭିଯାନର ଗତିକୁ ଟିକିଏ ବି ଧୀମା ହେବାକୁ ଦେଇପାରିବୁ ନାହିଁ। ସେଥିପାଇଁ ମୁଁ ଆପଣଙ୍କୁ ଏକ ବିଶେଷ ନିବେଦନ କରୁଛି: ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ପ୍ରତ୍ୟେକ ବୁନ୍ଦା ବର୍ଷାକୁ ସଂରକ୍ଷଣ କରିବା ବୋଲି ମୋଦୀ ଅପିଲ କରିଛନ୍ତି।

ସେହିପରି ମୋଦୀ କହିଛନ୍ତି ଯେ ଦେଶରେ ଜୁନ ମାସରେ ଅନ୍ତର୍ଜାତୀୟ ଯୋଗ ଦିବସ ▶▶ ୫



## ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ

**ପୁରୀ,୨୮।୬/ଏନ୍ଏନ୍ଏସ୍:** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ସମ୍ପାଦନ ଓ ନୀତି ବହୁଳତା କାରଣରୁ ଏବଂ ସୋମବାର ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଦେବସ୍ନାନ ଯାତ୍ରାର ବ୍ୟାପକ ପ୍ରସ୍ତୁତି ନିମନ୍ତେ ରବିବାର ରାତ୍ରି ୯ଟା ୪୦ ମିନିଟ୍‌ଠାରୁ ଭକ୍ତମାନଙ୍କ ପାଇଁ ପ୍ରବେଶ କଟକଣା ଜାରି କରାଯାଇଛି। ମହାପ୍ରଭୁଙ୍କ ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ରୀତିକାନ୍ତି ସଫଳତାର ସହ ଶେଷ କରିବା ପାଇଁ ଶ୍ରୀମନ୍ଦିର ଶୋଧ କାର୍ଯ୍ୟ କରାଯାଉଛି। ଶ୍ରୀଜୀଉମାନଙ୍କର ଏହିସବୁ ନୀତିକାନ୍ତି ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିପାଇଁ ସମସ୍ତ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କର ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

ନିତିଦିନ NITIDIN

## ତେରାପନ୍ଥ ମହିଳା ମଣ୍ଡଳ ପକ୍ଷରୁ ଶ୍ରୀ ଉତ୍ସବ



**କଟକ,୨୮।୬/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ତେରାପନ୍ଥ ମହିଳା ମଣ୍ଡଳର ମାର୍ଗଦର୍ଶନରେ କଟକ ତେରାପନ୍ଥ ମହିଳା ମଣ୍ଡ ପକ୍ଷରୁ ଆସନ୍ତା ଜୁଲାଇ ୧ ତାରଖ ଦିନ କାଠଗଡ଼ାସାହି ସ୍ଥିତ ତେରାପନ୍ଥ ଭବନ ପରିସରରେ ସକାଳ ୧୦ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଶ୍ରୀ ଉତ୍ସବ ଆୟୋଜିତ ହେବ। ଅଖିଳ ଭାରତୀୟ ତେରାପନ୍ଥ ମହିଳା ମଣ୍ଡଳର ଏକ ବିଶେଷ କାର୍ଯ୍ୟକ୍ରମ ସକ୍ଷମ ନାରୀ, ବିକଶିତ ସମାଜ ଅଧୀନରେ ମହିଳମାନଙ୍କ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସମଗ୍ର ଭାରତ ବର୍ଷରେ ଉତ୍ସାହର ସହିତ ଶ୍ରୀ ଉତ୍ସବକୁ ଆୟୋଜନ କରାଯାଉଛି। ଏହି ପ୍ରଦର୍ଶନୀରେ ସ୍ୱରୋଜଗାର ସହ ଜଡ଼ିତ ବହୁ ମହିଳା ବିଭିନ୍ନ ପ୍ରକାରର ଉତ୍ପାଦ ସହ ନିଜ ନିଜ ଷ୍ଟଲ ସ୍ଥାପନ କରିବେ। ଗୋଟିଏ ଛାତ ତଳେ ଆପଣମାନେ ବିଭିନ୍ନ ପ୍ରକାରର ପୋଷାକ, ରେଡ଼ିମେଡ଼୍ ଗାର୍ମେଣ୍ଟରାଖୀ ଘର ସାଜସଜ୍ଜା ଉପକରଣ ସାମଗ୍ରୀ ଅସଲି ଅଳଙ୍କାର କୃତ୍ରିମ ଅଳଙ୍କାର ସହ ଅନ୍ୟାନ୍ୟ ଆକର୍ଷଣୀୟ ସମାଗ୍ରୀ ପାଇପାରିବେ। ଏହି ସମ୍ମିଳନୀରେ ତେରାପନ୍ଥ ଭବନ ସମିତିର ସଭାପତି ଚେନରୂପ ଚୌରଡିଆ, ସମ୍ପାଦକ ମନୋଜ ଲଲୱାନୀଙ୍କ ସମେତ ମହିଳା ମଣ୍ଡଳର ସମ୍ପାଦିକା ସନ୍ତା ସେଠୀଆ, କୋଷାଧ୍ୟକ୍ଷ ସୁନୀତା ଦୁଗର, ସଦସ୍ୟା ସୁମନ ବେତାଲା, ଲଳିତା ସିଂ, ବିନୋଦ ନାହାତା, କବିତା ସେଠୀଆ, ନିଲମ ଆଡେୱାଲା, ହୀରା ବୈଦ, ସାୟା ସିଂଙ୍କ ସମତେ ବହୁ କର୍ମର୍ତ୍ତା ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**ପୁରୀ,୨୮।୬/ଏନ୍ଏନ୍ଏସ୍:** ମହାପ୍ରଭୁଙ୍କ ସ୍ନାନ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏ ନେଇ କହିଛନ୍ତି ଯେ ଶୃଙ୍ଖଳିତ ନୀତି ପାଇଁ ସବୁ ଆଲୋଚନା ହୋଇଛି। ଭକ୍ତମାନେ ପ୍ରଶାସନର ନିୟମ ମାନି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରନ୍ତୁ। ସ୍ନାନଯାତ୍ରା ପାଇଁ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି।

ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ୩ରୁ ୪ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସି ଚତୁର୍ଦ୍ଧାମୂର୍ତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପବିତ୍ର ସ୍ନାନଯାତ୍ର ଦର୍ଶନ କରିବେ ବୋଲି ଆକଳନ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଦର୍ଶନ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ଆଜି ରାତ୍ରିଠାରୁ ପୁଲିସ ପକ୍ଷରୁ ଚବିଶ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୪ ଜଣ କମାଣ୍ଡାଣ୍ଟ/ଏସ୍‌ପି ପାହ୍ୟାର ଅଧିକାରୀ, ୧୪ ଜଣ ଅତିରିକ୍ତ ଏସ୍‌ପି/ଡେପୁଟି କମାଣ୍ଡାଣ୍ଟ, ୩୧ ଜଣ ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮୩ ଜଣ ଇନ୍ସପେକ୍ଟର/ସବ୍‌ଇନ୍ସପେକ୍ଟର, ୩୪୦ ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୭୯ ପ୍ଲାଟୁନ ପୁଲିସ ବାହିନୀ ସହ ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍ ନିୟୋଜିତ ରହିବେ। ଏହି ସୁରକ୍ଷା ବ୍ୟବସ୍ଥା ଏକ ଛଅ-ଦଫା କାର୍ଯ୍ୟଯୋଜନା ଉପରେ ଆଧାରିତ। ଯେଉଁଥିରେ ସାମିଲ ରହିଛି ଶ୍ରୀଜଗନ୍ନାଥ ମନ୍ଦିର ଭିତର ଓ ବାହାରେ ଜନସମାଗମ ନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଏବଂ ଭିଆଇପି ସୁରକ୍ଷା, ଶ୍ରଦ୍ଧାଳୁ ସହାୟତା ଓ ଜନସେବା, ଜରୁରୀକାଳୀନ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ଫଳପ୍ରଦ ସମନ୍ୱୟ ଓ ତଦାରଖ। ଏହା ସହିତ ସେକ୍ଟରଭିତ୍ତିକ ପୁଲିସ ମୁତୟନ, ଏକମୁଖୀ ଯାତାୟାତ ବ୍ୟବସ୍ଥା, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାରିକେଡିଂ, ଷ୍ଟ୍ରାଇକିଂ ଫୋର୍ସ ନିୟୋଜନ ଏବଂ ଭିଡ଼ର ନିରନ୍ତର ତଦାରଖ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଯାତାୟାତ ସୁଚାରୁ କରିବା ପାଇଁ ଟ୍ରାଫିକ ଡାଇଭର୍ସନ, ନିର୍ଦ୍ଧାରିତ ପାର୍କିଂ ସ୍ଥାନ ଏବଂ ପୃଥକ ପ୍ରବେଶ ଓ ପ୍ରସ୍ଥାନ ପଥର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ କ୍ୱିକ୍ ଆକ୍ସନ ଟିମ୍, ସ୍ନିଫର ଡଗ୍ ସ୍କ୍ୱାଡ୍, ରୁଫ୍‌ଟପ୍ ନଜରଦାରି, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଓଉଉଡ) ମାଧ୍ୟମରେ ନିରୀକ୍ଷଣ, ଆଣ୍ଟି-ସାବୋଟାଜ୍ ଯାଞ୍ଚ ଏବଂ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥାକାର୍ଯ୍ୟକାରୀ କରାଯାଇଛି। ସେହିପରି ହେଲ୍ପ ଡେସ୍କ, ପୁଲିସ କଣ୍ଟ୍ରୋଲ ରୁମ୍ (ଚଉଜ), ଚିକିତ୍ସା ସହାୟତା କେନ୍ଦ୍ର ଏବଂ ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ଉପଲବ୍ଧ ରହିବ।

ପୁରୀ ଏସପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପବିତ୍ର ସ୍ନାନଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତ ଆସି ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଦେଖିବେ। ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଭକ୍ତମାନେ କେବଳ ସିଂହ ଦ୍ୱାରରେ ପ୍ରବେଶ କରି ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପରେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଟିକେଟ କରିଥିବା ଭକ୍ତ ମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ମାର୍କେଟ ଛକରୁ ଦୋଳମଣ୍ଡପ ସାହି, ମୋଚିସାହି ଛକରୁ ଦୋଳ ମଣ୍ଡପ ସାହି, ସୋଲାଖିଆ ବରଗଛ ଛକରୁ କାକୁଡ଼ି ଖାଇ ଛକ, ବୃଷବ ଛକରୁ ଗଣ୍ଡୁଆ ଚଉରା ଛକ, ପାଣ୍ଡେ ଜାଗାରୁ ଗଡନ୍ତି ଛକକୁ ନୋ ଭେଇକିଲ ଜୋନ୍ କରାଯାଇଛି। ଏହି ରାସ୍ତାରେ ଗାଡ଼ି ଯାତାୟାତ ପାଇଁ ସମ୍ପୂର୍ଣ୍ଣ କଟକଣା ରହିବ। ଶ୍ରୀମନ୍ଦିର ଭିତରେ ଗହଳି ନିୟନ୍ତ୍ରଣ କରିବା ପାଇଁ ୧୪ଟି ସେକ୍ଟର କରାଯାଇ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯିବ। ମନ୍ଦିର ଭିତରେ କ୍ଲିୟରାନ୍ସ ଟିମ୍ ରହି ଲୋକଙ୍କ ଭିଡ଼ ହ୍ରାସ କରିବେ। ଶ୍ରୀମନ୍ଦିର ବାହାରେ ମଧ ଅନୁରୂପ ଟିମ୍ ରହି ଭିଡ ହ୍ରାସ ପାଇଁ କାର୍ଯ୍ୟ କରିବେ। ସବୁ ଦ୍ୱାରରେ ଆମ୍ବୁଲାନ୍ସ ରହିବ। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ବାହିନୀ ରହିବ। ୨୮ ତାରିଖ ସକାଳୁ ଅର୍ଥାତ ଆଜିଠାରୁ ସବୁ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ୩୦ ତାରିଖ ଯାଏ ଭିଡ଼ ନ କମିବା ଯାଏ ପୁଲିସ ସୁରକ୍ଷା ବ୍ୟବସ୍ଥା ଜାରି ରହିବ। ଏସ୍‌ପି ପୁଣି କହିଛନ୍ତି, ଶ୍ରୀମନ୍ଦିର ଭିତରେ ୧୫୨ଟି କ୍ୟାମେରା, ମନ୍ଦିର ଚାରିପାଖରେ ୨୫୦ଟି କ୍ୟାମେରା, ଶ୍ରୀମନ୍ଦିରରୁ ବଡଦାଣ୍ଡ ମାର୍କେଟ ଛକ ଯାଏ ୩୦ଟି କ୍ୟାମେରା ଲଗାଯାଇଛି। ଏକ କଣ୍ଟ୍ରୋଲ ରୁମ୍ କରାଯାଇ ଏହାର ପରିଚାଳନା କରାଯାଉଛି।

# ଅନୁଦାନ ଓ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଦାବି




**କଟକ,୨୮।୬/ଏନ୍ଏନ୍ଏସ୍:** ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ ଏବଂ ଅବସର ନେଇଥିବା ଓ କାର୍ଯ୍ୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ଅହେତୁକ ବିଳମ୍ବ କରି ଚାଲିଛନ୍ତି। ସରକାର ଅଶୋକ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିର ସମୟ ଅବଧି ପୂରଣ ହୋଇଛି କମିଟି ମଧ ତାଙ୍କର ରିପୋର୍ଟ ସରକାଣଙ୍କୁ ପ୍ରଦାନ କରିଛନ୍ତି କିନ୍ତୁ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ଏଯାଏଁ ସମାଧାନ ହୋଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ଜୁନ ୨୯ ତାରିଖରେ ଓଡ଼ିଶା ସକୁଲ କଲେଜ ଶିକ୍ଷ ଓ କର୍ମଚାରୀ ସମନ୍ୱୟ ସମିତି ଏକ ବିଶାଳ ଶିକ୍ଷକ ସମାବେଶ ସଂଗଠିତ କରିବାକୁ ଯାଉଛନ୍ତି ବୋଲଇ ସମନ୍ୱୟର ସମିତିର ଆବାହକ ରଂଜନ କୁମାର ଦାଶ ପ୍ରେସମିଟ ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। ଶିକ୍ଷକମାନଙ୍କର ସମସ୍ୟା କୌଣସି ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ଶିକ୍ଷା ବ୍ୟବସ୍ଥାର ସମସ୍ୟା, ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ସମସ୍ୟା ଓ ସମାଜ ଉନ୍ନତିର ପ୍ରତିବନ୍ଧକ। ଯଦି ଶିକ୍ଷକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାରରୁ ସରକାର ବଞ୍ଚିତ କରନ୍ତି ତେବେ ଆଗାମୀ ଜୁନ ୨୯ ତାରିଖ ଦିନ ଭୁବନେଶ୍ୱର ଗାନ୍ଧିମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ମିଳିତ ସମନ୍ୱୟ ସମିତି ତରଫରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ସମାଧାନ କରନ୍ତୁ ନଚେତ ଆଗମୀ ଦିନରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଯେଉଁ ବିଶାଳ ଗଣ ଆନ୍ଦୋଳନ ଗଢ଼ି ଉଠିବ ସେଥିନିମନ୍ତେ ସରକାର ଦାୟୀ ରହିବେ ବୋଲି ସମ୍ନୟ ସମିତିର ଆବାହକ ରଂଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମା ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମଏ କାସିମ ବେଗ, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ, ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ ମହାପାତ୍ର, ଶଙ୍କର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଂଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି।

# ବିଶ୍ୱ ପୋଲିଓ ଦିବସ ପାଳିତ



**କଟକ,୨୮।୬/ଏନ୍ଏନ୍ଏସ୍:** ବିଶ୍ୱ ପୋଲିଓ ଦିବସ ଅବସରରେ ରବିବାର ଚାଉଳିଆଗଂଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସହ ପୋଲିଓ ଟିକାକରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ପୋଲିଓକୁ ଜୟ କରିବା ପାଇଁ 'ପ୍ରତ୍ୟେକ ଥର ଦୁଇବୁନ୍ଦା' ବାର୍ତ୍ତାକୁ ନେଇ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା ଏବଂ ୫ବର୍ଷରୁ କମ ବୟସର ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ସିଏମସି କମିଶନର କିରଣଦୀପ କୌର ସହୋତା, ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡଃ ସତ୍ୟବ୍ରତ ମହାପାତ୍ର, ସିଏମସି ସ୍ୱାସ୍ଥ୍ୟ କମିଟିର ଅଧକ୍ଷା ଦୀପ୍ତିମୟୀ ମୁଳିଆ, ୪୨ନଂ ୱାର୍ଡ଼ କର୍ପୋରେଟର ମୀନା ସାହୁ ଏବଂ କର୍ପୋରେଟର ଟୁଟୁ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ପୋଲିଓ ଟିକା ଖୁଆଇବା ସହ ଅଭିଭାବକମାନଙ୍କୁ ପୋଲିଟିକା ନିୟମିତ ଦେବା ପାଇଁ ଆହ୍ୱାନ ଦେଇଥିଲେ। ବକ୍ତାମାନେ କହିଥିଲେ ଯେ ପୋଲିଓମୁକ୍ତ ସମାଜ ଗଠନ ପାଇଁ ପ୍ରତ୍ୟେକ ଶିଶୁଙ୍କୁ ନିର୍ଦ୍ଧାରିତ ସମୟରେ ପୋଲିଓ ଟିକା ଦେବା ଅତ୍ୟନ୍ତ ଜରୁରୀ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ କର୍ମୀ ଏବଂ ବହୁ ଅଭିଭାବକ ଯୋଗଦେଇ ଅଭିଯାନକୁ ସଫଳ କରିଥିଲେ।

## ବିଶ୍ୱ କ୍ୟାଡେଟ୍ ଚେସ୍: ସାତ୍ୱିକଙ୍କୁ କାଂସ୍ୟ




**କଟକ,୨୮।୬/ଏନ୍ଏନ୍ଏସ୍:** ଜର୍ଜିଆର ବାତୁମିରେ ଅନୁଷ୍ଠିତ ବିଶ୍ୱ କ୍ୟାଡ଼େଟ ଚେସ ଚମ୍ପିଆନସିପରେ ଚମକିଛନ୍ତି ଭାରତୀୟ ଖେଳାଳି। ଭାରତୀୟ ଖେଳାଳିମାନେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ସହ ୪ଟି ପଦକ ଜିତିଛନ୍ତି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ଖେଳାଳି ସାତ୍ୱିକ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ସାତ୍ୱିକ ୧୦ ବର୍ଷରୁ କମ ଓପନ ବର୍ଗରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୧୨ ବର୍ଷରୁ କମ ବାଳିକା ବର୍ଗରେ ଦିଭି ବ୍ରିଜେଶ ସ୍ୱର୍ଣ୍ଣ, ୧୦ ବର୍ଷରୁ କମ ଓପନବର୍ଗରେ ସବ୍ରାର୍ଥୋ ମଣି ରୌପ୍ୟ ଓ ୮ ବର୍ଷରୁ କମ ବାଳିକା ବର୍ଗରେ ସାଇଆସ୍ଥା ସିଂହ କାଂସ୍ୟ ପଦକ ଜିତିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ପଦକ ବିଜେତା ଖେଳାଳି ସେମାନଙ୍କ ପିତାମାତା ପ୍ରଶିକ୍ଷକଙ୍କୁ ନିଖିଳ ଓଡ଼ିଶା ଚେସ ଆସୋସିଏନର ସଭାପତି ସତ୍ୟରଂଜନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଆର୍‌ଏମ୍ ସ୍କୁଲ୍‌ରେ ଯୋଗ ଶିବିର

**କଟକ,୨୮।୬/ଏନ୍ଏନ୍ଏସ୍:** କୁଲସରିତୁଆଁସ୍ଥିତ ଆରଏମ୍(ରେକି ମିଶନ) ସ୍କୁଲ ପ୍ରାଙ୍ଗଣରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ଏକ ସପ୍ତାହବ୍ୟାପୀ ଯୋଗ ସଚେତନତା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟ ବିଜ୍ଞାନୀଗୁରୁ ଶ୍ରୀସନ୍ତଙ୍କ ନିର୍ଦ୍ଦେଶକ୍ରମେ ଏବଂ ବିଦ୍ୟାଳୟର ଉପାଧକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରିଥିଲେ। ଏହା ସହିତ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ, ଶାରୀରିକ ସୁସ୍ଥତା, ମାନସିକ ଦୃଢ଼ତା, ଏକାଗ୍ରତା ଓ ଉତ୍ତମ ଚରିତ୍ର ଗଠନରେ ଯୋଗର ଭୂମିକା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ସପ୍ତାହବ୍ୟାପି ଚାଲିଥିବା ଏହି ଶିବିରରେ ସଂଯୋଜକ ଆର ପି ସିଂ ଓ ଭାରତ ଭୂଷଣ ରାୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଏହି ଶିବିରରେ ଶିକ୍ଷୟତ୍ରୀ ପ୍ରିୟତମା ସ୍ୱାଇଁ, ବର୍ଷା ମୂଳିଆ, ଅଲିଭା ଦଳାଇ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ତୃପ୍ତିମୟୀ ନାୟକ, ସ୍ମୃତିପ୍ରଜ୍ଞା ମହାପାତ୍ର, ସୁଜାତା ପ୍ରଧାନ ଓ ରାଜଲକ୍ଷ୍ମୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହାପୁରୁଷ ଅଚ୍ୟୁତାନନ୍ଦ ମହାପ୍ରୟାଣ ଦିବସ ଓ ଦେବସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତି

**କଟକ,୨୮।୬/ଏନ୍ଏନ୍ଏସ୍:** ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମହାପ୍ରୟାଣ ଦିବସ ଏବଂ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ନେମାଳ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ କଟକଣା ଜାରି କରାଯାଇଛି। ଭକ୍ତମାନଙ୍କ ସୁରକ୍ଷିତ ଓ ସୁବିଧାଜନକ ଯାତାୟତ ସହ ଟ୍ରାଫିକ ଜନିତ ସମସ୍ୟାକୁ ଏଡାଇବା ପାଇଁ ଏହି କଟକଣା ବଳବତ୍ତର ରହିବ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଦ୍ୱାରା ଜାରି ଆଦେଶ ଅନୁଯାୟୀ, ଦେବସ୍ନାନ ପୂର୍ଣ୍ଣିମା ଅବସରରେ କଟକ ଜିଲ୍ଲା ସମେତ ପଡୋଶୀ ଜିଲ୍ଲାଗୁଡ଼ିକରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ନେମାଳ ପୀଠକୁ ଆସିବେ। ଏହାକୁ ଦୃଷ୍ଟିରେ ରଖି ମୋଟର ଯାନ ଆଇନ ୧୯୮୮ର ଧାରା ୧୧୫ ଏବଂ ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ ର ନିୟମ ୧୭୩ ଅନୁଯାୟୀ ଏହି ଟ୍ରଫିକ ବ୍ୟବସ୍ଥା ଲାଗୁ କରାଯାଇଛି। ଟ୍ରାଫିକ ଜାମକୁ ଏଡାଇବା ପାଇଁ ଶ୍ରଦ୍ଧାଳୁମାନଙ୍କ ନିର୍ବିଘ୍ନ ଯାତାୟତ ଓ ନେମାଳ ପୀଠରେ ସୁରକ୍ଷିତ ଦର୍ଶନ ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ଜିଲ୍ଲାପ୍ରଶାସନ ପକ୍ଷରୁ ମାଲବାହୀ ଯାନ ଚାଳକମାନଙ୍କୁ ଏହି ସମୟ ମଧ୍ୟରେ ବିକଳ୍ପ ମାର୍ଗ ବ୍ୟବହାର କରିବା ସହ ପୋଲିସ ଓ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ସାଧାରଣ ଲୋକ ଏବଂ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ସୁବିଧା ଓ ଶୃଙ୍ଖଳିତ ଟ୍ରାଫିକ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ଶ୍ରୀମନ୍ଦିରରେ ସେନାପଟା ଲାଗି ସମ୍ପନ୍ନ



**ପୁରୀ,୨୮।୬/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥାରୂଢ଼ ଶ୍ରୀଗୁଣ୍ଡିଚା ଯାତ୍ରା ପୂର୍ବରୁ ସମ୍ପାଦିତ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ରୀତିକାନ୍ତି ମଧ୍ୟରେ ଆଜି ରବିବାର ଦିନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପବିତ୍ର ସେନାପଟା ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ମହାପ୍ରଭୁଙ୍କ ଆଦ୍ୟଯାତ୍ରା ତଥା ପବିତ୍ର ସ୍ନାନଯାତ୍ରା ଅବସରରେ ଶ୍ରୀଜୀଉମାନେ ପହଣ୍ଡି ହୋଇ ସ୍ନାନମଣ୍ଡପକୁ ବିଜେ କରିବାକୁ ଥିବା ବେଳେ ଏହି ସମୟରେ ତାଙ୍କର ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସେନାପଟା ଏକ ସୁରକ୍ଷା କବଚ ବା ଢାଲ ସଦୃଶ କାର୍ଯ୍ୟ କରିଥାଏ। ସେନାପଟା ଅର୍ଥାତ୍ ଜଣେ ଯୋଦ୍ଧା ବା ସେନାପତିଙ୍କ ଭଳି ପୋଷାକ, ଯାହା ମହାପ୍ରଭୁଙ୍କ ଲହୁଣୀ ଠାରୁ କୋମଳ ଶ୍ରୀଅଙ୍ଗକୁ ପହଣ୍ଡି ସମୟରେ ବାହ୍ୟ ଆଘାତରୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖେ। ଏହି ବିଶେଷ ଗୁପ୍ତନୀତି ଅନୁଯାୟୀ ଶ୍ରୀଅଙ୍ଗରେ ପାଟପଡନି ଦିଆଯିବା ସହ ବଉଳ କାଠରେ ନିର୍ମିତ ଏକ ସ୍ୱତନ୍ତ୍ର ଆବରଣ ଦ୍ୱାରା ଶ୍ରୀବିଗ୍ରହମାନଙ୍କୁ ଆଚ୍ଛାଦିତ କରାଯାଇଥାଏ। ଶ୍ରୀମନ୍ଦିରର ସନାତନ ପରମ୍ପରା ମୁତାବକ ପତି ମହାପାତ୍ର ଏବଂ ଦଇତାପତି ସେବକମାନଙ୍କ ଦ୍ୱାରା ଏହି ସେନାପଟା ଓ ବାହୁଟ କଷ୍ଟ ନୀତି ଅତ୍ୟନ୍ତ ନିଷ୍ଠାର ସହ ସମ୍ପନ୍ନ ହୋଇଛି।

## ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସହଜ ପ୍ରବେଶ ବ୍ୟବସ୍ଥା ନେଇ ଆଲୋଚନା

**ପୁରୀ,୨୮।୬/ଏନ୍ଏନ୍ଏସ୍:** ଶ୍ରୀମନ୍ଦିରରେ ପୁରୀ ସହରବାସୀଙ୍କ ପାଇଁ ସହଜ ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତଥା ଭାରତୀୟ ଜନତା ପାର୍ଟି (ବିଜେପି)ର ସଦସ୍ୟ ଡକ୍ଟର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ସହ ସକରାତ୍ମକ ଆଲୋଚନା ସରିଥିବା ବେଳେ, ପୁରୀର ଗ୍ରାମଦେବତା ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ଥାନୀୟ ଲୋକଙ୍କ ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଏକ ବିଧିବଦ୍ଧ ବ୍ୟବସ୍ଥା ଘୋଷଣା କରାଯାଉ ବୋଲି ଦଳ ଦାବି କରିଛି। ଏଥିସହ ଭାରତୀୟ ଜନତା ପାର୍ଟିର ଏହି ଶୀର୍ଷ ନେତୃତ୍ୱ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସହଜ ପ୍ରବେଶ ପ୍ରକ୍ରିୟାକୁ ତୁରନ୍ତ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ କରନ୍ତୁ ବୋଲି ପ୍ରତିନିଧି ଦଳ ପକ୍ଷରୁ ପ୍ରକାଶ କରାଯାଇଛି।

## ରାଣୀହାଟ କେନାଲ ରୋଡ୍‌ରେ ଖାଦ୍ୟ ବଣ୍ଟନ

**କଟକ,୨୮।୬/ଏନ୍ଏନ୍ଏସ୍:** ରାଣୀହାଟସ୍ଥିତ କେନାଲ ରୋଡରେ ସମାଜସେବୀ କ୍ରିଷ୍ଣା ରାଓଙ୍କ ନେତୃତ୍ୱରେ ଆଜି ଏକ ହଜାରରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଆଜି ମାସର ଶେଷ ରବିବାର ହୋଇଥିବାରୁ ରାଣୀହାଟ ଅଞ୍ଚଳର ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଫଳସ୍ୱରୂପ କଟକର ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମାନେ ଖାଦ୍ୟ ଯୋଗଡ କରିବାରେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଥିଲେ। ଏସବୁ ସମସ୍ୟାକୁ ଅନୁଭବ କରି ସମାଜସେବୀ ଶ୍ରୀ ରାଓ ଗତ ଏପ୍ରିଲ ମାସରୁ ନିଃସ୍ୱାର୍ଥପର ଭାବେ ଏହି ସେବା କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ଦିନରେ ମଧ ଏହି ସେବା କାର୍ଯ୍ୟକ୍ରମକୁ ଜାରି ରଖାଯିବ ବୋଲି ସମାଜସେବୀ ଶ୍ରୀ ରାଓ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହଯୋଗୀ ସନ୍ତୋଷ ରାଓ, ପଙ୍କଜ ଅଗ୍ରହରି, କାଳନ୍ଦୀ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଚନ୍ଦ୍ରଭାଗା କୂଳରେ ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣ

# ଦୁଇ ଭାଇ ଗୁରୁତର, ଅଚଳ ସିସିଟିଭି ପାଇଁ ତଦନ୍ତରେ ବାଧା



**କୋଣାର୍କ,୨୮।୬/ଏନ୍ଏନ୍ଏସ୍:** ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ ମିନିଟ୍ ସମୟରେ କୋଣାର୍କ ଚନ୍ଦ୍ରଭାଗା ସମୁଦ୍ର କୂଳରେ କେତେକ ଅଜଣା ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ସ୍ଥାନୀୟ ଧନିତ୍ରୀ ଗ୍ରାମର ଦୁଇ ଭାଇ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଧନିତ୍ରୀ ଗ୍ରାମର ରଶ୍ମିରଞ୍ଜନ ବେହୁରା ଓ ତାଙ୍କ ସାନ ଭାଇ କମଳ ଲୋଚନ ବେହୁରାଙ୍କ ସମେତ ୪ ଜଣ ଗୋପ ଥାନା ଅଧୀନ ନାଗପୁରଠାରେ ଏକ ବିବାହ ଭୋଜି ସାରି କାର୍‌ରେ ଫେରୁଥିଲେ। ଚନ୍ଦ୍ରଭାଗାଠାରେ କାର୍ ରଖି ଦୁଇ ଭାଇ ସମୁଦ୍ର ଦେଖୁଥିବା ବେଳେ ଅଚାନକ ଦୁଇଟି କାର୍‌ରେ ୧୦ରୁ ଊର୍ଦ୍ଧ୍ୱ ଅଜଣା ବ୍ୟକ୍ତି ଆସି ଲୁହା ରଡ୍‌ରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରଶ୍ମିରଞ୍ଜନଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିଥିବା ବେଳେ କମଳ ଲୋଚନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ଚିତ୍କାର ଶୁଣି କାରେ ଶୋଇଥିବା ଅନ୍ୟ ଦୁଇ ସାଥୀ ସେମାନଙ୍କୁ ଉଦ୍ଧାର କରି କାର୍ ଭିତରେ ରଖିବା ସହ ୧୧୨ ଜରୁରୀକାଳୀନ ନମ୍ବରକୁ କଲ୍ କରି ସହାୟତା ମାଗିଥିଲେ।

ଖବର ପାଇ କୋଣାର୍କ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ଦୁର୍ବୃତ୍ତମାନେ ନିଜ କାର୍ ଯୋଗେ ପୁରୀ ଅଭିମୁଖେ ଫେରାର ହୋଇଯାଇଥିଲେ। ପୁଲିସ ଆହତମାନଙ୍କୁ ପ୍ରଥମେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ପୁରୀ ମେଡିକାଲ ଏବଂ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରିଛି। ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ କୋଣାର୍କ ପୁଲିସ ୧୯୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଏକ ନାଲି ରଙ୍ଗର କାର୍ ସମ୍ପୃକ୍ତ ଥିବା ଜଣାପଡ଼ିଛି। ମାତ୍ର କୋଣାର୍କ ଓ ଚନ୍ଦ୍ରଭାଗାରେ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିବା ସମସ୍ତ ସିସି କ୍ୟାମେରା (ଧାରଣ ଚିତ୍ର ଗ୍ରହଣ ଯନ୍ତ୍ର) ଦୀର୍ଘଦିନ ହେବ ଅଚଳ ପଡ଼ିଥିବାରୁ ପୁଲିସକୁ ତଦନ୍ତରେ ବେଶ୍ କଷ୍ଟ କରିବାକୁ ପଡୁଛି। ପୁଲିସ ଏବେ ଜାତୀୟ ରାଜପଥ ଓ ବେଳାମାର୍ଗର ଅନ୍ୟ ସିସି କ୍ୟାମେରା ଆଧାରରେ ଟିକିନିକି ଯାଞ୍ଚ କରୁଛି ଏବଂ ଖୁବ୍ ଶୀଘ୍ର ଦୁର୍ବୃତ୍ତମାନେ ଧରାଯିବେ ବୋଲି କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ରରେ ସିସିଟିଭି ଅଚଳ ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।

### ଯୁବକଙ୍କୁ ଶ୍ୱଶୁର ଘର ଲୋକଙ୍କ ମରଣାନ୍ତକ ଆକ୍ରମଣ

# ଚିକିତ୍ସା ଅଭାବରୁ ଅବସ୍ଥା ସଙ୍କଟାପନ୍ନ

**ନୟାଗଡ଼,୨୮।୬/ଏନ୍ଏନ୍ଏସ୍:** ନୟାଗଡ଼ ସଦର ଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ଜଣେ ମାନସିକ ଦିବ୍ୟାଙ୍ଗ ଯୁବକଙ୍କୁ ପୂର୍ବ ଯୋଜନା ମୁତାବକ ମରଣାନ୍ତକ ଆକ୍ରମଣ କରାଯାଇଥିବା ବେଳେ ଏବେ ସେ ଉପଯୁକ୍ତ ଚିକିତ୍ସା ନପାଇ ନିଜ ଘରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଗ୍ରାମର ଗୋବିନ୍ଦ ମହାନ୍ତି ପାଲାଗୁଣ୍ଠୁଣି ଗ୍ରାମର ବିଦ୍ୟାଧର ଦାଶଙ୍କ ଝିଅ ପୁଷ୍ପାଞ୍ଜଳିଙ୍କୁ ବିବାହ କରିଥିଲେ। ପାରିବାରିକ ବିବାଦ ଯୋଗୁଁ ସ୍ତ୍ରୀ ପିଲାଙ୍କୁ ନେଇ ନୟାଗଡ଼ ସହରରେ ଅଲଗା ରହୁଥିବା ବେଳେ ଗୋବିନ୍ଦ ମାନସିକ ସନ୍ତୁଳନ ହରାଇ ବସିଥିଲେ। ଗତ ୧୮ ତାରିଖରେ ସେ ଶ୍ୱଶୁର ଘର ପାଲାଗୁଣ୍ଠୁଣି ଯାଇଥିବା ବେଳେ ୧୯ ତାରିଖ ସକାଳେ ତାଙ୍କୁ ସେଠାକାର ମୌଜାରୁ ରକ୍ତାକ୍ତ ଓ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ହାତ ଓ ଗୋଡ଼କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଗୋବିନ୍ଦଙ୍କ ଭାଇ ମଧୁସୂଦନ ମହାନ୍ତି ଇଟାମାଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ପଛରେ ଶ୍ୱଶୁର ବିଦ୍ୟାଧର ଦାଶ, ସ୍ତ୍ରୀ ପୁଷ୍ପାଞ୍ଜଳି, ଶାଶୂ ଉଷା ଦାଶ ଏବଂ ଶଳା ତପନ କୁମାର ଦାଶଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି।

### ଗିରଫ ଦାବିରେ ପୁଲିସକୁ ଗ୍ରାମବାସୀଙ୍କ ଚେତାବନୀ

ଆହତ ଯୁବକଙ୍କୁ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପରେ ଭୁବନେଶ୍ୱର ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଓ ଶେଷରେ କଟକ ବଡ଼ ଡାକ୍ତରଖାନା (ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ)କୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ମାନସିକ ଅବସ୍ଥା ସ୍ଥିର ନଥିବାରୁ ଗତ ୨୨ ତାରିଖରେ ଡାକ୍ତର ତାଙ୍କୁ ଚିକିତ୍ସା ପରେ ଡିସଚାର୍ଜ କରିଦେଇଛନ୍ତି। ବର୍ତ୍ତମାନ ଯୁବକ ଜଣକ ଅତି ସଙ୍କଟାପନ୍ନ ଅବସ୍ଥାରେ ନିଜ ଘରେ ପଡ଼ିରହିଥିବା ବେଳେ ଆଘାତପ୍ରାପ୍ତ ହାତଟି ପଚିଗଲାଣି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ଘଟଣାକୁ ସପ୍ତାହେ ବିତିଥିଲେ ବି ପୁଲିସ କୌଣସି ପଦକ୍ଷେପ ନେଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଦିନ ଇଟାମାଟି ଥାନାର ଜଣେ ମହିଳା ଅଧିକାରୀ ତଦନ୍ତ ପାଇଁ ଗ୍ରାମକୁ ଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାନଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ସିଧାସଳଖ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ, ଏହି ପ୍ରସଙ୍ଗରେ ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ।



ଗଜାନନ ବେଶ ପାଇଁ ସାଜସଜା ପ୍ରସ୍ତୁତିରେ ନିମଗ୍ନ କାରିଗର





ସ୍ନାନପୂର୍ଣ୍ଣିମା: ଭକ୍ତଙ୍କ ଗହଳି ଚହଳିରେ ଫାଟି ପଡୁଛି ବଡ଼ଦାଣ୍ଡ

# ମୋଦୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପୂରା ବିଶ୍ୱରେ ଅନନ୍ୟ: ମନମୋହନ

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ପ୍ରତିଥର ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ୧୩୫ ତମ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଉପଲବ୍ଧି ବିଷୟରେ କହିଛନ୍ତି। ପ୍ରଧାନମନ୍ତ୍ରୀ ଏକ ମାତ୍ର ରାଷ୍ଟ୍ରମୁଖ୍ୟ ଯିଏକି ବିଶ୍ୱରେ ଏଭଳି ଅନନ୍ୟ କାର୍ଯ୍ୟକ୍ରମ କରୁଛନ୍ତି। ପୂରା ଦେଶର ଚିତ୍ରକୁ ଜନସାଧାରଣଙ୍କ ଆଗରେ 'ମନ୍ କୀ ବାତ୍' ମାଧ୍ୟମରେ ରଖୁଛନ୍ତି। ଖେଳଠାରୁ ଆରମ୍ଭ କରି, ଐତିହ୍ୟ, ପରମ୍ପରା ବିଷୟରେ ଦେଶବାସୀଙ୍କୁ ଅବଗତ କରାଇବା ସହ ସାଧାରଣ ଲୋକଙ୍କ ଦକ୍ଷତା ଓ ଯୋଗ୍ୟତାକୁ ପ୍ରଶଂସା କରୁଛନ୍ତି। ଯିଏ ନିଷ୍ଠା ଓ ଧୈର୍ଯ୍ୟର ସହ କାମ କରୁଛି, ତା'ର ତପସ୍ୟା, ସାଧନା, ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସେମାନଙ୍କ ବିଷୟକୁ ଲୋକଲୋଚନକୁ ଆଣି ପ୍ରଧାନମନ୍ତ୍ରୀ ସେମାନଙ୍କୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରୁଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମ ପୂରା ବିଶ୍ୱରେ ଅନନ୍ୟ ବୋଲି ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬ ନମ୍ବର ବୁଥ୍‌ରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିବା ପରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ



ସାମଲ ଆହୁରି କହିଛନ୍ତି ଯେ, ଆଜିର ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ସୁରକ୍ଷା କ୍ଷେତ୍ରରେ ଦେଶର ଉପଲବ୍ଧି, ସ୍ୱଦେଶୀ ଜ୍ଞାନ କୌଶଳ, ଯୋଗରେ ଭାରତର ସଫଳତା, ବର୍ଷା ଜଳ ସଂରକ୍ଷଣ, ସ୍ୱଦେଶୀ ମାଟିରେ ପ୍ରଭୁ ଶ୍ରୀ ଗଣେଶଙ୍କ ମୂର୍ତ୍ତି ନିର୍ମାଣ, ଆସାମର ହର୍ଗିଲା ପକ୍ଷୀ ସଂରକ୍ଷଣ, ମେଘାଳୟର ନୈସର୍ଗିକ ସୌନ୍ଦର୍ଯ୍ୟ, ରୁଟ୍ ବ୍ରିଜ, ନାଗାଲାଣ୍ଡର ବେବି ଲିଗ୍, ମଧ୍ୟପ୍ରଦେଶରେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଆଦି ପ୍ରସଙ୍ଗ ଉଠାଇ ଭାରତର ବିବିଧ ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦ ବିଷୟରେ ଦେଶବାସୀଙ୍କୁ ଅନୁପ୍ରାଣିତ କରିଛନ୍ତି। ଏଥିସହ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଏଆଇ, ଡାଟାସାଇନ୍ସ କୋର୍ସ ଆରମ୍ଭ, ନାଳନ୍ଦା ବିଶ୍ୱବିଦ୍ୟାଳୟ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଆଦି ବିଷୟରେ ଆଲୋଚନା କରି ଆତ୍ମନିର୍ଭରଶୀଳ, ସୁସ୍ଥ, ସଶକ୍ତ ଓ ବିକଶିତ ଭାରତ ଗଢ଼ିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ।

ଅପରପକ୍ଷେ ସ୍ୱର୍ଗତଃ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକ ପୂର୍ତ୍ତି ୬ ଜୁଲାଇରେ ପଡୁଥିବାରୁ ତାଙ୍କ ସ୍ମୃତିରେ ୨୩ ଜୁନ୍ (ବଳିଦାନ ଦିବସ)ରୁ ୬ ଜୁଲାଇ (ଜନ୍ମଦିବସ) ପର୍ଯ୍ୟନ୍ତ ସ୍ମୃତିପକ୍ଷ ପାଳନ କରାଯାଉଛି। ଏନେଇ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରୀ ସାମଲଙ୍କ ସମେତ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ମୁଖପାତ୍ର ତପନ କୁମାର ଚାନ୍ଦ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ମଣ୍ଡଳ ସଭାପତି ବିଭୁତି ଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ମନ୍ କୀ ବାତ୍ ସମାଜରେ ସକାରାତ୍ମକ ପରିବର୍ତ୍ତନର ଜନଆନ୍ଦୋଳନ'

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କେନ୍ଦ୍ରାପଡ଼ାରେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଗାଡ଼ିରେ ଯାଉଥିବା ସମୟରେ, ମୋବାଇଲ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ, ପରିବେଶ ସୁରକ୍ଷା ପାଇଁ ଜନଭାଗିଦାରୀ, ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରାଚୀନ ଜ୍ଞାନ ପରମ୍ପରା, ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ଇକୋ-ବ୍ରିକ୍ସ' ନିର୍ମାଣ ଏବଂ ଗଣେଶ ଉତ୍ସବ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରେରଣାଦାୟୀ ବିଚାର ଉପରେ ଆଲୋଚନା କରିଛନ୍ତି । 'ମନ୍ କୀ ବାତ୍' ଆଜି କେବଳ ଏକ ରେଡ଼ିଓ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏକ ସଶକ୍ତ ଜନଆନ୍ଦୋଳନର ରୂପ ନେଇଛି, ଯାହା ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଆମ ସମସ୍ତଙ୍କୁ ମିଳିମିଶି 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସିଦ୍ଧି ପାଇଁ କାର୍ଯ୍ୟ କରିବାକୁ ଏକ ନୂଆ ଶକ୍ତି ପ୍ରଦାନ କରିଛି। ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରି ଜ୍ଞାନ, ସଂବାଦ ଏବଂ ଅନୁଶାସିତ ତର୍କର ସଂସ୍କୃତିକୁ ଆଗକୁ ବଢ଼ାଉଛି। ଏହି ପରମ୍ପରା ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଏବଂ ବିଚାରର ସୁସ୍ଥ ଆଦାନପ୍ରଦାନ କରିବାର ଏକ ମାଧ୍ୟମ। ନାଳନ୍ଦାର ଏହି ପ୍ରୟାସ ଆମର ଗୌରବମୟ ବୌଦ୍ଧିକ ଐତିହ୍ୟକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେହିପରି ଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା



ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡାଟା ସାଇନ୍ସ (ଡାଟା ସାଇନ୍ସ) ଭଳି ଆଧୁନିକ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମର ଆରମ୍ଭ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ଏହି ଅଭିନବ ପ୍ରୟାସ ଭାରତର ପ୍ରାଚୀନ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତିର ସମନ୍ୱୟକୁ ସୁଦୃଢ଼ କରିବ। ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକ ପାଇଁ ନୂତନ ଏଆଇ ସମାଧାନ ପ୍ରସ୍ତୁତ କରାଯାଇପାରିବ ଏବଂ ଆମର ପ୍ରାଚୀନ ଗ୍ରନ୍ଥ ଓ ପାଣ୍ଡୁଲିପିଗୁଡ଼ିକର ସଂରକ୍ଷଣ ପାଇଁ ଏକ ନୂଆ ଦିଗ ମିଳିବ । ପରମ୍ପରା ଓ ଜ୍ଞାନକୌଶଳର ଏହି ମେଳ ଭବିଷ୍ୟତର ଜ୍ଞାନ ସମାଜକୁ ଅଧିକ ସମୃଦ୍ଧ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ହେବ ଅଗ୍ନି ନିରାପତ୍ତା ଯାଞ୍ଚ

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍ଡମା) ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଏବଂ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଅଗ୍ନି ନିରାପତ୍ତା ପ୍ରସ୍ତୁତିର ତୁରନ୍ତ, ସମୀକ୍ଷା ଏବଂ ଅଡିଟ୍ କରିବାକୁ ବାଧ୍ୟତାମୂଳକ କରିଛି। ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣା ପରେ ଏହି ସକ୍ରିୟ ନିର୍ଦ୍ଦେଶନାମା ଆସିଛି, ଯାହା ଶୂନ୍ୟ-ଆପୋଷ ସୁରକ୍ଷା ଅନୁପାଳନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଗୁରୁତ୍ୱାରୋପ କରେ। ସମସ୍ତ ଜିଲ୍ଲା ପାଳଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ର ଅଧ୍ୟକ୍ଷମାନଙ୍କୁ ଜାରି କରାଯାଇଥିବା ଏକ ସରକାରୀ ନିର୍ଦ୍ଦେଶନାମାରେ, ଓସଡମା ର ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଗୁରୁତ୍ୱାରୋପ କରିଛନ୍ତି ଯେ ଛାତ୍ର, ପ୍ରଶିକ୍ଷାର୍ଥୀ, ଅଧ୍ୟାପକ ଏବଂ ସହାୟକ କର୍ମଚାରୀଙ୍କ ସୁରକ୍ଷା ସର୍ବୋପରି ରହିଛି। ନୂତନ ଶିକ୍ଷା ଅଧିବେଶନ ଆରମ୍ଭ ହେବା ସହିତ, ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ, ୨୦୧୭, ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା (ସଂଶୋଧନ) ନିୟମ, ୨୦୨୫ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ସୁରକ୍ଷା ନିୟମାବଳୀର ବ୍ୟବସ୍ଥାଗୁଡ଼ିକର କଠୋର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ତୁରନ୍ତ କ୍ଷେତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଦେଶ ଅନୁଯାୟୀ, ଭିତ୍ତିଭୂମି ଦୁର୍ବଳତା ଦୂର କରିବା ପାଇଁ, ଜିଲ୍ଲା ପ୍ରଶାସନଗୁଡ଼ିକ ସମସ୍ତ କ୍ୟାମ୍ପସରେ ଏକ ତୁରନ୍ତ, ବ୍ୟାପକ ଯାଞ୍ଚ ଅଭିଯାନ ଆରମ୍ଭ କରିବେ, ଉଚ୍ଚ-ବିପଦପୂର୍ଣ୍ଣ ବହୁମହଲା କମ୍ପ୍ଲେକ୍ସ ଏବଂ ଜନଗହଳିପୂର୍ଣ୍ଣ ସହରାଞ୍ଚଳ ସ୍ଥାନଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବେ। ମିଳିତ ଯାଞ୍ଚ ଦଳଗୁଡ଼ିକ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ପାଳନକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟମାନ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ କୌଣସି ଆପତ୍ତି ପ୍ରମାଣପତ୍ରର ବୈଧତାକୁ ସତର୍କତାର ସହିତ ଯାଞ୍ଚ କରିବେ। ଭୂମିରେ, ଦଳଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଉପକରଣ – ଯେପରିକି ଅଗ୍ନି ନିର୍ବାପକ, ଧୂମ ଚିହ୍ନଟକାରୀ, ସ୍ୱୟଂଚାଳିତ ଆଲାର୍ମ ଏବଂ ଜରୁରୀକାଳୀନ ଆଲୋକ ବ୍ୟବସ୍ଥାର କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ସର୍ଟ-ସର୍କିଟ୍ ବିପଦ ଦୂର କରିବା ପାଇଁ ବୈଦ୍ୟୁତିକ ସଂସ୍ଥାପନର ବାଧ୍ୟତାମୂଳକ ସମୟସୀମା ରକ୍ଷଣାବେକ୍ଷଣ ସହିତ ଶ୍ରେଣୀଗୃହ, କରିଡର କିମ୍ବା ପଳାୟନ ପଥଗୁଡ଼ିକରେ ଦହନଶୀଳ ସାମଗ୍ରୀ ସଂରକ୍ଷଣ ଉପରେ ମଧ୍ୟ ନିଷେଧ ଲାଗୁ କରାଯାଇଛି।

ପ୍ରତ୍ୟେକ ସୁବିଧାକୁ ପର୍ଯ୍ୟାପ୍ତ ନିରାପଦ ପ୍ରସ୍ଥାନ ପ୍ରଚଳନ କରିବାକୁ ପଡ଼ିବ, ସ୍ୱତନ୍ତ୍ର ପ୍ରସ୍ଥାନ ସାଇନ୍ଏଜ୍ ପ୍ରଦର୍ଶନ କରିବାକୁ ପଡ଼ିବ। ନିର୍ଦ୍ଦେଶନାମା ଜୋର ଦେଇଥାଏ ଯେ ଜରୁରୀକାଳୀନ ସମୟରେ ଭୌତିକ ପଳାୟନ ପଥଗୁଡ଼ିକ ପ୍ରଥମ ପ୍ରତିରକ୍ଷା ଧାଡ଼ି। ସ୍ଥାନୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଉଚିତ ଯେ ସମସ୍ତ ପ୍ରାଥମିକ ପ୍ରସ୍ଥାନ ପଥ, ସିଡ଼ି, କରିଡର ଏବଂ ଜରୁରୀକାଳୀନ ପଳାୟନ ପଥଗୁଡ଼ିକ ସର୍ବଦା ସମ୍ପୂର୍ଣ୍ଣ ଭାବରେ ଅବାଧିତ ଏବଂ ଅବିଚଳିତ ରହିବେ। ଅନୁଷ୍ଠାନଗୁଡ଼ିକୁ ସ୍ୱଷ୍ଟ ଭାବରେ ପ୍ରସ୍ଥାନ ପଥ, ନିର୍ଦ୍ଦିଷ୍ଟ ଖୋଲା ସଭା ସ୍ଥାନ ଏବଂ ଜରୁରୀକାଳୀନ ଯୋଗାଯୋଗ ନମ୍ବର ଆଡକୁ ସୂଚିତ ପର୍ଯ୍ୟାପ୍ତ ସାଇନେଜ୍ ସ୍ଥାପନ କରିବାକୁ ପଡ଼ିବ। ଏହା ସହିତ, ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍କାସନ ପଥ ସହିତ ଅବସ୍ଥିତ ସମସ୍ତ ଦ୍ୱାର ବାହାରକୁ ଖୋଲିବା ଉଚିତ ଏବଂ ସଙ୍କଟ ସମୟରେ ସହଜରେ ପହଞ୍ଚିବା ପାଇଁ ବିନ୍ୟାସିତ ହେବା ଉଚିତ।

ସକ୍ରିୟ ପ୍ରସ୍ତୁତିର ସଂସ୍କୃତି ଗଠନ ରାଜ୍ୟର ସୁରକ୍ଷା ରଣନୀତିର କେନ୍ଦ୍ରବିନ୍ଦୁ। ଶିକ୍ଷାଗତ ଏବଂ ତାଲିମ ପ୍ରତିଷ୍ଠାନଗୁଡ଼ିକୁ ଛାତ୍ର, ପ୍ରଶିକ୍ଷାର୍ଥୀ, ଶିକ୍ଷକ, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ପାଇଁ ନିୟମିତ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରି ନିଷ୍କ୍ରିୟ ଅନୁପାଳନରୁ ସକ୍ରିୟ ପ୍ରସ୍ତୁତିକୁ ପରିବର୍ତ୍ତନ କରିବାକୁ ପଡିବ, ବିଶେଷତଃ ପ୍ରତି ତ୍ରୟମାସିକରେ। ଏହି ପ୍ରୟାସଗୁଡ଼ିକୁ ଅଗ୍ନିଶମ ସେବା କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ସହିତ ସିଧାସଳଖ ସମନ୍ୱୟରେ ସଂଗଠିତ ସଂରଚିତ, ସାମୟିକ ମକ୍ ଡ୍ରିଲ୍ ଦ୍ୱାରା ସମର୍ଥିତ କରାଯିବ। କ୍ୟାମ୍ପସରେ ଦାୟିତ୍ୱ ବଜାୟ ରଖିବା ପାଇଁ, ପ୍ରତ୍ୟେକ ପ୍ରତିଷ୍ଠାନକୁ ଆନୁଷ୍ଠାନିକ ଭାବରେ ବିଶେଷଜ୍ଞ ଅଗ୍ନି ନିରାପତ୍ତା ୱାର୍ଡେନ ଏବଂ ନୋଡାଲ୍ ଅଧିକାରୀମାନଙ୍କୁ ନିଯୁକ୍ତ ଏବଂ ତାଲିମ ଦେବା ଆବଶ୍ୟକ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ଏହାର ଅନନ୍ୟ ଲେଆଉଟ୍ ଅନୁସାରେ ଏକ ପ୍ରତିଷ୍ଠାନ-ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ନିଷ୍କାସନ ଯୋଜନା ପ୍ରସ୍ତୁତ ଏବଂ ପ୍ରମୁଖ ଭାବରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସ୍ ପ୍ରଶାସକମାନେ ସ୍ଥାନୀୟ ଅଗ୍ନିଶମ ସେବା, ପୋଲିସ, ନିକଟସ୍ଥ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ର ପାଇଁ ନିରନ୍ତର ଅପଡେଟ୍, ସହଜରେ ଉପଲବ୍ଧ ଯୋଗାଯୋଗ ଚ୍ୟାନେଲଗୁଡ଼ିକୁ ବଜାୟ ରଖିବା ଉଚିତ। ସମସ୍ତ ଅଧ୍ୟାପକମାନଙ୍କ ମଧ୍ୟରେ ତୁରନ୍ତ ଜରୁରୀକାଳୀନ ରିପୋର୍ଟିଂ ଏବଂ ଦ୍ରୁତ ଘଟଣା ପ୍ରତିକ୍ରିୟା ପାଇଁ ସ୍ୱଷ୍ଟ, ଆଭ୍ୟନ୍ତରୀଣ ପ୍ରକ୍ରିୟା ସ୍ଥାପନ କରାଯିବା ଆବଶ୍ୟକ।

ଜିଲ୍ଲା ଦଳଗୁଡ଼ିକୁ ଭଡାଟିଆ କୋଠା, ଘନ ବାଣିଜ୍ୟିକ କମ୍ପ୍ଲେକ୍ସ, ବେସମେଣ୍ଟ ଏବଂ ଉଚ୍ଚ ଛାତ୍ର ବାସସ୍ଥାନ ସ୍ତର ପ୍ରଦର୍ଶନ କରୁଥିବା ଯେକୌଣସି ସୁବିଧା ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠାନଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ର ବାସସ୍ଥାନ ପାଇଁ ସମାନ ଯାଞ୍ଚ କରାଯିବା ଆବଶ୍ୟକ, ଏହା ନିଶ୍ଚିତ କରି ଯେ ହଷ୍ଟେଲ ଏବଂ ଆବାସିକ ତାଲିମ କେନ୍ଦ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଅଗ୍ନି ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି ଭାବରେ ପାଳନ କରନ୍ତି। ରାଜ୍ୟ ସରକାର ଏକ ସହଯୋଗୀ, ବହୁ-ଏଜେନ୍ସି ତଦାରଖ ଢାଞ୍ଚା ମାଧ୍ୟମରେ ଏହି ସୁରକ୍ଷା ଅପଡେଟଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ରାଜସ୍ୱ, ଅଗ୍ନିଶମ ସେବା, ଶିକ୍ଷା, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ମିଳିତ ଯାଞ୍ଚ ମାଧ୍ୟମରେ ଜିଲ୍ଲା ସ୍ତରୀୟ ତଦାରଖ ସକ୍ରିୟ ଭାବରେ କାର୍ଯ୍ୟକାରୀ କରାଯିବ। ପର୍ଯ୍ୟାପ୍ତ, କାର୍ଯ୍ୟକ୍ଷମ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବିନା କାର୍ଯ୍ୟ କରୁଥିବା ଯେକୌଣସି ପ୍ରତିଷ୍ଠାନକୁ ତୁରନ୍ତ ନିୟାମକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ ଏବଂ ଏକ କଡ଼ାକଡ଼ି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଶ୍ଚିତ ସଂଶୋଧନମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯିବ। ଓସଡମା ସମସ୍ତ ଜିଲ୍ଲା ପ୍ରଶାସନକୁ ଉପରୋକ୍ତ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ କଡ଼ାକଡ଼ି ଭାବରେ ତଦାରଖ କରିବାକୁ ଅନୁରୋଧ କରିଛି। ଜିଲ୍ଲା କଲେକ୍ଟରମାନେ ଯାଞ୍ଚ କରାଯାଇଥିବା ପ୍ରତିଷ୍ଠାନର ସଂଖ୍ୟା, ତ୍ରୁଟି ସୂଚାଇ ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ଏଟିଆର) ଦାଖଲ କରିବାକୁ ପଡିବ।

**ମାଟି ତଳେ ମୃତ୍ୟୁର ସରଞ୍ଜାମ**

# ଡିଭିଏଫ୍ ଚଢ଼ଉରେ ମାଓ ଡମ୍ପ୍ ଠାବ

**ମାଲକାନଗିରି,୨୮।୬/ଏନ୍ଏନ୍ଏସ୍:** ମାଓବାଦୀଙ୍କ ବଡ଼ ଷଡ଼ଯନ୍ତ୍ର ପଣ୍ଡ। ମାଟି ତଳେ ଲୁଚାଇ ରଖାଯାଇଥିବା ମୃତ୍ୟୁର ସରଞ୍ଜାମକୁ ଠାବ କରିଛନ୍ତି ଡିଭିଏଫ ଯବାନ। ମାଲକାନଗିରି ପୁଲିସ ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ (ଡିଭିଏଫ) ଟିମ୍ ଆଜି ସକାଳେ କାଲିମେଲା ପୁଲିସ୍ ଷ୍ଟେସନ ଅନ୍ତର୍ଗତ ଗୁଣ୍ଡାବାଡା ଏବଂ କଦମଗୁଡାର ଏକ ଘଞ୍ଚ ଜଙ୍ଗଲ ଅଞ୍ଚଳରୁ ପ୍ରମୁଖ ମାଓବାଦୀ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିବାରେ ସଫଳତା ଅର୍ଜନ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଠାରୁ ସୂଚନା ପାଇ ମାଲକାନଗିରି ଡିଭିଏଫ ପୁଲିସ ବାହିନୀ ମାଓ ଡମ୍ପକୁ ଚିହ୍ନଟ କରିଥିଲେ। ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାର ଡଙ୍କରାଇ ପୁଲିସ୍ ଷ୍ଟେସନ ସୀମାରେ ଆଜି ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ଡମ୍ପିଂ କରାଯାଇଥିବା ସମସ୍ତ ମାଓ ସାମଗ୍ରୀ ଗୁଡ଼ିକୁ ଜବତ କରାଯାଇଛି । ଡମ୍ପରୁ ଜବତ ହୋଇଥିବା ବିସ୍ଫୋରଣ ସାମଗ୍ରୀ ମଧ୍ୟରେ ୨ଟି ଏସଏଲଆର ବନ୍ଧୁକ, ୨ଟି ହାତ ତିଆରି ପିସ୍ତଲ, ଗୋଟିଏ ଆମେରିକା ନିର୍ମିତ ପିସ୍ତଲ, ଗୋଟିଏ ୩୦୩ ବନ୍ଧୁକ ବ୍ୟାରେଲ, ୫କିଲୋ ଓ ୨କିଲୋଗ୍ରାମର ଆଇଇଡି, କ୍ଲେମୋର ମାଇନ୍ ଏବଂ ୪ଟି ବିଜିଏଲ ସେଲ, ୭ଟି ୱାକିଟକି, ୩ଟି ଚାର୍ଜର, ୩ଟି ବ୍ୟାଟେରୀ ଏବଂ ୨ଟି ଆଣ୍ଟିନା, ୪୫ଟି ପେନଡ୍ରାଇଭ,



ଗୋଟିଏ ହାର୍ଡଡିସ୍କ, ଗୋଟିଏ ପାୱାର ବ୍ୟାଙ୍କ ଏବଂ ଗୋଟିଏ କି-ବୋର୍ଡ ରହିଛି । ଏଥିସହିତ ୫ଟି କାର୍ଟିଜ, ୪ ମିଟର ଏମସିପି ସୁଇଚ୍ ତାର, ମୋଟରସାଇକେଲ ବ୍ୟାଟେରୀ, ମାଓ ପୋଷାକ ଏବଂ ମେଡିସିନ୍ କିଟ୍ ସହ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ସାଧାରଣ ନାଗରିକ ତଥା ସୁରକ୍ଷା ବାହିନୀ ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯିବା ପାଇଁ ଏହା ଗଚ୍ଛିତ ରଖାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ଏହି କ୍ୟାର୍ଯ୍ୟ ମାଓବାଦୀଙ୍କ (ଆନ୍ଧ୍ର-ଓଡିଶା ସୀମା ସ୍ପେଶାଲ ଜୋନାଲ କମିଟି) କ୍ୟାଡ଼ରଙ୍କ ବୋଲି ଜଣାପଡ଼ିଛି।

ମାଲକାନଗିରି ଜିଲ୍ଲା ମାର୍ଚ୍ଚ ୩୧, ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହେବା ଲକ୍ଷ୍ୟ ହାସଲ କରିଛି। ଜାନୁୟାରୀ ୨୦୨୫ ରୁ ମାର୍ଚ୍ଚ ୩୧, ୨୦୨୬ ମଧ୍ୟରେ ଦୁଇଜଣ ନକ୍ସଲଙ୍କୁ ଗିରଫ କରାଯାଇଥିଲା ଏବଂ ୨୩ ଜଣ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହା ହେଉଛି ଚଳିତ ମାସରେ ଜିଲ୍ଲାରେ ଉଦ୍ଧାର ହୋଇଥିବା ତୃତୀୟ ପ୍ରମୁଖ ମାଓବାଦୀ ଡମ୍ପ। ଜୁନ୍ ୯, ୨୦୨୬ରେ, ମାଥିଲି ଥାନା ସୀମା ଅନ୍ତର୍ଗତ କିର୍ମିଟି ଏବଂ କାଟୁଆପଦର ଜଙ୍ଗଲରେ ସୁରକ୍ଷା ବାହିନୀ ଗୋଟିଏ ଇନସାସ,ଏଲଏମଜି ଦୁଇଟି, ଇନସାସ ରାଇଫଲ, ଆଇଡି, ଗ୍ରେନେଡ, ଡିଟୋନେଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଥିଲେ । ଜୁନ୍ ୧୫ ରେ, ପଡିଆ ଥାନା ସୀମା ଅନ୍ତର୍ଗତ ସିଲାକୋଟା, ପେରୱାଇ ଏବଂ କେସ୍କାଗୁଡା ଜଙ୍ଗଲରେ ହୋଇଥିବା ଅନ୍ୟ ଏକ ଅପରେସନ୍ ତିନୋଟି ଷ୍ଟେନ୍ କାର୍ବାଇନ୍ ବନ୍ଧୁକ, ଗୋଟିଏ ଏସବିଏମ୍ଏଲ୍ ବନ୍ଧୁକ, ପିସ୍ତଲ, ଆଇଇଡି, ୟୁବିଜିଏଲ୍ ଗ୍ରେନେଡ୍, ୱେଲଡିଂ ମେସିନ୍ ଏବଂ ଅନ୍ୟାନ୍ୟ ମାଓବାଦୀ ଆର୍ଟିକିଲ୍ ଜବତ କରାଯାଇଛି। ଭବିଷ୍ୟତରେ ନକ୍ସଲ କାର୍ଯ୍ୟକଳାପର କୌଣସି ସମ୍ଭାବ୍ୟ ପୁନରୁଦ୍ଧାରକୁ ରୋକିବାକୁ ଲକ୍ଷ୍ୟ ରଖି ଲୁଚି ରହିଥିବା ମାଓବାଦୀଙ୍କୁ ତଲାସ କରାଯାଇ ସଂପୂର୍ଣ୍ଣ ଅଞ୍ଚଳକୁ ମାଓ ମୁକ୍ତ କରାଯିବ।




## ଯୁବ ଗୋଷ୍ଠୀଙ୍କ ସ୍ୱଚ୍ଛତା ଅଭିଯାନ



**ପାତ୍ରପୁର,୨୮।୬/ଏନ୍ଏନ୍ଏସ୍:** ଗ୍ରାମର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ଲକ୍ଷ୍ୟ କରି ଗ୍ରାମର ଯୁବକମାନଙ୍କ ପକ୍ଷରୁ ଏକ ସ୍ୱେଚ୍ଛାସେବୀ ସ୍ୱଚ୍ଛତା ଅଭିଯାନ ଜୟନ୍ତିପୁର ପଞ୍ଚାୟତ ଅନ୍ତର୍ଗତ ବୋରିବାଡ ଗ୍ରାମରେ ରବିବାର ଆୟୋଜିତ ହୋଇଛି। ସାମ୍ବାଦିକ ଆଲୁ ଜୟପ୍ରକାଶଙ୍କ ତତ୍ତ୍ୱାବଧାନରେ ଗ୍ରାମର ମନ୍ଦିର ପରିସର, ରାସ୍ତାଘାଟ, ନାଳ ଏବଂ ସର୍ବସାଧାରଣ ସ୍ଥାନରେ ଜମି ରହିଥିବା ଅଳିଆ-ଆବର୍ଜନା ସଫା କରାଯାଇଥିଲା। ଯୁବକମାନେ ଶ୍ରମଦାନ କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ସହ ଗ୍ରାମବାସୀଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଚେତନ କରିଥିଲେ। ଏହି ମହତ୍ କାର୍ଯ୍ୟକୁ ଗ୍ରାମର ବରିଷ୍ଠ ବ୍ୟକ୍ତି ଓ ସାଧାରଣ ଲୋକେ ପ୍ରଶଂସା କରିବା ସହ ଅନ୍ୟ ଯୁବପିଢ଼ିଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି ମତ ପ୍ରକାଶ କରିଛନ୍ତି। ଏଭଳି ସ୍ୱେଚ୍ଛାସେବୀ ଉଦ୍ୟମ ନିୟମିତ ଭାବେ ଜାରି ରହିଲେ ଗ୍ରାମର ସ୍ୱଚ୍ଛତା ସହ ପରିବେଶ ସୁରକ୍ଷା ଏବଂ ସାମାଜିକ ଏକତା ଆହୁରି ସୁଦୃଢ଼ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି। ଆଜିର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଗ୍ରାମର ଗୁଜୁ ବାଲୁ, ଜେ ବିନୟ, ଜି ଶିବା, ଆଲୁ ଯୁବରାଜ, ଭି ପୋଲାୟା, ଆଲୁ ବାଳକୃଷ୍ଣ, ଜେ. ଚରଣ, ବିନୟ ସେଠି, ଏ ସାଇ,ଏ. ଅଜୟ, ନାନି ସେଠୀଙ୍କ ସମେତ ବହୁ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ କ୍ଷୁଦ୍ରତମ ଗଜାନନ ବେଶ ପ୍ରସ୍ତୁତ କଲେ ଶିଳ୍ପୀ ସତ୍ୟ ମହାରଣା



**ବ୍ରହ୍ମପୁର,୨୮।୬/ଏନ୍ଏନ୍ଏସ୍:** ଆଗକୁ ରଥଯାତ୍ରା ଆସୁଥିବା ବେଳେ ପ୍ରଭୁ ଜଗନ୍ନାଥଙ୍କ ଆକର୍ଷଣୀୟ କ୍ଷୁଦ୍ରତ୍ତମ କଳାକୃତି ନିର୍ମାଣ କରିଛନ୍ତି ବ୍ରହ୍ମପୁରର ବାଲୁକା ଶିଳ୍ପୀ ସତ୍ୟ ମହାରଣା। ୫ ଇଞ୍ଚ ଲମ୍ବର ଜଗନ୍ନାଥଙ୍କ ଗଜାନନ ବେଶ ପ୍ରସ୍ତୁତ କରିଛନ୍ତି। କାଗଜ, ଲେସ, ଚୁମକି, କପଡା, ଅଠାକୁ ବ୍ୟବହାର ଅତି ସୁନ୍ଦର ଭାବେ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏଥିପୂର୍ବରୁ ଶିଳ୍ପୀ ଶ୍ରୀ ମହାରଣା କାଗଜ, କାଠ ଏବଂ ସାବୁନରେ ଅତି କ୍ଷୁଦ୍ରତ୍ତମ ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ବହୁ ଜାତୀୟସ୍ତରୀୟ ରେକର୍ଡର ଅଧିକାରୀ ହୋଇପାରିଛନ୍ତି।

## ଆସିକା ଓକିଲ ସଂଘ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ



**ଆସିକା,୨୮।୬/ଏନ୍ଏନ୍ଏସ୍:** ଓଡିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ପରିଚାଳିତ ୨୦୨୪ ବର୍ଷର ଓଡିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଆସିକା ଅଞ୍ଚଳ ପାଇଁ ଗର୍ବ ଆଣିଥିବା ସ୍ନିଗ୍ଧା ସେନାପତି ଏବଂ ଇତିଶ୍ରୀ ଜେନା ଓ ସ୍ମୃତିରଂଜନ ବେହେରାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମାଟ୍ରିକ ଏବଂ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପରୀକ୍ଷାର ଟପ୍ପର ବିଦ୍ୟାର୍ଥୀମାନଙ୍କୁ ସମ୍ମାନୀତ କରାଯାଇଛି। ଆସିକା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ପ୍ରତିଭା ସମ୍ମାନ ତଥା ମେଧାବୀ ଅଭିନନ୍ଦନ ଏବଂ ମେଧାରତ୍ନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା, ଭାସ୍କର ସ୍ୱାଇଁ, ଅଜିତ୍ କୁମାର ଚୌଧୁରୀ, ବିଦେଶୀ ନାହାକ, ଆସିକା ଓକିଲ ସଂଘର ଉପସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ ପ୍ରମୁଖ ଯୋଗଦେଇ ଓସିଏସ୍ କୃତି ସ୍ନିଗ୍ଧା ସେନାପତି ଏବଂ ଇତିଶ୍ରୀ ଜେନା ଓ ସ୍ମୃତିରଂଜନ ବେହେରାଙ୍କ ସମେତ ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର, ଉପଢୌକନ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମେଧାବୀ ବିଦ୍ୟାର୍ଥୀମାନେ ଜୀବନରେ କଠିନ ପରିଶ୍ରମ, ନିଷ୍ଠାପର ପ୍ରୟାସ ମାଧ୍ୟମରେ ନିଜର ଉଜ୍ଜଳ ଭବିଷ୍ୟତ ଗଢିବା ସହ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଆସିକା ଓକିଲ ସଂଘର କୋଷାଧ୍ୟକ୍ଷ ରାଘବ କୁମାର ନାହାକ, ବରିଷ୍ଠ ଆଇନଜୀବୀ ଅଜିତ୍ କୁମାର ପଟ୍ଟନାୟକ, ଯୁବ ଆଇନଜୀବୀ ଦେବକାନ୍ତ ଶର୍ମା, ବରିଷ୍ଠ ଆଇନଜୀବୀ କେ.ବ୍ରହ୍ମାନନ୍ଦ ରାଓ, ପି.ରବିନ୍ଦ୍ର କୁମାର ପାତ୍ର, ରୁଦ୍ର ପ୍ରସାଦ ପାଣିଗ୍ରାହୀ, ରୁଦ୍ର ପ୍ରସାଦ ମହାପାତ୍ର, ମାନବ ରଂଜନ ଗୌଡ, କାଳୀଚରଣ ଦାଶ, ପି.ଚନ୍ଦ୍ରଶେଖର ପାତ୍ର, ଦେବରାଜ ମିଶ୍ର, ପ୍ରଭାତ କୁମାର ପାଢୀ, ସନ୍ତୋଷ କୁମାର ମିଶ୍ର, ଅମର କୁମାର ବିଶ୍ୱାଳ, ନାରାୟଣ ଜେନା, ନାରାୟଣ ବେହେରା, ପ୍ରିୟାଂଶୁ ଶେଖର ପରିଡା, ଅଜିତ୍ କୁମାର ମୁନି, ମନୋରଂଜନ ନାହାକ, ବି.ମୋହନ ରାଓ ଦୋରା, ଶାଶ୍ୱତ କୁମାର ପଣ୍ଡା, ମହେଶ୍ୱର ବେହେରାଙ୍କ ସମେତ ବହୁ ଅଇନଜୀବୀ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ପ୍ରତିଭାଧରଙ୍କୁ ଚିହ୍ନଟ କରି ସମ୍ମାନୀତ କରିବା ସହ ଉଜ୍ଜଳ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଆସିକା ଓକିଲ ସଂଘ ପକ୍ଷରୁ ଆୟୋଜିତ ପ୍ରତିଭା ସମ୍ମାନ ସମାରୋହକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ବର୍ଷକରେ ଦିନଟିଏ ପ୍ରତ୍ୟକ୍ଷ ସ୍ନାନ କରନ୍ତି ଦାରୁଦିଅଁ

**ଆସିକା,୨୮।୬/ଏନ୍ଏନ୍ଏସ୍:** ରାତି ପାହିଲେ ଆସନ୍ତାକାଲି ଅର୍ଥାତ୍ ସୋମବାର ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରା। ସ୍ନାନମଣ୍ଡପରେ ଦିବ୍ୟସ୍ନାନ କରି ଦୁର୍ଲଭ ଗଜାନନ ବେଶରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେବେ ମହାବାହୁ। ରତ୍ନବେଦିରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ସ୍ନାନବେଦୀକୁ ଆଣିବେ ସେବାୟତ। ବର୍ଷତମାମ ମହାପ୍ରଭୁ ଜଗତସାଇଁ ମନ୍ତ୍ରସ୍ନାନ କରୁଥିବା ବେଳେ ସ୍ନାନପୂର୍ଣ୍ଣିମା ଦିନ ୧୦୮ ଗଡୁ ସୁବାସିତ ଅଭିମନ୍ତ୍ରିତ ପବିତ୍ର ଜଳରେ ସ୍ନାନ କରିବା ସହ ଗଜାନନ ବେଶରେ ଦର୍ଶନ ଦେବେ। ଦେବସ୍ନାନ ପୂର୍ଣ୍ଣିମା ଦିନ ସ୍ନାନମଣ୍ଡପରେ କାଳିଆ ସାଆନ୍ତଙ୍କୁ ନିଷ୍ଠାର ସହ ଭକ୍ତିପୁତ ହୃଦୟରେ ଦର୍ଶନ ସହ ପୂଜାର୍ଚ୍ଚନା କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ଲୋକକଥା ପ୍ରଚଳିତ ହୋଇଆସୁଛି। ଶ୍ରୀଜଗନ୍ନାଥଙ୍କ ଅନେକ ଉତ୍ସବ ଓ ନୀତିକାନ୍ତି ମଧ୍ୟରୁ ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ। ଜ୍ୟେଷ୍ଠମାସ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ପରମ୍ପରା ଅନୁଯାୟୀ ଚତୁର୍ଦ୍ଧା ବିଗ୍ରହ ବର୍ଷରେ ଏହି ଗୋଟିଏ ଦେବସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରିଥାନ୍ତି। ତେଣୁ ଉକ୍ତ ଦିନକୁ ସ୍ନାନଯାତ୍ରା ବୋଲି କୁହାଯାଇଥାଏ। ବର୍ଷର ବିଭିନ୍ନ ସମୟରେ ହେଉଥିବା ଏକାଧିକ ନୀତିକାନ୍ତି ମଧ୍ୟରୁ ଜଗତକର୍ତ୍ତା ମହାବାହୁଙ୍କ ସ୍ନାନଯାତ୍ରା ଅନ୍ୟତମ। ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ଗ୍ରାମ ପଞ୍ଚାୟତର ଚିନିଶିଳ୍ପ ନୂଆଗାଁ, ଆସିକା ପୌର ପରିଷଦର ଖମ୍ବେଶ୍ୱରୀପାଟଣା, ସୁନାମ୍ବ ସାହି ସମେତ ଆଖପାଖ ଅଞ୍ଚଳରେ ଥିବା ବହୁ ପୁରାତନ ଜଗନ୍ନାଥ ମନ୍ଦିର ଗୁଡିକରେ ସ୍ନାନମଣ୍ଡପ ରହିଥିଲା ବେଳେ ଶ୍ରୀ ବିଗ୍ରହମାନେ ଦେବସ୍ନାନ ପୂର୍ଣ୍ଣିମାରେ ଉକ୍ତ ମଣ୍ଡପରେ ସୁବାସିତ



ଅଭିମନ୍ତ୍ରିତ ଜଳରେ ସ୍ନାନ କରୁଥିବାରୁ ସେଗୁଡିକୁ ସ୍ନାନମଣ୍ଡପ କୁହାଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ କୋଟି ଓଡିଆଙ୍କ ଆରାଧ୍ୟ ଦେବତା ହୋଇଥିଲା ବେଳେ ଅନନ୍ୟ ତାଙ୍କର ମାନବୀୟ ଲୀଳା। ଜଗତକର୍ତ୍ତା ମହାବାହୁ କାଳିଆ ସାଆନ୍ତ ନବଦିନାତ୍ମକ ଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରୁଥିଲା ବେଳେ ମସ୍ତକରେ ଟାହିଆ ମଧ୍ୟ ଶୋଭା ପାଇଥାଏ। ଶ୍ରୀ ବିଗ୍ରହମାନେ ସ୍ନାନଯାତ୍ରା, ପହଣ୍ଡି, ରଥଯାତ୍ରା, ବାହୁଡାଯାତ୍ରା ସମେତ ଆଡପ ମଣ୍ଡପ ଓ ନୀଳାଦ୍ରିବିଜେ ସମୟରେ ମସ୍ତକରେ ଟାହିଆ ପରିଧାନ କରିଥାନ୍ତି। ଏପରିକି ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପକୁ ପହଣ୍ଡିରେ ଆସିବା ଠାରୁ ଆରମ୍ଭ କରି ଅଣସର ପିଣ୍ଡିକୁ ଯିବା ବେଳେ ମଧ୍ୟ ଅତିସୁନ୍ଦର ଟାହିଆ ପରିଧାନ କରିଥାନ୍ତି। ଆସନ୍ତାକାଲି ଅର୍ଥାତ୍ ସୋମବାର ପାଳିତ ହେବାକୁ ଥିବା ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଇଁ ଆସିକା ଅଞ୍ଚଳର ଜଗନ୍ନାଥ ମନ୍ଦିର ଗୁଡିକ ଚଳଚଞ୍ଚଳ ହୋଇଛି।

## ଇଫ୍ଟୁର ଦୁଇଦିନିଆ ଜାତୀୟ କମିଟି ବୈଠକ

# ଶ୍ରମିକ ସ୍ୱାର୍ଥର ସୁରକ୍ଷା ନ ହେଲେ ଆନ୍ଦୋଳନ ଚେତାବନୀ




**ବ୍ରହ୍ମପୁର,୨୮।୬/ଏନ୍ଏନ୍ଏସ୍:** ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ଟ୍ରେଡ୍ ୟୁନିୟନ୍ସ(ଇଫ୍ଟୁ)ର ଜାତୀୟ କମିଟି ବୈଠକ ଦୁଇଦିନ ଧରି ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜାତୀୟ ସଭାନେତ୍ରୀ ଡ. ଅପର୍ଣ୍ଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାରତର ବିଭିନ୍ନ ରାଜ୍ୟରୁ ଜାତୀୟ କମିଟିର ସଦସ୍ୟ, ସଦସ୍ୟା ତଥା ଶ୍ରମିକ ଆନ୍ଦୋଳନର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ କମିଟିର କର୍ମକର୍ତ୍ତା ଦେଶରେ ଶ୍ରମିକମାନଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନଏଡା, ମାନସେର, ଗୁରୁଗ୍ରାମ ପରି ଦେଶର ବଡ ବଡ ଶିଳ୍ପ କେନ୍ଦ୍ରମାନଙ୍କରେ ମଜୁରୀ ବୃଦ୍ଧି, ଉତ୍ତମ କାର୍ଯ୍ୟ ପରିବେଶ ତଥା ଚାକିରୀର ନିରାପତ୍ତା ଦାବିରେ ଶିଳ୍ପ ଶ୍ରମିକ ଓ ନିର୍ମାଣ ଶ୍ରମିକମାନଙ୍କ ଲଢୁଆ ଆନ୍ଦୋଳନକୁ କମିଟି ପକ୍ଷରୁ ସମର୍ଥନ କରାଯାଇଥିଲା। କମ୍ପାନୀମାନଙ୍କ ସ୍ୱାର୍ଥରେ ଆନ୍ଦୋଳନରତ ଶ୍ରମିକମାନଙ୍କ ଉପରେ କରାଯାଇଥିବା ମିଥ୍ୟା ମକଦ୍ଦମା ଓ ଗିରଫଦାରୀକୁ କମିଟି ପକ୍ଷରୁ ଦୃଢ ନିନ୍ଦା କରାଯିବା ସହ ପ୍ରତ୍ୟାହାର ଦାବି କରାଯାଇଛି। କେନ୍ଦ୍ର ସରକାର ଶିଳ୍ପପତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୯ଟି ଶ୍ରମ ଆଇନକୁ ୪ଟି ଶ୍ରମ କୋଡ୍ରେ ପରିଣତ କରିଛନ୍ତି। ଶ୍ରମିକ ବିରୋଧୀ ନୂତନ ଶ୍ରମ କୋଡକୁ ତୁରନ୍ତ ତୁରନ୍ତ ପ୍ରତ୍ୟାହାର କରିବା, ଚୁକ୍ତିଭିତ୍ତିକ ଏବଂ ଆଉଟ୍ସୋର୍ସିଂ ଶ୍ରମିକମାନଙ୍କ ଚାକିରି ନିୟମିତ କରିବା, ସେମାନଙ୍କ ପାଇଁ ମାସିକ ସର୍ବନିମ୍ନ ମଜୁରି ୩୦,୦୦୦ ଟଙ୍କା ଧାର୍ଯ୍ୟ କରିବା, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ମଧ୍ୟାହ୍ନ ଭୋଜନ ରୋଷେୟାଙ୍କ ଭଳି ସ୍କିମ୍ ବା ଯୋଜନାଭିତ୍ତିକ କର୍ମଚାରୀମାନଙ୍କୁ 'ଶ୍ରମିକ'ର ମାନ୍ୟତା ଦେବା, ସମାନ କାମ ପାଇଁ ସମାନ ଦରମା ଦେବା, ଫାର୍ମାସ୍ୟୁଟିକାଲ୍ (ଔଷଧ) ଉତ୍ପାଦନ କ୍ଷେତ୍ରରେ ବାରମ୍ବାର ଘଟୁଥିବା ଶିଳ୍ପ ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଆଇନର ଧାରା ୩୦୪ (ହତ୍ୟା ପରିସରଭୁକ୍ତ ହେଉନଥିବା ଦୋଷାବହ ନରହତ୍ୟା) ଅଧୀନରେ ଗିରଫ କରିବା, ଓଡ଼ିଶା ସରକାର ବିଦ୍ୟୁତ କର୍ମଚାରୀମାନଙ୍କ ଉପରେ ଲଗାଇଥିବା ଏସମାକୁ ସଙ୍ଗେ ସଙ୍ଗେ ପ୍ରତ୍ୟାହାର କରିବା, ଚାକିରିରୁ ବହିଷ୍କୃତ ବିଭିନ୍ନ ବିଭାଗର ୫,୦୦୦ରୁ ଉର୍ଦ୍ଧ୍ୱ ସରକାରୀ ଆଉଟ୍ସୋର୍ସିଂ କର୍ମଚାରୀଙ୍କୁ ସରକାର ପୁନଃନିଯୁକ୍ତି ଦେବାକୁ ଇଫ୍ଟୁ ଜାତୀୟ କମିଟି ପକ୍ଷରୁ ଦାବି କରାଯାଇଥିଲା। ଆଗାମୀ ଦିନରେ ଏନେଇ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଏଠାରେ ସୂଚନା ଦିଆଯାଇଥିଲା। ବୈଠକରେ ସଂଗଠନର ସଭାପତି ଡ. ଅପର୍ଣ୍ଣା, ସାଧାରଣ ସମ୍ପାଦକ ଟି. ଶ୍ରୀନିବାସ, ଜାତୀୟ କମିଟି ସଦସ୍ୟ କେ. ବାଲନ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ବିକଶିତ ଓଡ଼ିଶା ଭିଜନ୍-୨୦୩୬' କାର୍ଯ୍ୟକ୍ରମରେ ମେଧାବୀ ବିଦ୍ୟାର୍ଥୀ ସମ୍ମାନିତ

**ବ୍ରହ୍ମପୁର,୨୮।୬/ଏନ୍ଏନ୍ଏସ୍:** ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲସ୍ଥିତ ଆଇଟିଆଇ ପ୍ରେକ୍ଷାଳୟ ପରିସରରେ ସମାଲୋଚନା ଓ ବଡ ଖବର ପକ୍ଷରୁ 'ବିକଶିତ ଓଡିଶା ଭିଜନ୍-୨୦୩୬' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସମାଲୋଚନାର ଦକ୍ଷିଣ ଓଡିଶା ମୁଖ୍ୟ ଦୀପକ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପ ସଚିବ ଡ. କୁଳମଣି ଓଝା, ଯାଜପୁର ମେଡିକାଲ କଲେଜ ହସ୍ପିଟାଲ ଅଧ୍ୟକ୍ଷ ଡା. ଜେ. ସାଗର ପୃଷ୍ଟି, ଗଣଯୋଗାଯୋଗ ବିଭାଗର ଅଧାପକ ଡ. ଡି. ଗୋବିନ୍ଦ ରାଜୁ, ଏମ୍କେସିଜି କର୍କଟ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସରୋଜ କୁମାର ଦାଶ, ଏମ୍କେସିଜି ମେଡିକାଲର ମେଡିସିନ୍ ସ୍ପେସିଆଲିଷ୍ଟ ଡା. ସତ୍ୟରଞ୍ଜନ ସେଠୀ, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡା. ଅମ୍ରିତା ସାହୁ, ଏମ୍କେସିଜି ମେଡିକାଲ କଲେଜ ନିଶ୍ଚେତକ ବିଭାଗର ଡା. ଜଗଦୀପ ନାୟକ, ସମ୍ହସ୍ ?ପିଟାଲରେ କାର୍ଯ୍ୟରତ ରକ୍ତ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଇସରତ୍ ବାନୋ ପ୍ରମୁଖ ମଞ୍ଚାସୀନ ଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପ ସଚିବ-ଶ୍ରୀ ଓଝା କହିଥିଲେ ଯେ, ୨୦୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ହେବାକୁ ଯାଉଛି। ରାଜ୍ୟର ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଯେଉଁ ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ, ସେ ପର୍ଯ୍ୟନ୍ତ ଆମ ରାଜ୍ୟର ବିକାଶ ଅଧୁରା। ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଭଳି ମୌଳିକ ଆବଶ୍ୟକତା ସମସ୍ତଙ୍କୁ ମିଳିପାରିଲେ, ହିଁ ରାଜ୍ୟର ବିକାଶ ସମ୍ଭବପର ବୋଲି ଶ୍ରୀ ଓଝା ମତ ପ୍ରକାଶ କରିଥିଲେ। ସେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ କହିଥିଲେ ଯେ, ଜଣେ ଭଲ ମଣିଷ ହୋଇ ନିଜ ଅଞ୍ଚଳ ଓ ବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଯାଜପୁର ମେଡିକାଲ କଲେଜର ଅଧ୍ୟକ୍ଷ ଡା ଜାମୀ ସାଗର ପୃଷ୍ଟି ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ବ୍ଲକ ଏବଂ ଏନ୍ଏସିରେ ଚଳିତ ବର୍ଷ ମାଟ୍ରିକ୍ ଓ ଯୁକ୍ତ ଦୁଇରେ ଟପ୍ପର ହୋଇଥିବା ଶତାଧିକ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ମାନପତ୍ର, ମେଡଲ ଓ ଉପହାର ଦେଇ ସମ୍ମାନୀତ କରିଥିଲେ। ମେଣ୍ଟର ଏକ୍ସ ସଂସ୍ଥା ପକ୍ଷରୁ ସଂସ୍ଥା ର ସଂସ୍ଥାପକ ତୁଷାର ରଞ୍ଜନ ମହାପାତ୍ର ଯୋଗ ଦେଇ ପ୍ରତ୍ୟେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କାର କ୍ୟାରିୟର ବୋନୋସ୍ ପ୍ରଦାନ କରିଥିଲେ। ସ୍କାଉଟ୍ ଗାଇଡ୍ ପ୍ରଶିକ୍ଷିକା ତଥା ସାମ୍ବାଦିକ ରଶ୍ମିତା ପାଣିଗ୍ରାହୀ ଅତିଥି ସ୍ୱାଗତ କରିଥିବା ବେଳେ ଖବର କାଗଜର କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ

# ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ

**ବ୍ରହ୍ମପୁର,୨୮।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି) ପକ୍ଷରୁ ସ୍ଥାନୀୟ ହିଲ୍ପାଟଣାସ୍ଥିତ ସଂସ୍କୃତି ଭବନଠାରେ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ଏବଂ ପାଞ୍ଚ ଦିନିଆ ଜିଲ୍ଲାସ୍ତରୀୟ ଏମ୍ଏସ୍ଏମ୍ଇ ପ୍ରଦର୍ଶନୀର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଜିଲ୍ଲା ଶିଳ୍ପ କେନ୍ଦ୍ର ଗଞ୍ଜାମର ସାଧାରଣ ପରିଚାଳକ ବସନ୍ତ କୁମାର ସେଠୀ, ଗଞ୍ଜାମର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର(ଏଲଡିଏମ୍) ହିମାଞ୍ଚଳ ସାହୁ, ଏଫ୍ଏଫ୍ଡିସି ଏକ୍ସଟେନସନ୍ ସେଣ୍ଟର ବ୍ରହ୍ମପୁରର କେନ୍ଦ୍ରମୁଖ୍ୟ ଭି. ଭି. ରାମା ରାଓ, ୟୁସିପି ଇଞ୍ଜିନିୟରିଂ ସ୍କୁଲର ଅଧ୍ୟକ୍ଷ, ଓଏଏସଏମଇର ସଭାପତି ସତ୍ୟ ଶଙ୍କର ରାଜ, ଓୱାଇଇଏର ସଭାପତି ଟି. ସୁବାଷ ପାତ୍ର, ହୋଟେଲ ଆସୋସିଏସନର ସଭାପତି ଉମା ଶଙ୍କର ପାଣିଗ୍ରାହୀ ଏବଂ ଅଟୋନଗର ଆସୋସିଏସନର ସଭାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏମଏସଏମଇ କ୍ଷେତ୍ରର ବିକାଶ, ରୋଜଗାର ସୃଷ୍ଟି ଏବଂ ନୂତନ ଉଦ୍ୟୋଗ ସ୍ଥାପନାର ଆବଶ୍ୟକତା ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ର ସଦସ୍ୟ ଏବଂ ବିଭିନ୍ନ କ୍ଷେତ୍ରର ଅଂଶଗ୍ରହଣକାରୀମାନେ ଉପସ୍ଥିତ ଥିଲେ। ପାଞ୍ଚ ଦିନିଆ ଏହି ପ୍ରଦର୍ଶନୀରେ ବୃହତ୍ ଶିଳ୍ପ ସଂସ୍ଥା, ଏମଏସଏମଇ ୟୁନିଟ୍, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧୀୟ ଷ୍ଟଲ ଖୋଲାଯାଇଛି। ଏହା ମାଧ୍ୟମରେ ସ୍ଥାନୀୟ ଉଦ୍ୟୋଗୀ ଏବଂ ସାଧାରଣ ଜନତାଙ୍କୁ ଉଦ୍ୟୋଗ ସ୍ଥାପନା, ଆର୍ଥିକ ସହାୟତା ଏବଂ ସରକାରୀ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସମନ୍ୱୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଗଞ୍ଜାମର ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ବେଆଇନ ନିଶା ଦ୍ରବ୍ୟ ଚୋରା ଚାଲାଣର ଅନ୍ତର୍ଜାତୀୟ ଦିବସ



**ଫୁଲବାଣୀ,୨୮।୬/ଏନ୍ଏନ୍ଏସ୍:** ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବେଆଇନ ନିଶା ଦ୍ରବ୍ୟ ଚୋରା ଚାଲାଣର ଅନ୍ତର୍ଜାତୀୟ ଦିବସ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲା ଅବକାରୀ ବିଭାଗ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସହଯୋଗରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ଜିଲା ଅବକାରୀ ବିଭାଗର ଅଧିକାରୀ ସତ୍ୟ ନାରାୟଣ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଅକ୍ଷୟ କୁମାର ସାହୁ, ବ୍ରହ୍ମାକୁମାରୀ ସଂସ୍ଥାର ବି.କେ.ବିରେନ୍ଦ୍ର, ବାଲିଗୁଡ଼ା ଏବଂ ଫୁଲବାଣୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଅନ୍ୟମାନେ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରର ଅନୁଷ୍ଠିତ ସଚେତନତାପୂର୍ଣ୍ଣ ନାଟକ ଏବଂ ପାଲା ଆଦି ରେ ସାମିଲ୍ ହୋଇଥିବା ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏହି ସଚେତନତା ଶୋଭଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ସ୍ଥାନ ପରିକ୍ରମା କରିଥଲେ।

## ପଟୁଆରରେ ଫେରିଲା ମା' ନାରାୟଣୀଙ୍କ ଶୁଭଖୁଣ୍ଟି



**ଫୁଲବାଣୀ,୨୮।୬/ଏନ୍ଏନ୍ଏସ୍:** ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହେଉଥିବା ଫୁଲବାଣୀର ପ୍ରସିଦ୍ଧ ମା ନାରାୟଣୀ ଯାତ୍ରା ଦୀର୍ଘ ଏକ ମାସ ଧରି ଅନୁଷ୍ଠିତ ହୋଇଥିବା ବେଳେ ଆଜି ରୀତି ନୀତି ପ୍ରକାରେ ଯାତ୍ରା ଅବସରରେ ସ୍ଥାପିତ ହୋଇଥିବା ଶୁଭଖୁଣ୍ଟି ଫେରିଯାଇଛି। ଯାତ୍ରା ପଡ଼ିଆ ଠାରେ ପୂଜା ପାଉଥିବା ଶୁଭଖୁଣ୍ଟକୁ ଆଜି ପୂଜାର୍ଚ୍ଚନା କରିବା ପରେ ଏକ ପଟୁଆରରେ ଯାତ୍ରା ପରିଚାଳନା କମିଟିର ସଭାପତି କାବୁଲା ସେନାପତି ଓ ସଂପାଦକ ସଂଜିତ୍ ପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟିର ସମସ୍ତ କର୍ମକତ୍ର୍ତା, ଉପଦେଷ୍ଟା, ବହୁ କାର୍ଯ୍ୟକାରୀ ସଦସ୍ୟ , ବିଭିନ୍ନ ବଜାର କମିଟିର କର୍ମକର୍ତ୍ତା ଓ ପଞ୍ଚଦେବୀଙ୍କ ଘଟ ଧରୁଥିବା ମହିଳା ମାନଙ୍କ ସହିତ ଅନ୍ୟମାନେ ଆୟୋଜିତ ପଟୁଆରରେ ଯାଇ ନାରାୟଣୀ ମନ୍ଦିରରେ ପହଁଚିବା ପରେ ସେଠାରେପୂଜାର୍ଚ୍ଚନା କରାଯାଇଥିଲା। ପରିଚାଳନା କମିଟିର ଉପସଭାପତି ସୁଜିତ୍ ବେହେରା , ଅର୍ଥ ସଂପାଦକ କମଳା ବେହେରା , ସାଂସ୍କୃତିକ ସଂପାଦକ ଅଶୋକ ମହାନ୍ତି, ସହ ସଂପାଦକ ଅଜିତ୍ ମହାରଣା , ଜୟସେନ ପରିଡ଼ା, ବୀଣାପାଣି ପ୍ରଧାନ, ଶିବ ପ୍ରସାଦ ପଣ୍ଡା ଏବଂ କୋଷାଧ୍ୟକ୍ଷ ଅଶୋକ ମେକାପଙ୍କ ସମେତ ଅନ୍ୟ ସମସ୍ତ ବରିଷ୍ଠ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ଗୋଲିଆ-ତାଳସର ରାସ୍ତା ଅବସ୍ଥା ଶୋଚନୀୟ, ତେଜୁଛି ଅସନ୍ତୋଷ





**ବୁଗୁଡ଼ା,୨୮।୬/ଏନ୍ଏନ୍ଏସ୍:** ସରକାରଙ୍କ ନାରା 'ବିକଶିତ ଓଡିଶା, ବିକଶିତ ଗାଁ' ଏବଂ 'ବିକାଶର ଧାରା, ଓଡିଶା ସାରା' ସମ୍ପ୍ରତି ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସର ବାଣୀ ପାଲଟିଛି। ଦେଶ ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ବିତିଯାଇଥିଲେ ବି ନିଜ ଗାଁକୁ ଭଲ ରାସ୍ତାଟିଏ ଗ୍ରାମବାସୀ ପାଇପାରି ନାହାନ୍ତି। ଖରା ଓ ଶୀତ ଦିନରେ ଖାଲଢେପରେ ପଡି ଲୋକେ ଗାଁକୁ ଯାଉଥିବା ବେଳେ ବର୍ଷା ଦିନେ ଯମଯନ୍ତ୍ରଣା ଭୋଗୁଛନ୍ତି। ପ୍ରାଶାସନିକ ଉଦାସୀନତା ଓ ନେତାଙ୍କ ଅପାରଗତା ଯୋଗୁଁ ତିନିଖଣ୍ଡ ଗାଁର ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏଭଳି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ରାସ୍ତାର ଦୃଶ୍ୟ ବୁଗୁଡା ବ୍ଲକ ଉପାଧକ୍ଷଙ୍କ ଗୋଲିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗୋଲିଆ ଗ୍ରାମ ଉପକଣ୍ଠସ୍ଥ କୋଇଲୁଣ୍ଡି ଛକଠାରୁ ମରେଇପଲ୍ଲୀ ଓ ଡାହାଣୀପଲ୍ଲୀ ଗାଁ ଦେଇ ତାଳସର ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଅତୀବ ଦୟନୀୟ ହୋଇପଡିଛି। ଏନେଇ ଏହି ତିନିଗୋଟି ଗାଁରେ ଲୋକେ ଅନେକ ଥର ଗୁହାରି କରିଥିଲେ ମଧ୍ୟ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଶୁଣୁନଥିବା ଅଭିଯୋଗ ହେଉଛି। ଗତ ୨୦୨୩ ଅଗଷ୍ଟ ୨୮ ତାରିଖ ଦିନ ଏହି ରାସ୍ତା ଯୋଗୁଁ ହିନସ୍ଥା ହେଉଥିବା ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ରାସ୍ତା ତିଆରି ନ କଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ। ତତ୍କାଳୀନ ବିଡିଓ ବାବୁ ରାସ୍ତା ନିର୍ମାଣର ଆଶ୍ୱାସନା ଦେଇ ଲୋକଙ୍କୁ ଫେରାଇ ଦେଇଥିଲେ। ପରବର୍ତ୍ତୀ ନିର୍ବାଚନ ସମୟରେ ନେତାଗଣଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଫସିଯାଇ ଲୋକେ ଭୋଟ ମଧ୍ୟ ଦେଇଥିଲେ। ଭୋଟ ସରିଯାଇ ସରକାର ବଦଳି ଯାଇ ଦୁଇ ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି କଦର୍ଯ୍ୟ ରାସ୍ତାର ଅବସ୍ଥା ବଦଳିଲା ନାହିଁ କି ଗାଁ ଲୋକଙ୍କ ଦୁର୍ଦ୍ଦଶା ଦୂର ହୋଇନି। ବର୍ଷା ଦିନେ ସେହି ପାଣିଭରା ଖାଲଖମା ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହେଉଛି। ଗୋଲିଆ ଗ୍ରାମସ୍ଥ ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ପଢୁଥିବା ଛାତ୍ରଛାତ୍ରୀ ଏବଂ ଭତ୍ତା ଓ ରାସନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି। ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ବିପଦ ସମୟରେ ଆମ୍ବୁଲାନ୍ସ ମରେଇପଲ୍ଲୀ ଗାଁ ପାଖକୁ ଯାଇପାରୁଥିବା ବେଳେ ଅନ୍ୟ ଦୁଇ ଗାଁକୁ ଯାଇ ନପାରି ବାଟରେ ଅଟକି ଯାଉଥିବାରୁ ଲୋକେ ରୋଗୀକୁ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡୁଛି। ଏଥି ପାଇଁ ସ୍ଥାନୀୟ ପ୍ରଶାସନର ନିନ୍ଦନୀୟ ଉଦାସୀନତା ଓ ନେତାଙ୍କ ଅକ୍ଷମଣୀୟ ଅପାରଗତାକୁ ଦାୟୀ କରି ଦୁର୍ଦ୍ଦଶାଗ୍ରସ୍ତ ଗ୍ରାମବାସୀମାନେ ଏକ ବଡ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ରାସ୍ତାର ଦୁରାବସ୍ଥାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଆଗାମୀ ଦିନରେ ଯେକୌଣସି ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## କୋରେଇ ଯୁବ ବାହିନୀ ପକ୍ଷରୁ ପ୍ରଣବ ପ୍ରକାଶଙ୍କ ଜନ୍ମଦିନ



**କୁଆଖିଆ,୨୮।୬/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ମଧୁବନହାଟ ଅମୃତେଶ୍ୱର ମନ୍ଦିରରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସଙ୍କ ୫୪ତମ ଜନ୍ମଦିନ କୋରେଇ ଯୁବ ବାହିନୀ ପକ୍ଷରୁ ପାଳିତ ହୋଇଯାଇଛି। ଯୁବନେତା ନିହାର ରଞ୍ଜନ କଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ସଦସ୍ୟମାନେ କେକ୍ କାଟି ଈଶ୍ୱରଙ୍କ ପାଖରେ ବବି ଭାଇଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ପୂଜାପାଠ କରିଥିଲେ। ଆଭାସି ମାଧ୍ୟମରେ ଯୁବକର୍ମୀଙ୍କ ସହ ପ୍ରଣବ ପ୍ରକାଶ ଯୋଡ଼ିହୋଇ ସମସ୍ତଙ୍କ ଶୁଭମନାସି ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରମୋଦ ସ୍ୱାଇଁ, ପପନ ପଟ୍ଟନାୟକ, ରଶ୍ମିରଞ୍ଜନ ତରାଇ, ପ୍ରଶାନ୍ତ କୁମାର ଦାସ, ସମସର ଅଲି ଖାନ୍, ପବିତ୍ର ପଣ୍ଡା, ଶୁଭ୍ରଜ୍ୟୋତି ସ୍ୱାଇଁ, ଅମରେଶ ଦ୍ୱିବେଦୀ, ସୌମ୍ୟ ରଞ୍ଜନ ରଥ, ଜିତେନ୍ଦ୍ର ତରାଇ, ଦେବୀପ୍ରସାଦ ସାହୁ, ଅନନ୍ତ ତରାଇ, ମୁକେଶ ତରାଇ ଓ ଦୟାନିଧି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସହାୟତା

**ଧର୍ମଶାଳା,୨୮।୬/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଅସହାୟ, ଗରିବ ଓ ଖଟିଖିଆ ପରିବାରର ଅସୁବିଧା ସମୟରେ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ସହଯୋଗର ହାତ ବଢ଼େଇ ଆସିଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଏହି ଟ୍ରଷ୍ଟ ଦୀର୍ଘ ବର୍ଷ ଧରି ଅସହାୟଙ୍କୁ ସହାୟତା ଯୋଗାଇଆସୁଛି। ଏହିକ୍ରମେ ଜେନାପୁର ପଞ୍ଚାୟତର ଜେନାପୁର ଗ୍ରାମର ଶଙ୍କର୍ଷଣ ଦଳାଇ, ଜେନାପୁର ଅରିମୂଳର ଜିତେନ୍ଦ୍ର କୁମାର ଭୂୟାଁ, ରାଇଛଦା ପଞ୍ଚାୟତ ରାଇଛଦା ଗ୍ରାମର ଲକ୍ଷ୍ମୀପ୍ରିୟା ବାରିକଙ୍କୁ ବିଧାୟକ ଶ୍ରୀ



ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଅସହାୟ ଲୋକଙ୍କ ପାଇଁ ଏଭଳି ସେବା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି।

## ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବାକୁ ଏସ୍‌ୟୁସିଆଇ ପକ୍ଷରୁ ଦାବି



**ଯାଜପୁର,୨୮।୬/ଏନ୍ଏନ୍ଏସ୍:** ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ବର୍ତ୍ତମାନ ପର୍ଯ୍ୟନ୍ତ ୨,୧୨୫ଟି ତ୍ରୁଟି ରହିଛି। ଏହାବ୍ୟତୀତ ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛି। ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ବହୁ ଭୁଲ୍ ରହିଛି। ଏହି ବିକୃତ ପାଠ୍ୟପୁସ୍ତକ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହାସହ ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ କ୍ଷୀରୋଦ କର, ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଦସ୍ୟା ସୁଲୋଚନା ପ୍ରଧାନ, ସଂଗଠିକା ସଂଯୁକ୍ତା ନାୟକ, ରାଜଶ୍ରୀ ମହାନ୍ତି, ସରୋଜ ମହାପାତ୍ର, ଶିକ୍ଷକ ନେତା ବିଷ୍ଣୁଚରଣ ବେହେରା ଓ ଆଇନଜୀବୀ ସୁରେଶ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି ରାଜ୍ୟରେ ପ୍ରତିଷ୍ଠିତ ଡବଲ୍ ଇଞ୍ଜିନ୍ ସରକାର ଗୁଣାତ୍ମକ ଶିକ୍ଷା ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏନ୍‌ଇପି ୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକ ଗୁଡ଼ିକରେ ପରିଲକ୍ଷିତ ତ୍ରୁଟି ସ୍ୱାଭାବିକ ଓ ସାମାନ୍ୟ ବୋଲି ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଓ ଚରମ ଶିକ୍ଷାବିରୋଧୀ ନୀତିର ପରିଚୟ ବୋଲି ଏସ୍‌ୟୁସିଆଇ ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଏକ ବିବୃତ୍ତିରେ କହିଛନ୍ତି। ତେବେ ସଂଶୋଧିତ ଚିଠା ଶିକ୍ଷକଙ୍କ ହାତରେ ଧରାଇଦେଇ କାମ ଚଳାଇବା ନ୍ୟାୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳିବା ବନ୍ଦକରି ଉତ୍ଥାପିତ ହୋଇଥିବା ନ୍ୟାୟସଙ୍ଗତ ଦାବିକୁ ମାନିବା ସହ ଏନ୍‌ଇପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ୍ କରିବା ପାଇଁ ଏସ୍‌ୟୁସିଆଇ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କେନ୍ଦ୍ରାପଡ଼ା ଗସ୍ତ

# ଶ୍ରୀ ବଳଦେବଜିଉ ମନ୍ଦିରର ବିକାଶ ପାଇଁ ପଦକ୍ଷେପ ନିଆଯିବ

**କେନ୍ଦ୍ରାପଡ଼ା,୨୮।୬/ଏନ୍ଏନ୍ଏସ୍:** ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କେନ୍ଦ୍ରାପଡ଼ା ଗସ୍ତ କରିଥିଲେ। ଜିଲ୍ଲାରେ ପହଞ୍ଚିବା ପରେ ସେ ପ୍ରଥମେ ପ୍ରସିଦ୍ଧ ଶ୍ରୀ ଶ୍ରୀ ବଳଦେବଜିଉ ମନ୍ଦିରକୁ ଯାଇ ମନ୍ଦିର ବେଢ଼ା ପରିକ୍ରମା କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିରରେ ପୂଜାର୍ଚ୍ଚନା କରି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଦର୍ଶନ ପରେ ଗଣମାଧ୍ୟମ ସହ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଶ୍ରୀ ବଳଦେବଜିଉ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରାଯିବ। ଏସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେବାସହ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଏବଂ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରି ମନ୍ଦିରର ବିକାଶ



ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରୟାସ କରିବେ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଦଳୀୟ କର୍ମୀ ଓ ସମର୍ଥକମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ବିଶାଳ ପଟୁଆରରେ ସେ କେନ୍ଦ୍ରାପଡ଼ା ସହରରେ ପ୍ରବେଶ କରିଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ପୁଷ୍ପବର୍ଷା କରି ସ୍ୱାଗତ କରାଯାଇଥିଲା। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଦୁହୁରିଆ ନିକଟରେ ଯୁବ କଂଗ୍ରେସର ଶତାଧିକ କର୍ମୀ ନିଟ୍ ଓ ସିବିଏସ୍‌ଇ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଳା ପତାକା ପ୍ରଦର୍ଶନ କରି କେନ୍ଦ୍ର ସରକାର ବିରୋଧରେ ସ୍ଲୋଗାନ୍ ଦେବାସହ କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ିକୁ ଘେରିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲେ ମଧ୍ୟ ପୂର୍ବରୁ ମୁତୟନ ହୋଇଥିବା ପୁଲିସ୍ ତୁରନ୍ତ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଫଳରେ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ କୌଣସି ବାଧା ସୃଷ୍ଟି ହୋଇନଥିଲା ଏବଂ ସେ ପରବର୍ତ୍ତୀ କାର୍ଯ୍ୟସୂଚୀରେ ଯୋଗ ଦେଇଥିଲେ।

### କେନ୍ଦ୍ରାପଡ଼ା ବିକାଶ ସାମ୍ମୁଖ୍ୟ ପକ୍ଷରୁ ସ୍ମାରକପତ୍ର

ସମଗ୍ର ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ୨୭ତମ ସ୍ଥାନରେ ସ୍ଥାନିତ। କୃଷିଭିତ୍ତିକ ଜିଲ୍ଲା ହୋଇଥିଲେ ମଧ୍ୟ ଏଠାରେ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର ଓ ବ୍ୟାରେଜ୍ ବ୍ୟବସ୍ଥା ନାହିଁ। ଏଥିପାଇଁ ଜିଲ୍ଲାରେ ଜଳସେଚନର ସୁଗମ ପାଇଁ ଭୁତୁମୁଣ୍ଡାଇରେ ବ୍ୟାରେଜ୍ ପ୍ରତିଷ୍ଠା, ପ୍ରତ୍ୟେକ ବ୍ଲକ୍‌ରେ ଶୀତଳ ଭଣ୍ଡାର ଓ ଆବଶ୍ୟକୀୟ ଗୋଦାମ ଘର ତିଆରି କରିବା ପାଇଁ ମାନପତ୍ରରେ ଦର୍ଶାଯାଇଛି। ଏହାବ୍ୟତୀତ ଜଜାଙ୍ଗ ଝୋଟ ଗବେଷଣା କେନ୍ଦ୍ରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଓ କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଦାବି କରାଯାଇଛି।

## ଚଣ୍ଡିଖୋଲରେ ସମ୍ବର୍ଦ୍ଧନା

**ବଡ଼ଚଣା,ଚଣ୍ଡିଖୋଲ:** କେନ୍ଦ୍ରାପଡ଼ା ଜିଲ୍ଲାର ଏକ କାର୍ଯ୍ୟକ୍ରମକୁ ଯିବା ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚଣ୍ଡିଖୋଲରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରବିବାର ପୂର୍ବାହ୍ନ ୧୧ଟାରେ ବଡ଼ଚଣା ବିଜେପିର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଧର୍ମେନ୍ଦ୍ରଙ୍କୁ ବାଜା, ବାଣ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଦଳର ଜିଲ୍ଲା ଉପସଭାପତି ଭାବେ ପ୍ରମୋଦ କୁମାର ଜେନା, ସମ୍ପାଦକ ବିକାଶ ମହାପାତ୍ର, ରାଜ୍ୟ ପରିଷଦ ସଭ୍ୟ ନାରାୟଣ ସାମଲ, ଜିଲ୍ଲା କମିଟି ସଭ୍ୟ ଲଲାଟେନ୍ଦୁ ମହାପାତ୍ର, ନିଳମଣୀ ରାଉତ, ପବିତ୍ର ରାଉତ, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ମାନସ ରାଉତରାୟ, ବିଶ୍ୱଜିତ ସାମଲ, ବ୍ଲକ୍ ଅଧ୍ୟକ୍ଷ ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ସରପଞ୍ଚ ରଞ୍ଜନ କୁମାର ଦାଶ, ନବଦୀପ ନାୟକ, ଅକ୍ଷୟ



ରାଉତରାୟ, ସମୀର ରାଉତ, ସମିତିସଭ୍ୟ ମଧୁସୂଦନ ବଳ, ସୌମ୍ୟରଞ୍ଜନ ବିଶ୍ୱାଳ, ସାଂସଦ ପ୍ରତିନିଧି ରବିନ୍ଦ୍ର ରାଉତ, ବିନୋଦିନ ଦାଶ, ଚିନ୍ମୟୀ ସାହୁ, ସୁଜାତା ସାହୁ, ମାମାଲି ବ୍ରହ୍ମ, ସୁଜିତ କୁମାର ଜେନା ଓ ଅଜୟ ଜେନା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାଟକୁରା ବିଜେପି ପକ୍ଷରୁ ସ୍ୱାଗତ

**ଚାନ୍ଦୋଳ:** ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ବଜାରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପାଟକୁରା ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ରବିବାର ଅପରାହ୍ନରେ ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ହାତରେ ଫୁଲତୋଡ଼ା ଓ ଉତ୍ତୋରୀୟ ଧରି ଚାନ୍ଦୋଳ ବିଜେପି କାର୍ଯ୍ୟାଳୟ ନିକଟରେ ଶ୍ରୀ ପ୍ରଧାନଙ୍କୁ ଅପେକ୍ଷା କରିଥିଲେ। ଶ୍ରୀ ପ୍ରଧାନ କେନ୍ଦ୍ରାପଡ଼ାରୁ ତାଙ୍କର ଏକ ସାମାଜିକ କାର୍ଯ୍ୟରେ ଯୋଗଦଦେଇ ଅପରାହ୍ନରେ ଫେରିବା ପରେ ଚାନ୍ଦୋଳସ୍ଥିତ ବିଜେପି କାର୍ଯ୍ୟାଳୟ ନିକଟରେ ତାଙ୍କୁ କର୍ମୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରି କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ଏହି ଅବସରରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ଫୁଲ ଚନ୍ଦନ ପ୍ରଦାନ ପୂର୍ବକ ବନ୍ଦାପନା



କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଦ୍ମନାଭ ତ୍ରିପାଠୀ, ବିଜୟ କୁମାର ଜେନା, ଅଞ୍ଜନ ଦେବତା, ତୁଷାର ଘୋଷ, ଚିତ୍ତରଞ୍ଜନ ଚୌଧୁରୀ, ଶରତ ବେହେରା, ସଞ୍ଜୟ କୁମାର ଦାସ, ବିଘ୍ନେଶ୍ୱର ନାୟକ, ମୃତ୍ୟୁଞ୍ଜୟ ଲେଙ୍କା, ଶରତ ମଲିକ, ଜିତେନ୍ଦ୍ର ପଣ୍ଡା, ମଦନ ମୋହନ ସାହୁ ଓ ବିଶ୍ୱମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହିତ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ଅଗସ୍ତି ବେହେରା, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋଲଖ ମହାପାତ୍ର, ସୁରଥ ବିଶ୍ୱାଳ ଓ ବିଜେପି ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ବରିଷ୍ଠ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କାମାକ୍ଷାନଗର,୨୮।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ କାନପୁରାସ୍ଥିତ ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟରେ କାମାକ୍ଷାନଗର ବ୍ଲକ୍ ଓଷ୍ଟା ଏବଂ ଉକ୍ତ ବିଦ୍ୟାଳୟ ଆନୁକୂଲ୍ୟରେ ବରିଷ୍ଠ କିରାଣୀ ଗିରିଶ ଚନ୍ଦ୍ର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଢେଙ୍କାନାଳ ଜିଲ୍ଲା ଓଷ୍ଟା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ ଅଙ୍କୁର ବିଶ୍ୱାଳ ମୁଖ୍ୟଅତିଥି, ଶିକ୍ଷାବିତ୍ ଲୋକନାଥ ଷଡ଼ଙ୍ଗୀ ମୁଖ୍ୟବକ୍ତା, ଶିକ୍ଷାବିତ୍ ପ୍ରମୋଦ କୁମାର ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ ବଟକୃଷ୍ଣ ଦାସ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ପୃଷ୍ଟି , ଶିକ୍ଷାବିତ୍ ପଣ୍ଡିତ ଉପେନ୍ଦ୍ରନାଥ ପଣ୍ଡା, ଓଷ୍ଟା ଜିଲ୍ଲା ସମ୍ପାଦକ ଶଶିକାନ୍ତ ଦାସ, ବ୍ଲକ୍ ନୋଡାଲ୍ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା, ଜିଲ୍ଲା ଓଷ୍ଟା ଉପଦେଷ୍ଟା ବିନୋଦ କୁମାର ସ୍ୱାଇଁ, ବ୍ଲକ୍ ଓଷ୍ଟା ସଭାପତି ସୁରେଶ କୁମାର ବିଶ୍ୱାଳ, ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ ଓ ଶିକ୍ଷାବିତ୍



କୈଳାଶ ଚନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ। ବିଦାୟୀ କିରାଣୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରୀ ମହାନ୍ତି ବିଦ୍ୟାଳୟରେ ଦୀର୍ଘ ୩୪ ବର୍ଷ ନିଷ୍ଠାପର ସେବା ପ୍ରଦାନ କରିଛନ୍ତି ବୋଲି ପ୍ରଧାଶିକ୍ଷକ ମତପ୍ରକାଶ କରିଥିଲେ। ଏହି ଅବସରରେ କାମାକ୍ଷାନଗର ବ୍ଲକ୍‌ର ବିଭିନ୍ନ ଉଚ୍ଚବିଦ୍ୟାଳୟରେ ପଦୋନ୍ନତି ପାଇ କାର୍ଯ୍ୟରତ ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ନନ୍ଦ, ବନଲତା ସାହୁ, ପ୍ରବୋଧ କୁମାର ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ପ୍ରସନ୍ନ କୁମାର ବିଶ୍ୱାଳ, ଶ୍ରୀକାନ୍ତ ଦେହୁରୀ, ସରୋଜ କୁମାର ସ୍ୱାଇଁ, ରଶ୍ମିତା ସାହୁ ଓ ସାଲେମି ମୁର୍ମୁଙ୍କୁ ବ୍ଲକ୍ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ବସନ୍ତ କୁମାର ସାହୁ, ସମରେନ୍ଦ୍ର ନାୟକ, ଜୟସ୍ମିତା ରାଉତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ଲକ୍ ତଥା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ଗ୍ରାମବାସୀ, ପରିଚାଳନା କମିଟିର ସଭ୍ୟ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଲୁମିନି ସଭାପତି ନିହାରକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ଚଳନ୍ତା ଟ୍ରକ୍‌ରେ ଅଗ୍ନିକାଣ୍ଡ, ବର୍ତ୍ତିଲେ ଚାଳକ

**କଣିହାଁ,୨୮।୬/ଏନ୍ଏନ୍ଏସ୍:** ଅନୁଗୋଳ ଜିଲ୍ଲା କଣିହାଁ ଅଞ୍ଚଳର ସମଲ କେନାଲ୍ ବାଇପାସ୍ ରାସ୍ତାରେ ଏକ ଚଳନ୍ତା ଟ୍ରକ୍‌ରେ ହଠାତ୍ ନିଆଁ ଲାଗିଯିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଅଘଟଣରୁ ରକ୍ଷା ମିଳିଛି। ସୋମବାର ବିଳମ୍ବିତ ରାତି ପ୍ରାୟ ୧୨ଟା ୩୦ରେ ଟ୍ରକ୍‌ଟି ଚାଲିଥିବା ସମୟରେ ହଠାତ୍ ସର୍ଟସର୍କିଟ୍ ହେବାରୁ ଇଞ୍ଜିନ୍ ଭାଗରୁ ନିଆଁ ବ୍ୟାପିଥିଲା। ପରିସ୍ଥିତି ବୁଝି ଚାଳକ ତୁରନ୍ତ ଟ୍ରକ୍‌କୁ ରାସ୍ତାକଡ଼ରେ ଅଟକାଇ ସୁରକ୍ଷିତ ଭାବେ ବାହାରି ଆସିଥିଲେ। କିଛି ସମୟ ମଧ୍ୟରେ ନିଆଁ ସମଗ୍ର ଟ୍ରକ୍‌କୁ ବ୍ୟାପିଯାଇ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା।



ଖବରପାଇ ସମଲ ପୁଲିସ୍ ଓ କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ଘଟିନଥିବାବେଳେ ଟ୍ରକ୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି।

### ପାରାଦୀପ ଟ୍ରେଲର୍ ମାଲିକ ସଂଘ ନିର୍ବାଚନ

## ପ୍ରକାଶ ଜେନା ସଭାପତି, ନଗେନ୍ଦ୍ର ରାଉତ ସମ୍ପାଦକ



**ପାରାଦୀପ,୨୮।୬/ଏନ୍ଏନ୍ଏସ୍:** ପାରାଦୀପ ଟ୍ରେଲର୍ ଓ ଗ୍ୟାସ୍ ଟ୍ୟାଙ୍କର୍ ମାଲିକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଳିତ ଟ୍ରେଲର୍ ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ପ୍ରକାଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି କର୍ମେଶ୍ୱର ସ୍ୱାଇଁ, ଉପସଭାପତି ଆଶୁତୋଷ ସ୍ୱାଇଁ, ସମ୍ପାଦକ ନଗେନ୍ଦ୍ର ରାଉତ, ସହସମ୍ପାଦକ ସତ୍ୟଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ମନମୋହନ ନାୟକ ଓ କୋଷାଧ୍ୟକ୍ଷ ଭାବେ ତୃପ୍ତି ରଞ୍ଜନ ପୃଷ୍ଟିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇ ଶପଥପାଠ କରାଯାଇଥିଲା। ସୂଚନାଥାଉକି ଗତ ଜୁନ୍ ୧୨ ତାରିଖରେ ୩ଟି ଟ୍ରେଲର୍ ସଂଘକୁ ନେଇ ମିଳିତ ସମନ୍ୱୟ କମିଟି ଆସନ୍ତା ଜୁଲାଇ ୧୫ ତାରିଖ ସୁଦ୍ଧା ନୂତନ କର୍ମକର୍ତ୍ତା ନିର୍ବାଚନ ଶେଷ କରିବାକୁ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ପାରାଦୀପ ବନ୍ଦରରେ କଣ୍ଟେନର୍ ଦ୍ୱାରା ପଣ୍ୟ ପରିବହନ କରିବାକୁ ବନ୍ଦର ପ୍ରାଧୀକରଣ ନିଷ୍ପତ୍ତି ନେଇଥିବାରୁ ଟ୍ରେଲର୍ ମାଧ୍ୟମରେ କଣ୍ଟେନର୍ ଗୁଡ଼ିକୁ ପରିବହନ କରାଯିବ। ଏଥିପାଇଁ ଆଗାମୀ ଦିନରେ ପାରାଦୀପରେ ବହୁ ଟ୍ରେଲର୍‌ର ଆବଶ୍ୟକତା ପଡ଼ିବ। ପାରାଦୀପରେ ଟ୍ରେଲର୍ ସଂଖ୍ୟା କମ୍ ଥିବାରୁ ଏବଂ ଅଧିକ ଟ୍ରେଲର୍‌ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀଙ୍କୁ ନୂଆ ଟ୍ରେଲର୍ କରିବା ପାଇଁ କମିଟି ପକ୍ଷରୁ ନୂତନ ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# କଣ୍ଟପଡ଼ା ବଜାରରେ ଭିଡ଼ ଜମାଉଛି ଫାଷ୍ଟଫୁଡ୍ ଦୋକାନ

### ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

**ରାଜକନିକା,୨୮।୬/ଏନ୍ଏନ୍ଏସ୍:** ରାଜକନିକା ସଦର କଣ୍ଟପଡ଼ା ବଜାରରେ ସନ୍ଧ୍ୟା ସମୟରେ ଫାଷ୍ଟଫୁଡ୍ ଦୋକାନ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଫଳରେ କଣ୍ଟପଡ଼ା ସ୍କୁଲ୍ ପାଖରୁ ଷ୍ଟ୍ରକଚର୍ ଛକ ଯାଏ ରାସ୍ତା ଭିଡ଼ ରହୁଛି। ଗ୍ରାହକମାନେ ନିଜ ନିଜ ଗାଡ଼ିକୁ ରାସ୍ତା ଉପରେ ରଖି ଫାଷ୍ଟଫୁଡ୍ ଖାଇବାରେ ବ୍ୟସ୍ତ ରହୁଥିବା ଯୋଗୁ ରାସ୍ତାରେ ଦୂରଦୂରାନ୍ତକୁ ଯାତାୟତ କରୁଥିବା ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ସମେତ ସମସ୍ତ ଗାଡ଼ିମଟର ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏମିତିକି କେବେ କେବେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିପରି ସକାଳେ କଲେଜ ଛକରୁ ଷ୍ଟ୍ରକଚର୍ ଛକ ଯାଏଁ ଉଠା ପରିବା ଦୋକାନୀ ରାସ୍ତା ଉପରେ ପସରା ମେଲେଇ ବେପାର



ବଣିଜ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ କଲେଜକୁ ଯାତାୟତ କରୁଥିବା ଛାତ୍ରୀଛାତ୍ର ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ, ବଜାରର ପଞ୍ଚାୟତ ଅଫିସ୍ ଛକ ଓ ଷ୍ଟ୍ରକଚର୍ ଛକ ପାଖ ରାସ୍ତାରେ ମାଛ, କଙ୍କଡ଼ା, ମାଂସ, ଶୁଖୁଆ ଓ ଅଣ୍ଡା ବିକ୍ରି କରିବାର ସରକାରୀ ପ୍ରବଧାନ ନଥିବା ସତ୍ତ୍ୱେ ବୁଧବାର, ଶୁକ୍ରବାର ଓ ରବିବାର ଦିନମାନଙ୍କରେ ପ୍ରବଳ ମାତ୍ରାରେ ଭିଡ଼ ହେଉଥିବାରୁ ଛକ ଦେଇ ପାସ୍ କରିବା ମୁସକିଲ୍ ହୋଇପଡୁଛି। ବିଶେଷକରି ସୋମବାର କଣ୍ଟପଡ଼ା ପଞ୍ଚାୟତର ସାପ୍ତାହିକ ହାଟ ଥିବା ଦୃଷ୍ଟିରୁ ପଡ଼ୋଶୀ ଯାଜପୁର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ବଜାରରୁ ବିଭିନ୍ନ ଦୋକାନୀମାନେ ଆସିଥାନ୍ତି। ସେଥିପାଇଁ ମଧ୍ୟ ବଜାରରେ ଅଧିକ ଭିଡ଼ ପରିଲକ୍ଷିତ ହୁଏ। ଭିଡ଼ ସମୟରେ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଫସି ରହୁଥିବାର ମଧ୍ୟ ଅନେକ ନଜିର ରହିଛି। ତେବେ ବହୁଳ ମାତ୍ରାରେ ଟ୍ରାଫିକ୍ ସମସ୍ୟା ହେଉଥିବା ନେଇ ଏପରି ସମସ୍ୟା ଉପୁଜୁଥିବା ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ମତପୋଷଣ କରିଛନ୍ତି। ତେବେ ଏହି ଟ୍ରାଫିକ୍ ସମସ୍ୟା କିପରି ନିୟନ୍ତ୍ରଣ ହୋଇପାରିବ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ଜୋର୍ ଧରିଛି।

**ନିତି ଭାରତୀ**

ଶିକ୍ଷାର ସମାପ୍ତି ନାହିଁ। ବହି ପଢ଼ି ପରୀକ୍ଷାରେ ପାସ୍ ହୋଇଗଲେ ଶିକ୍ଷା ଶେଷ ହୋଇଯାଏ ନାହିଁ। ଜନ୍ମରୁ ମୃତ୍ୟୁ ଯାଏଁ ପ୍ରତି ମୁହୂର୍ତ୍ତରେ ଶିକ୍ଷଣ ପ୍ରକ୍ରିୟା ଜାରି ରହିଥାଏ।
**- ଜିଦ୍ଦୁ କ୍ରିଷ୍ଣମୂର୍ତ୍ତି**

ନିତିଦିନ NITIDIN
ସୋମବାର, ୨୯ ଜୁନ ୨୦୨୬

# ସ୍ମାରକୀର ଅନ୍ତର୍ବେଦନା



ତପୋଧନ ପଣ୍ଡା

ସେ ଅଷ୍ଟ୍ରେଲିଆ ଆର୍ମିର ଜଣେ ଡାକ୍ତର। ଭଲ ପାଉଥିଲେ ଜଣେ ସୁନ୍ଦରୀ ଯୁବତୀକୁ। ସେହି ଯୁବତୀ ଜଣକ କିନ୍ତୁ ଥିଲେ ତାଙ୍କ ଅଙ୍କଲ୍‌ଙ୍କ ପତ୍ନୀ। ନବବିବାହିତା। ଏହି ସଂପର୍କକୁ କୁହାଯାଇ ପାରେ ଗଭୀର ଆବେଗପୂର୍ଣ୍ଣ ନିଷିଦ୍ଧ ପ୍ରେମ ସଂପର୍କ, ଯାହା କେବେ ସଫଳ ହେବନାହିଁ। ଏହି ସମୟରେ ଆରମ୍ଭ ହୋଇ ଯାଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ସେ ଧରା ପଡ଼ି ବନ୍ଦୀ ହୋଇଥିଲେ ଜାପାନୀ ସେନାଙ୍କ ଦ୍ୱାରା। ହଜାର ହଜାର ବନ୍ଦୀଙ୍କ ସହିତ ସେ ସେହି ନିର୍ଯାତନା ଭୋଗି ଚାଲିଲେ। ଡାକ୍ତର ହିସାବରେ ସେ ସେହି ନିର୍ଯାତିତ ବନ୍ଦୀଙ୍କର ସେବା ଶୁଶ୍ରୂଷା କରି ଚାଲିଥିଲେ। ପ୍ରତିଟି ମୁହୂର୍ତ୍ତରେ ତାଙ୍କର ସେହି ପ୍ରେମିକାର ଛବି ତାଙ୍କ ଆଖି ଆଗରେ ଭାସି ଉଠି ତାଙ୍କୁ ପାଗଳପ୍ରାୟ କରି ଦେଉଥିଲା। ଏହି ଯୁଦ୍ଧ ବନ୍ଦୀଙ୍କ ଦ୍ୱାରା ଜାପାନୀମାନେ ୪୧୫ କି.ମି. ଦୀର୍ଘ ଏକ ଟ୍ରେନ୍ ଲାଇନ୍ କାମ ଆରମ୍ଭ କରିଥିଲେ ଯାହା ଯୋଡ଼ିବ ବର୍ମାକୁ ଥାଇଲ୍ୟାଣ୍ଡ ସହିତ। ଏହି ନିର୍ମାଣ କାର୍ଯ୍ୟ ଚାଲିଲା ବର୍ଷେ ଦେଢ଼ ବର୍ଷ ପର୍ଯ୍ୟନ୍ତ; ୧୯୪୨-୪୩ ମସିହାରେ ଏବଂ ଏହି କାର୍ଯ୍ୟରେ ନିଯୁକ୍ତ ବେଠି ଖଟୁଥିବା ଯୁଦ୍ଧ ବନ୍ଦୀଙ୍କ ମଧ୍ୟରୁ ୧୨,୫୦୦ ପାଖାପାଖି ଆଲାଏଡ୍ ସୈନିକ ତଥା ୭୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଥିଲେ, ଯେଉଁମାନେ କି ମୃତ୍ୟୁବରଣ କରିଥିଲେ ଏହି ନିର୍ମାଣ କାର୍ଯ୍ୟ ମଧ୍ୟରେ। ତେଣୁ ଏହାକୁ କୁହା ଯାଉଥିଲା ଡେଥ୍ ରେଲୱେ। ଏହାକୁ ଆଧାର କରି ପ୍ରକାଶ ପାଇଥିଲା ବୁକର ପ୍ରାଇଜ୍ ପାଇଥିବା ଅଷ୍ଟ୍ରେଲୀୟ ଔପନ୍ୟାସିକ ରିଚାର୍ଡ଼ ଫ୍ଲାନାଗନ୍‌ଙ୍କ ଚର୍ଚ୍ଚିତ ଉପନ୍ୟାସ 'ଦ ନ୍ୟାରୋ ରୋଡ୍ ଟୁ ଦ ଡିପ୍ ନର୍ଥ।' ସେହି ଡାକ୍ତର ଜଣକ ଥିଲେ ଯୁଦ୍ଧ ବନ୍ଦୀଙ୍କ ଅନାହାର, ରୋଗଗ୍ରସ୍ତ, ଜାପାନୀ ସୈନ୍ୟଙ୍କ ବର୍ବରତାଜନିତ ମୃତ୍ୟୁର ମୂକସାକ୍ଷୀ, ଯେଉଁମାନଙ୍କୁ ବଞ୍ଚାଇବା ସମ୍ଭବ ନଥିଲା। ଯୁଦ୍ଧ ଶେଷ ହେବା ବେଳକୁ ସେ ଅବଶ୍ୟ ବଞ୍ଚି ଯାଇଥିଲେ ଓ ପରବର୍ତ୍ତୀ ଜୀବନ ନିଜର ନିଃସଙ୍ଗତା, ଅକ୍ଷମଣୀୟ ତ୍ରୁଟି ଓ ପ୍ରେମିକା ଓ ଡେଥ୍ ରେଲୱେର ସ୍ମୃତି ଚାଲିଥିଲା ବଳକା ଜୀବନକୁ ସନ୍ତୁଳି ସନ୍ତୁଳି। ସେହି ରେଲୱେ ମଧ୍ୟରେ ଥିଲା ଏକ ପ୍ରମୁଖ ଷ୍ଟେସନ୍, ଯାହାର ନାଁ ଥିଲା ନିଥେ ଷ୍ଟେସନ୍। ପଶ୍ଚିମ ଥାଇଲ୍ୟାଣ୍ଡର କାଞ୍ଚ ନାବୁରି ନିକଟବର୍ତ୍ତୀ ଏହି ଷ୍ଟେସନ୍‌ରେ ମିଲିଟାରୀ ସପ୍ଲାଇସବୁ ଜମା କରାଯାଉଥିଲା ଓ ଇଞ୍ଜିନ୍‌ରେ ଜଳ ଭର୍ତ୍ତି କରାଯାଉଥିଲା ଓ ଜାଳେଣି ମଧ୍ୟ ଭରା ଯାଉଥିଲା ବର୍ମା ଅଭିମୁଖେ ଯାତ୍ରା କରିବା ପୂର୍ବରୁ।

ପରବର୍ତ୍ତୀ ଅବସ୍ଥାରେ ଥାଇଲ୍ୟାଣ୍ଡ ସରକାର କ୍ୱାଇ ନଦୀ ଉପରେ ଏକ ବନ୍ଧ ନିର୍ମାଣ କରିଦେଲେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ। ଯେଉଁ ବିସ୍ତୃତ ଜଳ ଭଣ୍ଡାର ସୃଷ୍ଟି ହେଲା, ତା'ରି ଭିତରେ ନିମଜ୍ଜିତ ହୋଇଗଲା ଏହି ନିଥେ ଷ୍ଟେସନ୍। ଦଶନ୍ଧି ଦଶନ୍ଧି ଧରି ଜଳରେ ନିମଜ୍ଜିତ ଥିବା ଏହି କୁଖ୍ୟାତ ଡେଥ୍ ରେଲୱେର ନିଥେ ଷ୍ଟେସନ୍ ଏବେ ଉପରକୁ ମୁଣ୍ଡ ଟେକିଛି, ଯେବେ ଥାଇଲ୍ୟାଣ୍ଡ ସରକାରଙ୍କ ଇଲେକ୍ଟ୍ରିସିଟି ଜେନେରେଟିଂ ଅଥରିଟି ଜଳ ଭଣ୍ଡାରର ସମଗ୍ର ଜଳକୁ ନିଷ୍କାସିତ କରି ତାକୁ ସଫା କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏହି ଯନ୍ତ୍ରଣାଦାୟକ ସ୍ମୃତିକୁ ବହନ କରିଥିବା ନିଥେ ଷ୍ଟେସନ୍‌କୁ ଦେଖିବା ପାଇଁ, ସେଠାରେ ଲୁକ୍କାୟିତ କିଛି ଅଜଣା ଆର୍ଟିଫ୍ୟାକ୍ଟସ୍ ବା ଶିଳ୍ପ କର୍ମ/ ହସ୍ତନିର୍ମିତ ବସ୍ତୁ/ କିଛି ସ୍ମାରକୀ ଉପରେ ଗବେଷଣା କରୁଥିବା ଗବେଷକମାନଙ୍କୁ ଆହ୍ୱାନ କରିଛନ୍ତି ଥାଇଲ୍ୟାଣ୍ଡ ସରକାର ଏଠାକୁ ଆସି ତଥ୍ୟ ସଂଗ୍ରହ କରିବା ପାଇଁ। କାରଣ ସମୟ ସ୍ୱଳ୍ପ ଓ ଅଗଷ୍ଟ ବେଳକୁ ବର୍ଷା ଆରମ୍ଭ ହୋଇଗଲେ ତାହା ପୁଣି ଜଳମଗ୍ନ ହୋଇଯିବ। ଜଣେ ଅଷ୍ଟ୍ରେଲୀୟ ଗବେଷକ ଉଲ୍ଲେଖ କରିଛନ୍ତି ଯେ ତାଙ୍କର ଜେଜେବାପା ଏହି ରେଲୱେ ନିର୍ମାଣରେ ଜଣେ ଯୁଦ୍ଧବନ୍ଦୀ ଭାବରେ ଖଟିଥିଲେ ଓ ବର୍ବରତା ଓ ନିର୍ଯାତନା ଭିତରେ ସେ ସେଠାରେ ପ୍ରାଣତ୍ୟାଗ କରିଥିଲେ। ସେ ୧୯୪୨ ମସିହାରେ ଜାପାନୀମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ସିଙ୍ଗାପୁରରୁ। ଏହି ଗବେଷକ ଏହାକୁ ଜାଣିବା ପାଇଁ କେଉଁ ଅବସ୍ଥାରେ ରହୁଥିଲେ ଏହି ଯୁଦ୍ଧ ବନ୍ଦୀମାନେ ଓ କି ନିର୍ଯାତନା ଓ ବର୍ବରତାର ସମ୍ମୁଖୀନ ହେଉଥିଲେ- ୩୮ ଡିଗ୍ରୀ ଉପରେ କର୍ଦ୍ଦମାକ୍ତ ଏହି ରାସ୍ତା ଓ ପରିତ୍ୟକ୍ତ ନିଥେ ଷ୍ଟେସନ୍‌କୁ ଅବଲୋକନ କରି ଯନ୍ତ୍ରଣାରେ ଭାଙ୍ଗି ପଡ଼ିଥିଲେ। ତାଙ୍କ ଜେଜେବାପାଙ୍କ ରେଜିମେଣ୍ଟ ଉପରେ ଏକ ପୁସ୍ତକ ରଚନା ସେ କରିଛନ୍ତି 'ଫ୍ରମ୍ ଦ ଉଡ୍‌ଲ୍ୟାଣ୍ଡସ୍ ଟୁ ଦ ଜଙ୍ଗଲ୍'; ତିନି ତିନି ଥର ଆସି ମେଟାଲ ଡିଟେକ୍ଟର ମାଧ୍ୟମରେ ସ୍କାନ୍ କରି ଅନେକ ଐତିହାସିକ ନମୁନା ସଂଗ୍ରହ କରିଛନ୍ତି। କିନ୍ତୁ ଜଳମଗ୍ନ ଥିବାରୁ ବିଶେଷ କିଛି ସଂଗ୍ରହ କରି ପାରି ନାହାନ୍ତି। ଏବେ ଏହି ସୁଯୋଗ ତାଙ୍କୁ ଅନୁପ୍ରେରିତ କରିଛି ସେହି ଷ୍ଟେସନ୍‌ର ଲେ-ଆଉଟ୍, ଇନ୍‌ଫ୍ରାଷ୍ଟ୍ରକ୍ଚରର ଅବଶିଷ୍ଟାଂଶ ଆଦି ଉପରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ।

ସେହିପରି ଆଉ ଜଣେ ଗବେଷକ ଲଣ୍ଡନ୍‌ର ନ୍ୟାସନାଲ ଆର୍କାଇଭସ୍‌ରୁ ନିଥେ ଷ୍ଟେସନ୍‌ର ଆକାଶ ମାର୍ଗରୁ ଉତ୍ତୋଳନ କରା ଯାଇଥିବା ଫଟୋଗ୍ରାଫ୍ ଓ ତା' ସହିତ ସଂଯୁକ୍ତ ଏହି ବର୍ମା-ଥାଇଲ୍ୟାଣ୍ଡର ରେଲ୍‌ୱେ ନେଟ୍‌ୱର୍କ ଉପରେ ଗବେଷଣା ଜାରି ରଖି ଉଲ୍ଲେଖ କରିଛନ୍ତି ଯେ ତାଙ୍କ ବାପା ମଧ୍ୟ ଏହି ଯୁଦ୍ଧରେ ସାମିଲ ହୋଇ ଯୁଦ୍ଧ ବନ୍ଦୀ ସାଜିଥିଲେ ଓ ଏହି ରେଲୱେ ନିର୍ମାଣରେ ଅଂଶଗ୍ରହଣ କରିଥିଲେ, ସେହି ସିଙ୍ଗାପୁରରୁ ଧରାହୋଇ। ଏହି ନିଥେ ଷ୍ଟେସନ୍‌ରୁ ୧୦୦ କି.ମି. ଦକ୍ଷିଣ-ପଶ୍ଚିମ ଦିଗରେ ଅବସ୍ଥିତ ହେଲ ଫାୟାର ପାସ୍। ଅନେକ ପର୍ବତମାଳା ଦେଇ ଘୁରି ଘୁରି ଯାଇଥିବା ରାସ୍ତା ଓ ଏହି ପାସ୍ ହେଉଛି ଶହ ଶହ ନିର୍ଯାତିତ ଯୁଦ୍ଧ ବନ୍ଦୀଙ୍କ ଯନ୍ତ୍ରଣାଦାୟକ ମୃତ୍ୟୁର ମୂକସାକ୍ଷୀ। ସେଠାରେ ଅଷ୍ଟ୍ରେଲିଆ ସରକାର ନିର୍ମାଣ କରିଛନ୍ତି ହେଲ୍‌ଫାୟାର ଇଣ୍ଟରପ୍ରେଟିଭ୍ ସେଣ୍ଟର। ଏହାକୁ ଦେଖିବା ପାଇଁ ଗତ ବର୍ଷ ଏକ ଲକ୍ଷ ୬୯ ହଜାର ପର୍ଯ୍ୟଟକ ସେଠାକୁ ଯାଇଛନ୍ତି। ସମୟ ଗତି କରିବା ପରିପ୍ରେକ୍ଷୀରେ ଦର୍ଶକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି ଓ ତା' ସହିତ ଗବେଷକଙ୍କର ମଧ୍ୟ। ଏହି ସେଣ୍ଟରରେ ସାଇତା ହୋଇ ରହିଛି ଅନେକ ବ୍ୟକ୍ତିଙ୍କର ଗଳ୍ପର ଅଫୁରନ୍ତ ଭଣ୍ଡାର, ଯାହା ମନେ ପକାଇ ଦେଉଥିବ ଦଶନ୍ଧି ଧରି ଏଇ ଅକଥନୀୟ ନୃଶଂସତାର କାହାଣୀ। ଆଉ ଶୁଭୁଥିବ ସେମାନଙ୍କ ଉତ୍ତର ପିଢ଼ିଙ୍କର ଚୁପି ଚୁପି କାନ୍ଦର ସ୍ୱର।

୧୯୪୫ରେ ଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ଏହି ଡେଥ୍ ରେଲୱେ ତା'ର ମିଲିଟାରୀ ଗୁରୁତ୍ୱ ହରାଇଲା। ସେହି ରେଲୱେର ଅନେକ ଅଂଶ ଆଲାଏଡ୍ ଫୋର୍ସଙ୍କର ବୋମା ମାଡ଼ରେ ଖଣ୍ଡ ଖଣ୍ଡ ହୋଇ ଯାଇଛି। ବଳକା ପଥକୁ ପରିଚାଳନା କରିବା ମଧ୍ୟ କଷ୍ଟସାଧ୍ୟ ହୋଇ ପଡ଼ିଛି। ୧୯୪୭ ମସିହାରେ ଏହି ରେଲୱେକୁ ଅଫିସିଆଲି ବନ୍ଦ କରି ଦିଆଯାଇଛି ଓ ଅଧିକାଂଶ ସ୍ଥାନକୁ ଭାଙ୍ଗି ଦିଆଯାଇଛି। ବର୍ମା (ମିଆଁମାର) ଭିତରେ ଥିବା ଏହି ରେଳପଥ ପରିତ୍ୟକ୍ତ ଅବସ୍ଥାରେ ଖଣ୍ଡ ଖଣ୍ଡ ହୋଇ ବିକ୍ଷିପ୍ତ ଭାବରେ ପଡ଼ି ରହିଛି। ପରବର୍ତ୍ତୀ କାଳରେ ଥାଇଲ୍ୟାଣ୍ଡ ସରକାର ଏହି ରେଲ୍‌ୱେର କିଛି ଅଂଶକୁ ପୁନଃନିର୍ମାଣ କରିଛନ୍ତି। ତାହା ନଙ୍ଗ୍ ପ୍ଲା ଡୁକ୍‌ଠାରୁ ନାମ୍‌ଟକ୍ ପର୍ଯ୍ୟନ୍ତ ରାସ୍ତାର କିଛି ଅଂଶ। ରେଗୁଲାର ଟ୍ରେନ୍ ଯାତାୟାତ କରୁଛି ଥାଇଲ୍ୟାଣ୍ଡ ଭିତରେ ଏହି ରାସ୍ତାରେ। ସେହି ୪୧୫ କି.ମି. ବ୍ୟାପି ଡେଥ୍ ରେଲୱେର ଟୁକୁଡ଼ା ଟୁକୁଡ଼ା ଖଣ୍ଡସବୁ, ଯେପରିକି ଷ୍ଟେସନ୍, ବ୍ରିଜ୍ ଆଦି ଐତିହାସିକ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହୋଇଛି। ସେଇ କ୍ୱାଇ ନଦୀ ଉପରେ ନିର୍ମିତ ବ୍ରିଜ୍ ହେଉଛି ଏକ ପ୍ରମୁଖ ଟୁରିଷ୍ଟ ଡେଷ୍ଟିନେସନ୍। ଏହି ୱାର ମେମୋରିଆଲ ସବୁ କହି ଚାଲିଥାଏ କେତେ ଭୟଙ୍କର ଏଇ ଯୁଦ୍ଧ, କି ଅକଥନୀୟ ଯନ୍ତ୍ରଣା ଭୋଗିଛନ୍ତି ଯୁଦ୍ଧ ବନ୍ଦୀମାନେ। ଏହିପରି ଜର୍ମାନୀର ମ୍ୟୁନିକ୍ ସହରର ଏକ ପ୍ରାନ୍ତରେ ଥିବା ଡାକାଉଠାରେ ଅଛି ସେହି ଦ୍ୱିତୀୟ ବିଶ୍ୱଯୁଦ୍ଧର ସାକ୍ଷ୍ୟ ବହନ କରିଥିବା ଏକ କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପର ସାଇଟ୍, ଯାହାକୁ ପରିଦର୍ଶନ କରିବାର ସୁଯୋଗ ଏଇ ଲେଖକଙ୍କୁ ମିଳିଥିଲା। ସେଠାରେ ସେହିପରି ଯୁଦ୍ଧ ବନ୍ଦୀମାନଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆ ଯାଉଥିଲା। ଅଛି ଅନେକ ବାରାକ୍‌ର ମୂଳ ଭିତ୍ତି ଯେଉଁଠି ସେମାନଙ୍କୁ ରଖା ଯାଉଥିଲା, ଅଛି ଏକ ଭଙ୍ଗା ରେଲୱେ ଲାଇନ୍- ଯେଉଁ ବାଟେ ସେମାନଙ୍କୁ ଅଣା ଯାଉଥିଲା। ଅଛି ଏକ ମ୍ୟୁଜିୟମ୍ ଯେଉଁଠି ବିକ୍ଷିପ୍ତ ଭାବରେ ବର୍ଣ୍ଣିତ ହୋଇଛି ସେହି ନିର୍ଯାତନାର କାହାଣୀ, ରୋଗଗ୍ରସ୍ତ ଯୁଦ୍ଧ ବନ୍ଦୀଙ୍କ ଦୁର୍ଦ୍ଦଶା। ଆଉ ଲେଖା ଯାଇଛି ଏକ ସ୍ମାରକୀରେ 'ନେଭର ଏଗେନ୍।' ଆଉ ନର କଙ୍କାଳ ସଦୃଶ କଳା କାଠରେ ଏକ ବିଶାଳ ସ୍ମାରକୀ, ଯାହାକୁ ଦେଖି ଅଜଣାରେ ଅଶ୍ରୁ ଜକେଇ ଆସିବ ଆଖିରେ ଓ ସ୍ଥିତି ଥରି ଉଠିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେଲା। ମିଳିତ ଜାତିସଂଘ ଗଠିତ ହେଲା। ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଅନେକ ଶପଥ ପାଠ ହେଲା। ଦେଶ ଦେଶ ମଧ୍ୟରେ ସହଯୋଗିତା ବୃଦ୍ଧି ହେବା ଆଶା କରାଗଲା। ହେଲେ ହେଲା କ'ଣ! ଆରମ୍ଭ ହୋଇଗଲା ଦୁଇ ମହାଶକ୍ତି ଆମେରିକା ଓ ସୋଭିଏତ୍ ୟୁନିଅନ୍ ମଧ୍ୟରେ ଶୀତଳ ଯୁଦ୍ଧ। ଅନେକ ଦେଶ ଏଥିରେ ବଳି ପଡ଼ିଲେ। ଏହାର ଇତିହାସ ସୁଦୀର୍ଘ ୪୪ ବର୍ଷ ୯ ମାସର। ୧୯୪୭ ମାର୍ଚ୍ଚ ୧୨ରୁ ୧୯୯୧ ଡିସେମ୍ବର ୨୬। କେତେ ବିଭାଜିତ ରାଷ୍ଟ୍ର ସୃଷ୍ଟି ହେଲେ। କୋରିଆନ୍ ୱାର, ଭିଏତନାମ୍ ୱାର୍ ଆଦି, ଏବେ ଯାହାର ସାକ୍ଷ୍ୟ ପ୍ରଦାନ କରେ ଇତିହାସ। ତଥାପି ଏଇ ମାନବ ଜାତି କିଛି ଶିକ୍ଷା ଲାଭ କଲାନି। ଏହା ପରେ ପରେ କେତେ ଯୁଦ୍ଧ ଘଟି ଗଲାଣି, ଅସଂଖ୍ୟ ମଣିଷ ମୃତ୍ୟୁବରଣ କଲେଣି। କେତେ ଧ୍ୱଂସର ତାଣ୍ଡବ ସୃଷ୍ଟ ହୋଇ ଗଲାଣି ଏଇ ପୃଥିବୀ ବକ୍ଷରେ। ରକ୍ତର କେତେ ନଦୀ ବହି ଗଲାଣି। ତଥାପି ନିଥେ ଷ୍ଟେସନ୍ ଭଳି ଡାକାଉର ସ୍ମାରକୀ ଭଳି ପୋଲାଣ୍ଡର ଗ୍ୟାସ ଚ୍ୟାମ୍ବର ଭଳି ହିରୋସିମାର ମ୍ୟୁଜିୟମ୍ ଭଳି ଅନେକ ସ୍ମାରକୀକୁ ପରିଦର୍ଶନ କରିବା ପାଇଁ ଛୁଟିଛି ମଣିଷଙ୍କ ସ୍ରୋତ। ଏଗୁଡ଼ିକ ମନେ ପକାଇ ଦେଉଥିବ ମଣିଷର ବର୍ବରତାର କାହାଣୀ, ଅକଥନୀୟ ଯନ୍ତ୍ରଣାରେ ଆଖି ବୁଜି ଦେଇଥିବା ଯୁଦ୍ଧ ବନ୍ଦୀ/ସାଧାରଣ ଶ୍ରମିକଙ୍କ ଛାତି ଥରା ନିର୍ଯାତନାର କଥା। ଆଉ ଏ ଜାତି ଶପଥ ନେଉଥିବ- 'ନେଭର ଏଗେନ୍।' ପୁଣି ଦୋହରାଇ ଚାଲିଥିବ ସେଇ ମହାସଂଗ୍ରାମ। ହାଏରେ ମଣିଷ ଜାତି!

**ଭିଆଇଏମ୍- ୭୪୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର**
**ମୋ: ୯୪୩୭୩୦୭୪୮୬**

# ଏଫ୍‌ସିଆର୍‌ଏ ଉପରେ କଟକଣା

ଯେଉଁ କ୍ଷେତ୍ରରେ ରାଷ୍ଟ୍ର ବା ରାଜ୍ୟ ଦ୍ୱାରା ସାଧାରଣ ନାଗରିକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ବିପର୍ଯ୍ୟୟକାଳୀନ ରିଲିଫ୍, ନାଗରିକ ସ୍ୱାଧୀନତା ଓ ଅଧିକାର ଭଳି ବିଭିନ୍ନ ପ୍ରକାର କ୍ଷେତ୍ରରେ ଅଭାବ ଅସୁବିଧାରୁ ଉଦ୍ଧାର କରିବା କିମ୍ବା ସେବା ଓ ସହାୟତା ଯୋଗାଇ ଦେବା ସମ୍ଭବପର ହୋଇ ନଥାଏ, ସେହି କ୍ଷେତ୍ରରେ ନାଗରିକ ସମାଜ ସଂଗଠନ ବା ଏନ୍‌ଜିଓଗୁଡ଼ିକ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ତା' ସତ୍ତ୍ୱେ ଭାରତ ସରକାର ଏନ୍‌ଜିଓଗୁଡ଼ିକ ଉପରେ ସନ୍ଦେହ ପ୍ରକଟ କରି ସେମାନଙ୍କର କାର୍ଯ୍ୟ କରିବାର ଶୈଳୀ ଉପରେ କଠୋର କଟକଣା ଜାରି କରିବାକୁ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ (ଏଫ୍‌ସିଆର୍‌ଏ), ୨୦୧୦ର ବ୍ୟବହାର କରିଛନ୍ତି। ନିକଟରେ ପ୍ରକାଶିତ ବିଦେଶୀ ଅନୁଦାନ ନିୟନ୍ତ୍ରଣ (ସଂଶୋଧନ) ନିୟମାବଳୀ, ୨୦୨୬ ହେଉଛି ୨୦୧୧ ପରଠାରୁ ଏଫ୍‌ସିଆର୍‌ଏ ଅଧୀନରେ କଟକଣାଗୁଡ଼ିକର ୧୦ମ ଥର ପାଇଁ ସଂଶୋଧନ କରାଯାଇଛି। ସରକାର ବିଦେଶୀ ଅନୁଦାନଗୁଡ଼ିକର କଡ଼ାକଡ଼ି ଯାଞ୍ଚ ପରେ ବ୍ୟବହାର କରି ଆସିଛନ୍ତି। ପରିଣତି ସ୍ୱରୂପ, ଅଣ-ସରକାରୀ ଅନୁଷ୍ଠାନ (ଏନ୍‌ଜିଓ)ଗୁଡ଼ିକ ସେମାନଙ୍କର କାର୍ଯ୍ୟ କରିବାର ଶୈଳୀରେ କ୍ରମେ କ୍ରମେ ପ୍ରତିବନ୍ଧିତ ହୋଇ ଆସିଛନ୍ତି। ୨୦୧୫ଠାରୁ ୧୮ ହଜାରରୁ ଅଧିକ ସଂଖ୍ୟକ ଏନ୍‌ଜିଓଙ୍କର ଏଫ୍‌ସିଆର୍‌ଏ ପଞ୍ଜିକରଣ ଆବେଦନକୁ ଖାରଜ କରି ଦିଆଯାଇଛି। ଏହି ସଂଖ୍ୟା ବର୍ତ୍ତମାନ ଦେଶରେ ଯେତିକି ସଂଖ୍ୟକ ଏନ୍‌ଜିଓ କାମ କରୁଛନ୍ତି, ସେମାନଙ୍କ ସଂଖ୍ୟାଠାରୁ ଢେର୍ ଅଧିକ, କାରଣ ଦେଶରେ ଏବେ ୧୪,୪୫୬ ପଞ୍ଜିକୃତ ଏନ୍‌ଜିଓ କାମ କରୁଛନ୍ତି। ପୂର୍ବରୁ ଏନ୍‌ଜିଓମାନଙ୍କ ଉପରେ ଲାଗୁ କରାଯାଇଥିବା କଟକଣାଗୁଡ଼ିକ ଉପରେ ପୁଣି ଲଦି ଦିଆଯିବାକୁ ଯାଉଥିବା ନୂଆ ନିୟମାବଳୀଗୁଡ଼ିକ ଲୋକମାନଙ୍କ ସହିତ ସମଗ୍ର ପରିବେଶ ନିମନ୍ତେ କାମ କରିବାକୁ ଅଧିକ ଆହ୍ୱାନମୂଳକ କରିଦେବ। ଉଦାହରଣ ସ୍ୱରୂପ, ଏନ୍‌ଜିଓମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ ଏବଂ ସେମାନଙ୍କର କାମ କରିବାର ଭୌଗୋଳିକ ଅଞ୍ଚଳ ସମ୍ବନ୍ଧରେ ଏହି ନୂଆ ନିୟମାବଳୀ ଅନୁସାରେ ସରକାରଙ୍କୁ ଜଣାଇବାକୁ ପଡ଼ିବ। ସେମାନଙ୍କୁ ମଧ୍ୟ ସେମାନେ କାମ କରିବାକୁ ଯାଉଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ପଡ଼ିବ। ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ କାମ କରିବା ବେଳେ ତାହା ସମ୍ପୂର୍ଣ୍ଣ ଭାବରେ ଅଣ-ରାଜନୀତିକ ହେବ। ଏମିତି ଆହୁରି ଅନେକଗୁଡ଼ିଏ ଅନୁମୋଦନର ବିବରଣୀ ରହିଛି, ଯେଉଁଗୁଡ଼ିକ ସବୁଯାକ କେବଳ ଏନ୍‌ଜିଓମାନଙ୍କ ସ୍ୱାଧୀନତାକୁ ସୀମିତ କରିବାର ଉଦ୍ଦେଶ୍ୟ ବହନ କରୁନାହିଁ, ବରଂ ସେଥିରୁ କୌଣସିଟିର ଉଲ୍ଲଙ୍ଘନ ହେଲେ ସେମାନଙ୍କ ଉପରେ ଦଣ୍ଡ ବିଧାନ କରାଯିବାର ବିପଦ ମଧ୍ୟ ରହିଛି।

ସେମାନେ ଯେଉଁ ଲୋକମାନଙ୍କ ମଧ୍ୟରେ କାମ କରନ୍ତି, ସେମାନଙ୍କ ପ୍ରତି ଅର୍ଥପୂର୍ଣ୍ଣ ଭାବରେ ପ୍ରତିକ୍ରିୟା ପ୍ରକାଶ କରିବାର ଯେଉଁ ଗତିଶୀଳତା ନାଗରିକ ସମାଜ ସଂଗଠନଗୁଡ଼ିକଙ୍କ ନିକଟରେ ରହିଥାଏ, ତାକୁ ହତ୍ୟା କରି ସରକାର ଏକ ଗଣତନ୍ତ୍ରରେ ନାଗରିକ ସମାଜମାନେ ଅବାଧରେ କାମ କରିବାର ସାମର୍ଥ୍ୟକୁ ଧ୍ୱଂସ କରୁଛନ୍ତି। ୨୦୨୬ ନିୟମାବଳୀ ଆହୁରି ମଧ୍ୟ ଦାବି କରେ ଯେ ଏନ୍‌ଜିଓମାନେ ସେମାନଙ୍କର ରହିଥିବା ସବୁଯାକ ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ଆକାଉଣ୍ଟ, ୱେବ୍‌ସାଇଟ୍‌ଗୁଡ଼ିକ ସମ୍ପର୍କରେ ସରକାରଙ୍କ ଆଗରେ ତଥ୍ୟ ରଖିବେ ଏବଂ ସେମାନେ କିମ୍ବା ସେମାନଙ୍କର ପ୍ରମୁଖ କର୍ମକର୍ତ୍ତାମାନେ ଯଦି କିଛି ବହି, ପତ୍ରପତ୍ରିକା ବା ଏକ ସମ୍ବାଦପତ୍ର ନିବନ୍ଧ/ ଆର୍ଟିକ୍ଲ, ତା'ହେଲେ ସେ ସମ୍ବନ୍ଧରେ ଏକ ଘୋଷଣାପତ୍ର ଦାଖଲ କରିବେ। ସରକାରୀ ଯାଞ୍ଚର ଏଭଳି ସ୍ତର ଯେ କୌଣସି ସଂଗଠନର ସ୍ୱାୟତ୍ତତାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେବ। ସଂଗଠନ ଓ ଏହାର କର୍ମକର୍ତ୍ତାମାନଙ୍କ ମନରେ ସବୁବେଳେ ଭୟଟିଏ ରହିବ ଯେ ସେମାନେ ହୁଏତ ସରକାରଙ୍କୁ ଅପମାନିତ କରୁଛନ୍ତି ଏବଂ ସେଥିପାଇଁ ସେମାନଙ୍କ ପଞ୍ଜିକରଣ ରଦ୍ଦ ହୋଇଯାଇପାରେ। ସେମାନଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଉଦ୍ଦେଶ୍ୟ କିମ୍ବା ଅଞ୍ଚଳ କିମ୍ବା ଉଲ୍ଲେଖ କରିଥିବା ପ୍ରଶାସନିକ ସୀମା ବାହାରେ ଖର୍ଚ୍ଚ କରିବାରେ ସାମାନ୍ୟତମ ବ୍ୟତିକ୍ରମ ଭୟାବହ ଦଣ୍ଡ ପାଇବା ଭଳି ପରିଣତିକୁ ଆମନ୍ତ୍ରଣ କରି ଆଣିବ। କହିବା ବାହୁଲ୍ୟ, ସନ୍ଦେହାସ୍ପଦ ବା କୁଖ୍ୟାତି ଅର୍ଜନ କରିଥିବା ଏନ୍‌ଜିଓମାନଙ୍କ ଦ୍ୱାରା କରାଯାଉଥିବା ଜାଲ୍ ଆର୍ଥିକ କାରବାରକୁ ସର୍ବସମ୍ମୁଖକୁ ଆଣିବା ଏକ ଅନିବାର୍ଯ୍ୟ କାର୍ଯ୍ୟ। କିନ୍ତୁ ପ୍ରଶ୍ନ ଉଠେ- ନାଗରିକ ସମାଜ ସଂଗଠନଗୁଡ଼ିକ କେବଳ ସରକାରୀ-ନିରୀକ୍ଷଣାଧୀନ କାର୍ଯ୍ୟକଳାପଗୁଡ଼ିକ ଭିତରେ ସୀମିତ ରହିବା ଉଚିତ କି? ଏହି ନିୟମ ଏନ୍‌ଜିଓମାନଙ୍କ ପ୍ରତିଷ୍ଠା ହେବା ପଛର ଉଦ୍ଦେଶ୍ୟ ଏବଂ ସହାୟତା ପ୍ରଦାନ କରିବାର କାର୍ଯ୍ୟ ଓ ପ୍ରଗତି କ୍ଷେତ୍ରରେ ନାଗରିକ ସମାଜର ଅଂଶଗ୍ରହଣର ପରିସରକୁ ଧ୍ୱଂସ କରି ଦେଇଥାଏ। ଏଫ୍‌ସିଆର୍‌ଏ ଏବଂ ଏହାର ନିୟମାବଳୀଗୁଡ଼ିକରେ ବାରମ୍ବାର ସଂଶୋଧନ କରାଯିବା ଧୀରେ ଧୀରେ ଅସନ୍ତୋଷ ପ୍ରକାଶ କରିବା ଏବଂ ସମାଲୋଚନା କରିବାର ସ୍ଥାନକୁ ସଂକୁଚିତ କରି ଦେଉଛି। ଗଣତନ୍ତ୍ର ଏହି ସ୍ଥାନ ସୃଷ୍ଟି କରିଥାଏ; ଏହି ସ୍ଥାନକୁ ରାଷ୍ଟ୍ର ଜୋର ଜବରଦସ୍ତ ମାଡ଼ି ବସିବା ଗଣତାନ୍ତ୍ରିକ ନୀତିଗୁଡ଼ିକର ବିରୁଦ୍ଧାଚରଣ କରିଥାଏ। ଅପର ପକ୍ଷରେ, ୨୦୨୬ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଯେଉଁ ଏନ୍‌ଜିଓମାନଙ୍କର ପଞ୍ଜିକରଣକୁ ବାତିଲ କରାଯାଇଛି, ସମର୍ପଣ କରାଯାଇଛି ବା ପୁନର୍ନବୀକୃତ କରାଯାଇ ନାହିଁ, ସେସବୁଙ୍କ ସମ୍ପତ୍ତିଗୁଡ଼ିକୁ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ କର୍ତ୍ତୃପକ୍ଷ ଅଧିଗ୍ରହଣ କରିବା ସମ୍ବନ୍ଧରେ ଅନୁମତି ପ୍ରଦାନ କରିବା ପାଇଁ ସଂଶୋଧନର ପ୍ରସ୍ତାବଟିଏ ରଖିଥିଲେ। କିନ୍ତୁ ସରକାରଙ୍କ ଏହି ପ୍ରସ୍ତାବର ଦୃଢ଼ ବିରୋଧ କରାଗଲା, ବିଶେଷକରି ସଂଖ୍ୟାଲଘୁ ଅନୁଷ୍ଠାନମାନଙ୍କ ତରଫରୁ। ଫଳରେ ସରକାର ଏହାକୁ ସ୍ଥଗିତ ରଖିଲେ। ସଦ୍ୟତମ ସଂଶୋଧିତ ନିୟମାବଳୀ ଠିକ୍ ସେମିତି ବିଦେଶୀ ପାଣ୍ଠିକୁ ଏନ୍‌ଜିଓମାନଙ୍କ ଦ୍ୱାରା ନାଗରିକ ସମାଜର କାମ ନିମନ୍ତେ ବ୍ୟବହାର କରିବା ଉପରେ କଟକଣା ଲଗାଇ ସେମାନଙ୍କର ତଣ୍ଟି ଚିପିବା ନିମନ୍ତେ ସରକାରଙ୍କର ଅନ୍ୟ ଏକ କାମ ଭଳି ମନେ ହେଉଛି। କେନ୍ଦ୍ର ସରକାର ନୂତନ ବିଜ୍ଞପ୍ତିରେ ରହିଥିବା ଦଣ୍ଡ ବିଧାନମୂଳକ ବ୍ୟବସ୍ଥା, ବିଶେଷକରି ଯେଉଁଗୁଡ଼ିକ ବହୁବିଧ ଦେୟ ଏବଂ ରାଜନୀତିକ ବିଷୟବସ୍ତୁ ଉପରେ ରହିଛି, ସେଗୁଡ଼ିକୁ ପ୍ରତ୍ୟାହାର କରିନେବା ସହିତ ନିଷ୍ପକ୍ଷ ନିୟମାବଳୀ ଲାଗୁ କରିବା ଉଚିତ।

# ଶ୍ରୀଜଗନ୍ନାଥଙ୍କ ଜନ୍ମ ମହୋତ୍ସବ



ଅନନ୍ତ ଗୋପାଳ ପଣ୍ଡା

ଭକ୍ତ ବତ୍ସଳ ଶ୍ରୀଜଗନ୍ନାଥ। ଭକ୍ତମାନଙ୍କୁ ଆନନ୍ଦ ଦେବା ପାଇଁ କେଉଁ ଏକ ସ୍ମରଣାତୀତ କାଳରୁ ମହୋଦଧି କୂଳରେ, କଳ୍ପବଟ ମୂଳରେ, ଶ୍ରୀବତ୍ସ ଖଣ୍ଡଶାଳର ରତ୍ନ ମଣ୍ଡପରେ ଦାରବୀ ତନୁ ଧାରଣପୂର୍ବକ ପ୍ରଦର୍ଶନ କରୁଛନ୍ତି ବିବିଧ ଲୀଳା। ଶ୍ରୀଜଗନ୍ନାଥଙ୍କ ବାର ମାସରେ ତେର ଯାତ ନ୍ୟାୟରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ନାନ ମହୋତ୍ସବ ଆଦ୍ୟ ଯାତ୍ରା ଭାବରେ ହୁଏ ଅଭିହିତ। ଏହି ପ୍ରସିଦ୍ଧ ସ୍ନାନ ଯାତ୍ରା ସଂପର୍କରେ ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟ ଆଦି ଗ୍ରନ୍ଥମାନଙ୍କରେ ବିସ୍ତୃତ ଭାବରେ ରହିଛି ବର୍ଣ୍ଣନା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ନାନ ଓ ଗୁଣ୍ଡିଚା ଯାତ୍ରାକୁ ମହାପ୍ରଭୁଙ୍କର ପତିତ ତାରଣ ଯାତ୍ରା ଭାବେ ଉଲ୍ଲେଖ କରି ଲେଖିଛନ୍ତି, 'ସ୍ନାନ ଗୁଣ୍ଡିଚାଏ ବେନି ସ୍ୱଙ୍ଗ ଲୀଳା ଯାର/ ପତିତପାବନ ଅର୍ଥେ ପ୍ରାସାଦୁ ବାହାର।'
ରତ୍ନ ସିଂହାସନରେ ଅବସ୍ଥାନ କାଳରେ ଅନୁଷ୍ଠିତ ସମସ୍ତ ଯାତ୍ରା ଐଶ୍ୱର୍ଯ୍ୟ ଲୀଳା ରୂପେ ଅଭିହିତ ହେଉଥିଲା ବେଳେ ସ୍ନାନ ଓ ଗୁଣ୍ଡିଚା ମହୋତ୍ସବ ମାଧୁର୍ଯ୍ୟ ଲୀଳାର ପରିପ୍ରକାଶ ଭାବେ ହୋଇଥାଏ ବିବେଚିତ।
ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ହେଉଛି ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆବିର୍ଭାବର ଦିବସ ବା ଜନ୍ମ ଦିବସ। ନୀଳାଦ୍ରି ମହୋଦୟର ବର୍ଣ୍ଣନାନୁସାରେ ମନ୍ୱନ୍ତରର ପ୍ରାରମ୍ଭରେ ସ୍ୱାୟମ୍ଭୁବ ମନୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ଆରମ୍ଭ କରିଥିବା ଯଜ୍ଞାନୁଷ୍ଠାନର ଯଜ୍ଞ ବେଦୀରେ ପୂର୍ଣ୍ଣିମା ତିଥିରେ ପ୍ରଭୁ ଜଗନ୍ନାଥ ହୋଇଥିଲେ ଅବତୀର୍ଣ୍ଣ। ତେଣୁ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥି ହେଉଛି ମହାପ୍ରଭୁଙ୍କର ଜନ୍ମ ଦିବସ। ନୀଳାଦ୍ରି ମହୋଦୟର ଷଷ୍ଠ ଅଧ୍ୟାୟ ଅନେଶୋତ ଶ୍ଳୋକରେ ପ୍ରଭୁ ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି, 'ସ୍ୱାୟମ୍ଭୁବଃ କୃତେ ତତ୍ର ଦର୍ଶେ ତବ ମଖାଞ୍ଚିତେ।/ ଅବତୀର୍ଣ୍ଣଃ ସ୍ୱୟଂ ଜ୍ୟେଷ୍ଠ ତତ୍ର ଜନ୍ମଦିନଂ ମମ।'

ଏହି ଜନ୍ମ ମହୋତ୍ସବକୁ ଯଥାବିଧି ପାଳନପୂର୍ବକ ମହାସ୍ନାନ କରାଇବା ପାଇଁ ସ୍ୱୟଂ ଜଗନ୍ନାଥ ପ୍ରିୟ ଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କୁ କହିବାର ବର୍ଣ୍ଣନା ମଧ୍ୟ ରହିଛି ଉପରୋକ୍ତ ଗ୍ରନ୍ଥରେ। ସେହିପରି ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡସ୍ଥିତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟର ୩୧ ଅଧ୍ୟାୟରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ବିଧି ସୁବିସ୍ତୃତ ଭାବେ ହୋଇଛି ବର୍ଣ୍ଣିତ। ଶାସ୍ତ୍ରମାନଙ୍କରେ ଏହି ସ୍ନାନ ମହୋତ୍ସବକୁ ବିଭିନ୍ନ ନାମରେ ନାମିତ କରାଯାଇଅଛି, ଯଥା- ମଞ୍ଚ ସ୍ନାନ, ଦେବ ସ୍ନାନ, ଜ୍ୟେଷ୍ଠ ସ୍ନାନ ଇତ୍ୟାଦି। ମେଘନାଦ ପାଚେରୀ ନିର୍ମାଣର ବହୁ ପୂର୍ବରୁ ଗଙ୍ଗ ବଂଶର ରାଜତ୍ୱ କାଳରେ ଭିତର ବେଢ଼ାରେ କାଷ୍ଠ ଓ ବାଉଁଶ ସାହାଯ୍ୟରେ ଅସ୍ଥାୟୀ ରୂପେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନ ନିମନ୍ତେ ମଞ୍ଚ ପ୍ରସ୍ତୁତ କରା ଯାଉଥିଲା। ଏହି ମଞ୍ଚକୁ ଚନ୍ଦ୍ରାତପ ଓ ପୁଷ୍ପଦ୍ୱାରା କରାଯାଉଥିଲା ସଜ୍ଜିତ। ସେହି ସୁସଜ୍ଜିତ ମଞ୍ଚ ଉପରେ ଶ୍ରୀଜିଉମାନଙ୍କର ସ୍ନାନ ମହୋତ୍ସବ ସମ୍ପନ୍ନ ହେଉଥିଲା। ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ମେଘନାଦ ପାଚେରୀ ନିର୍ମାଣ କରାଯାଇ ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଆନନ୍ଦ ବଜାର ସନ୍ନିକଟରେ ପୂର୍ବ ଦିଗକୁ ମୁଖ କରାଇ ସ୍ନାନ ମଣ୍ଡପ ନିର୍ମିତ ହୋଇଥିଲା। ସେହି ମଣ୍ଡପରେ ଅଦ୍ୟାବଧି ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନଯାତ୍ରା ହେଉଛି ଅନୁଷ୍ଠିତ।

ନୀଳାଦ୍ରି ମହୋଦୟର ଷଷ୍ଠ ଅଧ୍ୟାୟରେ ମହାପ୍ରଭୁ ପୁନଃଶ୍ଚ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ନାନ ଯାତ୍ରା ସମ୍ପର୍କରେ କହିଛନ୍ତି- ହେ ରାଜା, କଳ୍ପବଟର ଉତ୍ତର ଦିଗରେ ଏକ କୂପ ଖନନ କରାଇବ। ସମସ୍ତ ତୀର୍ଥମାନଙ୍କୁ ସେହି କୂପରେ ଅବସ୍ଥାନ କରିବା ପାଇଁ ଆବାହନ କରିବ। ସେହି କୂପର ଅମୃତୋପମ ଜଳରେ ମୋର ଜନ୍ମ ଦିବସ ଜ୍ୟେଷ୍ଠ ପୂର୍ଣ୍ଣିମାରେ ମୋତେ ସ୍ନାନ କରାଇବ। ସ୍ନାନ ଉପରାନ୍ତେ ପଞ୍ଚଦଶ ଦିବସ ବ୍ୟାପି ମୋର ବିରୂପ ହୋଇଥିବା ସ୍ୱରୂପକୁ କେହି ଦର୍ଶନ କରିବେ ନାହିଁ। ସେହି ଦିନମାନଙ୍କରେ ଦର୍ଶନ କଲେ ଜୀବର ଗତି ନର୍କକୁ ହେବ।

ମହାପ୍ରଭୁଙ୍କ ଆଜ୍ଞା ଅନୁସାରେ କଳ୍ପବଟର ଉତ୍ତର ଦିଗରେ ମା' ଶୀତଳାଙ୍କ ସମ୍ମୁଖରେ ଖନନ ହୋଇଥିବା କୂପର ନାମ ସୁନାକୁଅ। ସ୍ନାନ ପୂର୍ଣ୍ଣିମା ପୂର୍ବ ଦିନ ଏହି କୂପ ଜଳକୁ ସଂସ୍କାର କରାଯାଇ ଗରାବଡୁ ସେବକମାନଙ୍କ ଦ୍ୱାରା ୧୦୮ ଗୋଟି କଳସ ଗରାରେ କର୍ପୂର, କେଶର, ଚନ୍ଦନ ମିଶ୍ରିତ କରାଇ ଅଧିବାସ ଗୃହରେ ରଖାଯାଏ। ସ୍ନାନ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରେ ଚତୁର୍ଦ୍ଧା ମୂର୍ତ୍ତି ସେନାପଟା ହୋଇ ସାତ ପାହାଚ ଉପରେ ଟାହିଆ ପରିଧାନପୂର୍ବକ ଦଇତାପତିମାନଙ୍କ ଦ୍ୱାରା ଧାଡ଼ି ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ବିଜେ ହୁଅନ୍ତି। ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଓ ଅବକାଶ ନୀତି ସମ୍ପନ୍ନ ପରେ ଅଧିବାସ ଘରେ ଥିବା କଳସ ଗରା ଜଳକୁ ଗରାବଡୁ ସେବକମାନେ ସ୍ନାନ ମଣ୍ଡପକୁ ଆଣିଥାନ୍ତି। ତିନି ପୂଜାପଣ୍ଡାଙ୍କ ଦ୍ୱାରା ସଂଗୃହୀତ ଜଳକୁ ଅଭିମନ୍ତ୍ରିତପୂର୍ବକ ଷୋଡ଼ଶ ଉପଚାର ପୂଜା ସମ୍ପନ୍ନ ପରେ ଆରମ୍ଭ ହୁଏ ସ୍ନାନ ବିଧି। ରୂପା ପିଙ୍ଗଣ ମାଧ୍ୟମରେ ପୂଜାପଣ୍ଡାମାନେ ଶ୍ରୀଜଗନ୍ନାଥଙ୍କୁ ୩୫ ଗୋଟି ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗୋଟି ଗରା, ମା' ସୁଭଦ୍ରାଙ୍କୁ ୨୨ ଗୋଟି ଗରା ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ୧୮ଗୋଟି କଳସ ଗରା ଜଳରେ ସ୍ନାନ କରାଇଥାନ୍ତି। ଏହି ଦୁର୍ଲ୍ଲଭ ଦୃଶ୍ୟକୁ ନଭୋମଣ୍ଡଳରେ ଦେବତାମାନଙ୍କ ସହିତ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ବଡ଼ଦାଣ୍ଡରେ ଉପସ୍ଥିତ ରହି ଦର୍ଶନ କରିଥାନ୍ତି।

ସ୍ନାନ ଉପରାନ୍ତ ବଳଭଦ୍ରଙ୍କ ନିମନ୍ତେ ଗୋପାଳତୀର୍ଥ ମଠରୁ ଏବଂ ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ରାଘବ ଦାସ ମଠ ତରଫରୁ ପ୍ରଦତ୍ତ ହାତୀ ବେଶ ଉପକରଣରେ ତିନି ମୂର୍ତ୍ତି ଗଜାନନ ବେଶରେ ହୁଅନ୍ତି ବିଭୂଷିତ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ନାନ ମଣ୍ଡପରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିଥାନ୍ତି। ଗଜପତି ମହାରାଜାଙ୍କ ଦ୍ୱାରା ମଧ୍ୟ ଛେରାପହଁରା କାର୍ଯ୍ୟ ସ୍ନାନ ମଣ୍ଡପରେ ସମ୍ପନ୍ନ କରାଯାଏ। ହାତୀ ବେଶରେ ସୁସଜ୍ଜିତ ଥିବାବେଳେ ରୋଷଘରୁ ଛେକ ମାଧ୍ୟମରେ ସ୍ନାନ ମଣ୍ଡପକୁ ଅନ୍ନ, ଡାଲି, ବେସର, ମହୁର ଆଦି କୁଡୁଆମାନ ଅଣାଯାଇ ମହାପ୍ରଭୁଙ୍କୁ ନୈବେଦ୍ୟ କରାଯାଏ।

ଏହି ଗଜାନନ ବେଶ ଅନ୍ତରାଳରେ ରହିଛି ଏକ କିମ୍ବଦନ୍ତୀ। ମହାରାଷ୍ଟ୍ରର ଜନୈକ ଭକ୍ତ ଗଣପତି ଭଟ୍ଟ ବ୍ରହ୍ମ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆସିଥିଲେ। ତାଙ୍କର ଇଷ୍ଟ ଶ୍ରୀଜଗନ୍ନାଥଙ୍କୁ ରତ୍ନ ସିଂହାସନରେ ଦେଖି ନପାରି ପ୍ରତ୍ୟାବର୍ତ୍ତନ କରିବା ସମୟରେ କ୍ଳାନ୍ତ ହୋଇ ଏକ ବୃକ୍ଷ ମୂଳରେ ବିଶ୍ରାମ ନେଇଥିଲେ। ସ୍ୱପ୍ନାଦେଶ ଛଳରେ ମହାପ୍ରଭୁ ଗଣପତି ବେଶରେ ଦର୍ଶନ ଦେବା ପାଇଁ ଭକ୍ତ ନିକଟରେ ଅଙ୍ଗୀକାର କଲେ। ପର ଦିନ ସ୍ନାନ ମଣ୍ଡପରେ ଗଣପତି ଭଟ୍ଟ ଜିଉମାନଙ୍କୁ ଗଜାନନ ବେଶରେ ଦର୍ଶନ କରି ହେଲେ କୃତାର୍ଥ। ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ମହାପ୍ରଭୁ ଧାରଣ କଲେ ଗଜାନନ ବେଶ। ଧନ୍ୟ ପ୍ରଭୁ, ଧନ୍ୟ ତୁମର ଲୀଳା।

**ଶ୍ରୀକ୍ଷେତ୍ରବିହାର,ଆଇଗିଣିଆ, ଭୁବନେଶ୍ୱର**
**ମୋ: ୯୮୬୧୪୭୦୧୯୮**

# ସ୍ନାନ ମଣ୍ଡପରେ ମଣିମା



ସାରଦା ପ୍ରସାଦ କର

ଯାତ୍ରା ବିଭୋର ଜଗନ୍ନାଥଙ୍କର ପ୍ରତିଟି ଯାତ୍ରା ଗରିମାମୟ ଓ ମୁକ୍ତିପଦ। କେତେବେଳେ ଐଶ୍ୱର୍ଯ୍ୟ ରାହାସ, କେତେବେଳେ ମାଧୁର୍ଯ୍ୟର ରସ, କେତେବେଳେ ଗାମ୍ଭୀର୍ଯ୍ୟର ଠାଣି, କେତେବେଳେ ଔଦାର୍ଯ୍ୟର କାହାଣୀ ତାଙ୍କର ଅପ୍ରମିତ ଲୀଳା କୈବଲ୍ୟକୁ କରେ ରହସ୍ୟାବୃତ। ଏହି କ୍ରମରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରାରୁ ଅନ୍ୟତମ ସ୍ନାନଯାତ୍ରା ମଣିମାଙ୍କର ମାନବୀୟ ଲୀଳାର ଉଦନ୍ତକୁ ଦିଗନ୍ତ ବିସ୍ତାର କରେ। ଅନ୍ୟାନ୍ୟ ଯାନିଯାତ୍ରାରେ ମୂଳ ବିଗ୍ରହଙ୍କର ଚଳନ୍ତି ପ୍ରତିମାମାନେ ଆଜ୍ଞାମାଳ ଧରି ଯାତ୍ରାକୁ ବିଜେ କରୁଥିବା ବେଳେ ସ୍ନାନ ଓ ଶ୍ରୀଗୁଣ୍ଡିଚାରେ ମହାପ୍ରଭୁ ନିଜେ ଓହ୍ଲାଇ ଆସନ୍ତି ଭକ୍ତମାନଙ୍କର ଭାବ ବଳୟକୁ ଓ ଚରିତାର୍ଥ କରନ୍ତି 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ଭାବ ବୋଳା ଉକ୍ତିକୁ 'ପତିତପାବନ ଅର୍ଥେ ପ୍ରାସାଦୁ ବାହାର।'
ଦୀର୍ଘ ଏକ ବର୍ଷ ପ୍ରତୀକ୍ଷାର ପ୍ରସ୍ତ ପ୍ରସ୍ତ ଫର୍ଦ୍ଦକୁ ପରାହତ କରି ଚତୁର୍ଦ୍ଧା ମୂର୍ତ୍ତି ପାଦ ଥାପନ୍ତି ସ୍ନାନ ମଣ୍ଡପରେ। ଦିଗ, ବିଦିଗ, ବିଦିଶାରେ- ସ୍ୱପ୍ନ, ସାଧନା, ସର୍ଜନାରେ ବିଞ୍ଚିହୋଇ ପଡ଼େ ପ୍ରଶାନ୍ତି ଓ ପରମାର୍ଥର ପ୍ରସ୍ଫୁରନ୍ତ ପଦ୍ମ ପରାଗ ଏହି ଆଦ୍ୟ ଯାତ୍ରାରେ। ଯେପରି ରତ୍ନ ମଣ୍ଡପରେ ପ୍ରଭୁ ଭକ୍ତଗଣଙ୍କୁ ଦର୍ଶନ ଦିଅନ୍ତି, ଭୋଗ ମଣ୍ଡପରେ ଭୋଗ ଗ୍ରହଣ କରନ୍ତି, ଚାହାଣି ମଣ୍ଡପରେ ରଥ ପ୍ରତିଷ୍ଠା କର୍ମ, ମାଜଣା ମଣ୍ଡପରେ ବିବାହ ନୀତି, ଜଳକ୍ରୀଡ଼ା ମଣ୍ଡପରେ ଜଳ କେଳି କରନ୍ତି, ଠିକ୍ ସେହିପରି ସ୍ନାନ ମଣ୍ଡପକୁ ସାଆନ୍ତେ ବିଜେ କରନ୍ତି ସାଧାରଣ ମଣିଷ ପରି ସ୍ନାନ କରିବା ପାଇଁ। ନୀଳାଦ୍ରି ମହୋଦୟ, ଇନ୍ଦ୍ର ନୀଳମଣି ଆଦି ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ ଜ୍ୟେଷ୍ଠ ସ୍ନାନ ପୂର୍ଣ୍ଣିମା ହେଉଛି ମହାପ୍ରଭୁଙ୍କର ଆବିର୍ଭାବ ଦିବସ। ତେଣୁ ଭଗବାନଙ୍କର ସମସ୍ତ ନିତ୍ୟ ନୈମିତିକ ନୀତି ତାଙ୍କ ଜନ୍ମଦିନଠାରୁ କରାଯିବା ବିଧି ସମ୍ମତ। ସେଥିପାଇଁ ପୁରାଣ ବର୍ଣ୍ଣିତ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ଏହି ସ୍ନାନ ଯାତ୍ରାଠାରୁ ହିଁ ଆରମ୍ଭ ହୋଇଥାଏ। ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀଠାରୁ ଦଇତା ସେବକ ସେମାନଙ୍କର ଦୀର୍ଘ ଏକ ମାସ ବ୍ୟାପି ଗୋଷ୍ଠୀଗତ ସେବା ଆରମ୍ଭ କରନ୍ତି। ଏହି ଦିନ ସେମାନେ ଶ୍ରୀମନ୍ଦିରକୁ ଯାଇ ମଣିମାଙ୍କୁ ବାହୁଟ କଷ୍ଟ କରିବା ବେଳେ କୋଠ ସୁଆଁସିଆ ସେବକମାନେ ଚାରମାଳ ବାନ୍ଧନ୍ତି। ସେହିପରି ଚତୁର୍ଦ୍ଦଶୀ ଦିନ ସେନାପଟା ଓ ଜ୍ୟେଷ୍ଠ ପୂର୍ଣ୍ଣିମା ପ୍ରତ୍ୟୁଷରୁ ମଙ୍ଗଳାର୍ପଣ ତଥା ଡୋର ଲାଗି ସମାପନ ପରେ ଆରମ୍ଭ ହୁଏ ଦେବ ଦୁର୍ଲ୍ଲଭ ଧାଡ଼ି ପହଣ୍ଡିର ପର୍ବ। ନଭ ମଣ୍ଡଳହୁଏ ଭାବ ମଣ୍ଡଳ। ଘଣ୍ଟ, କାହାଳୀର କମ୍ପନରେ, ଆଳଟ ଚାମରର ଦୋଳନରେ, ଛତ୍ରୀ, ତରାସର ମିଳନରେ, ହରିବୋଲ ହୁଳହୁଳି ଲପନରେ ଫାଟିପଡ଼େ ନୀଳାଚଳ ଅଞ୍ଚଳ। ସାତ ପାହାଚରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରାଘବ ଦାସ ପ୍ରଦତ୍ତ ଟାହିଆ ଓ ଚୂଳ ଲାଗିବା ଦୃଶ୍ୟ ଦେଖିଲେ ପ୍ରାଣ ପହଞ୍ଚି ଯାଏ ପ୍ରଣବରେ। ଚିତ୍ତ ପହଞ୍ଚି ଯାଏ ଚରମରେ। ଭାବ ଛଳ ଛଳ ଭକ୍ତଙ୍କୁ ଅଶ୍ରୁ ଅଭିଷିକ୍ତ କରାଇ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ କ୍ରମାନ୍ୱୟରେ ବିଜେ କରନ୍ତି ଦିବ୍ୟ ସ୍ନାନ ମଣ୍ଡପ ଉପରକୁ। ଏହି ଯାତ୍ରାର ବୈଶିଷ୍ଟ୍ୟ ହେଉଛି- ଶ୍ରୀମନ୍ଦିର ଭିତରେ ଅନୁସୃତ ହେଉଥିବା ମଣିମାଙ୍କର ସକଳ ରୀତି ନୀତି ସର୍ବ ସମ୍ମୁଖରେ ସ୍ନାନ ମଣ୍ଡପ ଉପରେ କରାଯାଏ, ଯାହାକୁ ଦର୍ଶନ କରି ଭକ୍ତମାନେ ଭାବ ବିଭୋର ହୋଇ ଉଠନ୍ତି। ଏହି କ୍ରମରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି, ମଇଲମ, ଅବକାଶ, ଅଧର ପୋଛା ଆଦି ନୀତି ସର୍ବ ସମ୍ମୁଖରେ ହୁଏ। ଅନ୍ୟ ପଟେ, ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦିବ୍ୟସ୍ନାନ ନିମନ୍ତେ ଆରମ୍ଭ ହୋଇଯାଏ ପ୍ରସ୍ତୁତି। ଗରାବଡୁ ସେବକମାନେ ମୁଦିରସ୍ତ ଓ ସୁନା ଗୋସେଇଁଙ୍କ ତତ୍ତ୍ୱାବଧାନରେ ବର୍ଷସାରା ବ୍ୟବହାର ହେଉ ନଥିବା ସୁନା କୂଅରୁ ୧୦୮ କୁମ୍ଭ ଜଳ ଉତ୍ତୋଳନ କରନ୍ତି। ଏହି ୧୦୮ କୁମ୍ଭ ଜଳ ମଧ୍ୟରୁ ବଡ଼ ଠାକୁରଙ୍କର ୩୩ କୁମ୍ଭ, ଜଗନ୍ନାଥଙ୍କର ୩୫, ସୁଭଦ୍ରାଙ୍କର ୨୨ ଓ ସୁଦର୍ଶନଙ୍କ ନିମନ୍ତେ ୧୮ କୁମ୍ଭ ଜଳରେ ଚନ୍ଦନ, କର୍ପୂର, କେଶର ଆଦି ପଦାର୍ଥ ମିଶ୍ରଣପୂର୍ବକ ପ୍ରତ୍ୟେକ କୁମ୍ଭ ଉପରେ ଶ୍ରୀଫଳ ଓ ଖଣ୍ଡେ କରିଆ ଆଚ୍ଛାଦିତ କରା ଯାଇଥାଏ। ଚାରି ବାଡ଼ରେ ସୁସଜ୍ଜିତ କୁମ୍ଭମାନଙ୍କୁ ତିନି ଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା କଲା ପରେ ତାହା ଶ୍ରୀଜିଉଙ୍କ ସର୍ବାଙ୍ଗ ଶରୀରରେ ଲାଗି ହୁଏ। ବର୍ଷସାରା ମଣିମାଙ୍କର ବିମ୍ବସ୍ନାନ ବା ପ୍ରତୀକାତ୍ମକ ସ୍ନାନ ହେଉଥିବା ବେଳେ ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କର ସଶିରସ୍କ ସ୍ନାନ କରାଯାଇଥାଏ।



ଆମ ପରମ୍ପରାରେ ମନ୍ତ୍ର ସ୍ନାନ, ଭୌମ ସ୍ନାନ, ଆଗ୍ନେୟ ସ୍ନାନ, କାପିଳ ସ୍ନାନ, ମାନସ ସ୍ନାନ ଆଦି ଥିଲେ ହେଁ ମହାପ୍ରଭୁ କରୁଥିବା ଏହି ସ୍ନାନକୁ ସଶିରସ୍କ ବା ବାରୁଣ ସ୍ନାନ ବୋଲି କୁହାଯାଏ। ଭକ୍ତମାନଙ୍କ ମତରେ, ଏହା ହେଉଛି ଭାବ ସ୍ନାନ, ଯେଉଁଠି ଭକ୍ତର ଭାବ ଭକ୍ତିଭରା ଟୋପା ଟୋପା ଲୁଣିଆ ଲୁହରେ ମହାପ୍ରଭୁ ସମ୍ପୂର୍ଣ୍ଣ ଗାଧୋଇ ପଡ଼ନ୍ତି। ଯେପରି ଚନ୍ଦନକୁ ନେଇ ଚନ୍ଦନ ଯାତ୍ରା, ସୁନାକୁ ନେଇ ସୁନାବେଶ; ଠିକ୍ ସେହିପରି ଜଳକୁ ନେଇ ମହାପ୍ରଭୁଙ୍କର ଏ ସୁନ୍ଦର ସ୍ନାନ ଯାତ୍ରାର ଆୟୋଜନ। ଆମେ ଜାଣୁ ଯେ ସୃଷ୍ଟିକୁ ସବୁଜ ଓ ସୁନ୍ଦର ରଖିବାରେ ଜଳର ଆବଶ୍ୟକତା ପ୍ରଥମ। ଏହା ଉତ୍ତାପକୁ ପ୍ରଶମିତ କରିବା ସହ ଜୀବ ଜଗତକୁ ମଧ୍ୟ କରେ ଚଳ ଚଞ୍ଚଳ। ସେଥିପାଇଁ ଜଳକୁ ପଞ୍ଚଭୂତର ଅନ୍ୟତମ ଉପାଦାନ ରୂପେ ଗ୍ରହଣ କରାଯାଏ।

ଦ୍ୱିତୀୟତଃ ଜଳ ହେଉଛି ନିର୍ଜୀବ, କିନ୍ତୁ ଅନ୍ୟର ପ୍ରାଣରକ୍ଷା କରେ ବୋଲି ଏହାର ଅନ୍ୟ ଏକ ନାମ ଜୀବନ। ବିଜ୍ଞାନରେ ଜଳର ସାଙ୍କେତିକ ପ୍ରତୀକ ଏଚ୍‌୨ଓ, ଅର୍ଥାତ୍ ଦୁଇଟି ହାଇଡ୍ରୋଜେନ୍ ଓ ଗୋଟିଏ ଅକ୍ସିଜେନ୍ ଅଣୁର ମିଶ୍ରଣ। ହାଇଡ୍ରୋଜେନ୍ ଜଳେ ଓ ଅକ୍ସିଜେନ୍ ଜଳାଇବାରେ ସାହାଯ୍ୟ କରେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହାର ମିଶ୍ରଣରୁ ଜଳର ଉତ୍ପତ୍ତି, ଯାହା ସବୁ ଉତ୍ତାପକୁ ପ୍ରଶମିତ କରିଦିଏ। ଏହା ହିଁ ଜଳର ବୈଶିଷ୍ଟ୍ୟ। ସେଥିପାଇଁ ଉପନିଷଦୀୟ ଶାନ୍ତି ବଚନରେ କୁହାଯାଇଛି, 'ଆପଶାନ୍ତିଃ', ଅର୍ଥାତ୍ ଜଳରାଶି ଶାନ୍ତ ଓ ସୁଖ ପ୍ରଦାନକାରୀ ହେଉ। ଜଳ ହେଉଛି ରଙ୍ଗହୀନ, ସ୍ୱାଦହୀନ ଓ ଗନ୍ଧହୀନ। ଏହାର ନିଜସ୍ୱ କୌଣସି ପରିଚୟ ନଥିଲେ ମଧ୍ୟ ଏହା ଯାହା ସଂସ୍ପର୍ଶରେ ଆସେ, ସେହି ପରିଚୟ ନିଏ। ଏଥି ସହ ଜଳ ସମସ୍ତଙ୍କୁ ଦିଏ ପବିତ୍ରତା ଓ ପ୍ରସନ୍ନତା। ତେଣୁ ପବିତ୍ରୀକରଣ ମନ୍ତ୍ରୋଚ୍ଚାରଣ ବେଳେ ଜଳକୁ ପ୍ରାଥମିକତା ଦିଆଯାଏ। ଜଳର ଏହିସବୁ ଦୁର୍ଲ୍ଲଭ ଗୁଣ ପାଇଁ ଜଳ ପ୍ରିୟ ଓ ଜଳାଶାୟୀ ବିଷ୍ଣୁ ଜଳକୁ ଅଙ୍ଗୀକାର କରନ୍ତି। ମହାପ୍ରଭୁ ହେଉଛନ୍ତି ଏ ଜଗତର ସ୍ରଷ୍ଟା ଓ ସବୁକିଛି ତାଙ୍କର ସୃଷ୍ଟି। ସ୍ରଷ୍ଟା ସନ୍ତୁଷ୍ଟ ହୋଇଗଲେ ସୃଷ୍ଟି ଆପେ ଆପେ ସୁନ୍ଦର ହୋଇଯାଏ। ତେଣୁ କୁହାଯାଇଛି, 'ତସ୍ମିନ୍ ତୁଷ୍ଟେ ଜଗତ୍ ତୁଷ୍ଟଃ।' ପ୍ରଭୁ ଜଗନ୍ନାଥ ମଉହସ୍ତୀ ରୂପରେ ନିଜ ଶୁଣ୍ଢରେ ଏ ସୃଷ୍ଟିର ଜଳରାଶିକୁ ନେଇ ମେଘମାନଙ୍କ ମୁଖରେ ଦିଅନ୍ତି ଓ ମେଘମାନେ ସେହି ଜଳକୁ ସଂସାର ପାଳନ ନିମିତ୍ତ ବର୍ଷା କରନ୍ତି ବୋଲି ଭକ୍ତମାନଙ୍କର ମତ। ତେଣୁ ଏ ପ୍ରଚଣ୍ଡ ରୌଦ୍ରତାପର ସନ୍ତାପରେ ସନ୍ତୁଳିତ ସୃଷ୍ଟିକୁ ଶାନ୍ତ କରିବା ସହ ରାଷ୍ଟ୍ର କଲ୍ୟାଣ ନିମିତ୍ତ ମହାପ୍ରଭୁ ସଶିରସ୍କ ସ୍ନାନ କରନ୍ତି। ଯେଉଁ ଲୀଳା ବିଧୃତ କଳେବରକୁ ଦେଖି ସେଦିନ ଚୈତନ୍ୟ ମହାପ୍ରଭୁ ହେଲେ ଅଭିଭୂତ, ସାଲବେଗଙ୍କ ଅନ୍ତରାତ୍ମା ହେଲା ଅସରନ୍ତି ଅନୁରାଗରେ ଅଙ୍ଗୀକୃତ, ଗଣପତିଙ୍କର ଅନ୍ତରରୁ ଅହଂ ହୋଇଥିଲା ଅନ୍ତର୍ହିତ, ଆଜି ସ୍ନାନ ମଣ୍ଡପରେ ଭକ୍ତଙ୍କର ଭାବଭିଜା ଲୁହରେ ଓଦା ସରସର ହୋଇଥିବା ସେହି ଭକ୍ତରଙ୍କା ଭାବଗ୍ରାହୀଙ୍କର କୃପା କଟାକ୍ଷରେ ଦୁର୍ବାର ଦୈହିକତାର ଦୁର୍ଦ୍ଦାନ୍ତ ଦୁର୍ଗସବୁ ଧୂଳିସାତ୍ ହୋଇଯାଉ, ପାରମାର୍ଥିକତାର ପ୍ରାସ ଓ ଅନୁପ୍ରାସରେ ଏ ଜୀବନ ନବ ଜୀବନ ପାଇଯାଉ, ଯୁଗ ଯୁଗାନ୍ତରର ଯାତନା ଓ ଯନ୍ତ୍ରଣାସବୁ ଧୋଇ ଯାଉ ଓ ପ୍ରତିଟି ଭକ୍ତ ଭାବରେ କହୁଥାଉ- 'ଜଗନ୍ନାଥଙ୍କର ଜୟ ହେଉ', 'ଜଗନ୍ନାଥଙ୍କର ଜୟ ହେଉ'।

**ଅଧ୍ୟାପକ,ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ**
**ମୋ: ୯୪୩୭୧୧୩୧୬୨**

ନିତିଦିନ NITIDIN



## ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ବାଣପୁର,୨୮।୬/ଏନ୍‌ଏନ୍‌ଏସ୍:** ବାଣପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଅଞ୍ଚଳର ଜନୈକ ଯୁବକ ଅପହରଣ କରି ନେଇଯାଇଥିବା ନାବାଳିକାଙ୍କ ବାପା ଥାନାରେ ଗତ ୨୦ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଏକ ମୋକଦ୍ଦମା ରୁଜୁକରି ଅଭିଯୁକ୍ତଙ୍କୁ ଖୋଜୁଥିଲା। ମୋବାଇଲ ନମ୍ବରକୁ ଆଧାରକରି ପୋଲିସ କୃଷ୍ଣପ୍ରସାଦ ଅଞ୍ଚଳରୁ ସୁଦର୍ଶନ ପ୍ରଧାନଙ୍କ ପୁଅ ଚନ୍ଦନ ପ୍ରଧାନ(୨୨)ଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ଚନ୍ଦନଙ୍କୁ ଭୁବନେଶ୍ୱର କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଝାରପଡ଼ା କାରାଗାରକୁ ପଠାଇ ଦିଆଯାଇଛି। ପୋଲିସ ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

### ରଥଯାତ୍ରା, ସ୍ନାନଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବାକୁ

# ପୁଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

**ପୁରୀ,୨୮।୬/ଏନ୍‌ଏନ୍‌ଏସ୍:** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ ଆହ୍ୱାନ। ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ ତାଙ୍କ ଆଶୀର୍ବାଦ ନେଇ ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ। ଆଜି ପୂର୍ବାହ୍ନରେ ସଂସ୍କୃତି ଭବନଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୋଲିସ ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା। ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ



ଇତ୍ୟାଦି କୁ ସୁଚାରୁ ରୂପେ ସମ୍ପର୍ଣ୍ଣ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରା ରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଜର ଦାୟିତ୍ୱକୁ ସଠିକ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଦେବସ୍ନାନ ପୂର୍ଣ୍ଣିମା ପାଇଁ ହାତୀମୁଣ୍ଡ ଟାହିଆ ପ୍ରସ୍ତୁତି

**କଣ୍ଟିଲୋ,୨୮।୬/ଏନ୍‌ଏନ୍‌ଏସ୍:** ପୁରୀ ଶ୍ରୀକ୍ଷେତ୍ରରେ ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାର ମାସେ ତେର ପୂଜା ମଧ୍ୟରୁ ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅନ୍ୟତମ। ଶ୍ରୀକ୍ଷେତ୍ରର ପ୍ରତ୍ୟେକ ନିତିକାନ୍ତି ଓ ପୂଜାବିଧି ଭଳି ସାମଞ୍ଜସ୍ୟ ଥିବା ଆଦି ପୀଠ କଣ୍ଟିଲୋରେ ବିରାଜିତ ଓ ପୂଜିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ କ୍ଷେତ୍ରରେ ପ୍ରତ୍ୟେକ ଦିନର ପ୍ରତ୍ୟେକ ନୀତି କାନ୍ତି ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ସେଥି ମଧ୍ୟରୁ କଣ୍ଟିଲୋରେ ମଧ ସୋମବାର ପ୍ରଭୁଙ୍କର ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ପାଇଁ ପ୍ରଭୁଙ୍କର ଆବଶ୍ୟକ ହାତୀମୁଣ୍ଡ ଟାହିଆ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। ସୂଚନା ଅନୁଯାୟୀ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ପାର୍ଶ୍ୱ ଦେବତା ଭାବେ ପୂଜିତ ପ୍ରଭୁ ବଳଭଦ୍ର, ସୁଭଦ୍ରା ଓ କାଳିଆ ସାଆନ୍ତ ମହାପ୍ରଭୁ ଜଗନ୍ନାଥ ଏହି ପୂର୍ଣ୍ଣମୀ ତିଥିରେ ରତ୍ନ ସିଂହାସନରୁ ଦେବସ୍ନାନ ମଣ୍ଡପକୁ ବିଜେ କରିବେ। ସ୍ଥାନୀୟ ଗ୍ରାମ ପଞ୍ଚାୟତ ଅଧୀନ ଖୁଦ ବେହେରା ପାଟଣାର ଯୁବ କଳାକାର ଠାକୁର ପ୍ରେମୀ ଯୁଧିଷ୍ଠିର ସାହୁଙ୍କ ପୁତ୍ର ପ୍ରଶାନ୍ତ କୁମାର ସାହୁ ଆବଶ୍ୟକୀୟ ସରଞ୍ଜାମ ଯଥା କପଡ଼ା, ଖଡ଼ି, କଇଁଥ ଅଠା, ବାଉଁଶ, ଜରି, ଜମ୍ଭୁରା କାଗଜ, ପଇତା ଓ ସୂତା ଇତ୍ୟାଦି ପ୍ରସ୍ତୁତ କରି ଶ୍ରୀ ଜିଉମାନଙ୍କ ହାତୀମୁଣ୍ଡ ଓ ଟାହିଆ ପ୍ରସ୍ତୁତ କରିଥିବା ବିଷୟ କଳାକାର ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷାର ବାର୍ଷିକ ଉତ୍ସବ



**ନୟାହାଟ,୨୮।୬/ଏନ୍‌ଏନ୍‌ଏସ୍:** ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷାର ଦ୍ୱିତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତରାୟ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାଧୁ ଚରଣ ବିଶ୍ୱାଳଙ୍କ ଅଧକତାରେ ୫୦ଜଣ କବିତା ପାଠ କରିଥିଲେ ଅନୁଷ୍ଠାନର ସଭାପତି ବନବିହାରୀ ଗ୍ରହାଚାର୍ଯ୍ୟଙ୍କ ସଭାପତିତ୍ୱରେ ଡ.ପ୍ରାଥସାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡା. ରବିନାରାୟଣ ପଣ୍ଡା, ଡ. ସଞ୍ଜୁଲତା ଶତପଥୀ, ମାନସ ରଞ୍ଜନ ସ୍ୱାଇଁ, କବି ଗଦାଧର ଦାସ, କବି ସମ୍ରାଟ ଭଞ୍ଜଙ୍କ ସାହିତ୍ୟ ଓ ଓଡ଼ିଆ ଭାଷା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବିଚିତ୍ରାନନ୍ଦ ପାତ୍ର, ଅମେଳେନ୍ଦୁ ମହାପାତ୍ର ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତରାୟ ଓ ମାନସ ରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପର୍ଯ୍ୟଟକଙ୍କ ହଜିଥିବା ୫୦ଗ୍ରାମ୍ ସୁନା ଅଳଙ୍କାର ଓ ନଗଦ ଟଙ୍କା ଫେରାଇଲେ ଗାଡ଼ି ମାଲିକ



**ପୁରୀ,୨୮।୬/ଏନ୍‌ଏନ୍‌ଏସ୍:** ଜଣେ ପର୍ଯ୍ୟଟକ ଭୁବନେଶ୍ୱରରୁ ପୁରୀ ଆସୁଥିବା ସମୟରେ ପୁରୀ ମେଡିକାଲ ଛକ ନିକଟରେ ଅସାବଧାନତାବଶତଃ ନିଜର ଲଗେଜ ଗାଡ଼ିରେ ଛାଡ଼ି ଚାଲିଯାଇଥିଲେ। ପରେ ସେହି ଲଗେଜଟି ସନ୍ତୋଷ କୁମାର ମିଶ୍ରଙ୍କ ଗାଡ଼ିରେ ଥିବା ଦୃଷ୍ଟିଗୋଚର ହୋଇଥିଲା। ମାନବିକତା ପରିଚୟ ଦେଇ ଶ୍ରୀ ମିଶ୍ର ଉକ୍ତ ଲଗେଜ୍‌କୁ ସୁରକ୍ଷିତ ଭାବେ ରଖି କୁମ୍ଭାରପଡା ଥାନାର ସହଯୋଗରେ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଥିଲେ। ଉକ୍ତ ଲଗେଜରେ ପ୍ରାୟ ୫୦ ଗ୍ରାମ ସୁନାର ଅଳଙ୍କାର, ଯଥା ୨ଟି ହାର, ୧ଟି ମଙ୍ଗଳସୂତ୍ର, ୧ଟି ଆଙ୍ଗୁଠି, ୧ ଯୋଡ଼ା କାନଫୁଲ ସହ ନଗଦ ୧,୩୦,୦୦୦/- ରହିଥିଲା। ଏହି ସତତାପୂର୍ଣ୍ଣ ଓ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଏସ୍‌ପି ପୁରୀ ପ୍ରତୀକ ସିଂହ ସନ୍ତୋଷ କୁମାର ମିଶ୍ରଙ୍କୁ ସମ୍ମାନିତ କରିଥିଲେ ଏବଂ ତାଙ୍କର ମାନବିକତା, ସତତା ଓ ଦାୟିତ୍ୱବୋଧକୁ ଉଚ୍ଚ ପ୍ରଶଂସା କରିଥିଲେ।

## ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ



**ଟାଙ୍ଗୀ,୨୮।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତ କୀଚକହୁରା ଠାରେ ନୀଳାଚଳ ସାରସ୍ୱତ ସଂଘ ପୁରୀ ତରଫରୁ ଟାଙ୍ଗୀ ସାରସ୍ୱତ ଶାଖା ସଂଘ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଶାଖା ସଂଘ ସଭାପତି କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ପ୍ରତିନିଧି ନୀଳାଚଳ ସାରସ୍ୱତ ସଙ୍ଘର ସମ୍ପାଦକ ନରେଶ ଚନ୍ଦ୍ର ପତି ଯୋଗଦେଇ ଶ୍ରୀ ଶ୍ରୀ ଠାକୁର ମହାରାଜାଙ୍କ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ଉପସ୍ଥିତ ଭକ୍ତଙ୍କୁ ଶ୍ରୀ ଶ୍ରୀ ଠାକୁର ମହାରାଜାଙ୍କ ବିଷୟରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଶୁଭାଶିଷ ଓଝା, ନୀଳକଣ୍ଠ ବ୍ରହ୍ମା, ଅଜିତ୍ ମହାନ୍ତିଙ୍କ ସମେତ ଶତାଧିକ ଭକ୍ତ ପୂଜାପାଠ କରିଥିଲେ।

### ଆଜି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶୂନ୍ୟସମାଧି ଦିବସ

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେବେ ମହାପ୍ରଭୁ

**ପୀଠରେ ସମୀକ୍ଷାକଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ**

**ଲକ୍ଷାଧିକ ଭକ୍ତଙ୍କ ସମାଗମ, ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା**



**ନିଶ୍ଚିନ୍ତକୋଇଲି,୨୮।୬/ଏନ୍‌ଏନ୍‌ଏସ୍:** ଆଜି ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ଦେବସ୍ନାନ ଯାତ୍ରା। ନେମାଳ ପଦ୍ମବନ ପୀଠ ଚଳଚଞ୍ଚଳ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ରାଜରାଜେଶ୍ୱର ବେଶରେ ପ୍ରଭୁ ଦର୍ଶନ ଦେବେ। ଏଥିପାଇଁ ପଦ୍ମବନ ପୀଠର ସେବାୟତମାନଙ୍କ ପୂର୍ବ ନିର୍ଦ୍ଧାରିତ ପ୍ରଥା ଅନୁସାରେ ଦ୍ୱାରା ନୀତିକାନ୍ତି ନିର୍ଘଣ୍ଟ କରାଯାଇଛି। ସୂଚନା ଅନୁଯାୟୀ ପ୍ରଭୁଙ୍କର ରାତ୍ର ୩ଟା ୧ରେ ବେଢ଼ାପ୍ରବେଶ, ୩ଟା ୧୦ରେ ପୀଠ ଶୋଧନ, ମଙ୍ଗଳଆଳତି ୩.୧୫, ସୂର୍ଯ୍ୟପୂଜା ୩.୨୦, ମହାପ୍ରଭୁଙ୍କ ସ୍ନାନ ମାର୍ଜନା ୩.୪୫, ଚନ୍ଦନ ତୁଳସୀ ଲାଗି ୪.୫, ମୁକୁଟ ଲାଗି ୪.୧୫, ପହିଲି ଭୋଗ ୫ଟା ୧୫ମିନିଟ୍‌ରେ ଅନୁଷ୍ଠିତ ହେବ। ପରେ ସର୍ବସାଧାରଣଙ୍କ ଦର୍ଶନ ପରେ ଦିବା ୧୨ଘଟିକା ସମୟରେ ପ୍ରଭୁଙ୍କୁ ସ୍ନାନମଣ୍ଡପକୁ ନିଆଯାଇ ସ୍ନାନ କରାଯିବା ପରେ ଗଜାନନ ବେଶରେ ସଜ୍ଜିତ କରାଯିବ। ଏଥିସହିତ କୋଠଭୋଗ ସମୟରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ପେରୀ ଭୋଗଡାଲା ଓ ଯୋଡିନଡିଆ ନେଇ ମହାପ୍ରଭୁଙ୍କୁ ଲାଗି କରିବାର ପ୍ରଥା ଥିବାରୁ ଆଜିଠାରୁ ଲମ୍ବାଧାଡିରେ ଶ୍ରଦ୍ଧାଳୁମାନେ ସେବାୟତମାନଙ୍କ ଜରୀଆରେ ଭୋଗ ନୈବେଦ୍ୟ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ନିକଟରେ ଏହି ବେଶକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ଭିଡ଼ ଜମାଇବା ସହ ଯାତ୍ରାରେ କିଭଳି ଭାବେ ସୁଚାରୁ ରୂପେ ପ୍ରଭୁଙ୍କୁ ଦର୍ଶନ କରିବେ ସେଥିପ୍ରତି ପୋଲିସ ପ୍ରଶାସନ ପକ୍ଷରୁ ୨୩ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି। ସାମ୍ଭାବ୍ୟ କିଛି ଅଘଟଣ ପାଇଁ ପରିମଳ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗ ସଜାଗ ରହିଥିବା ଜଣାଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁମାନେ ଯେଭଳି ଭାବେ ଦର୍ଶନ ସାଙ୍ଗକୁ ବାଲିମେଳା ମହୋତ୍ସବ ବୁଲି ଦେଖିବାକୁ ସ୍ଥିର କରାଯାଇଛି। ପ୍ରକାଶଥାଉ କି ବିଗତ ବର୍ଷରେ ପୀଠରେ ଭକ୍ତମାନଙ୍କ ମାନସିକ ଦୀପଷ୍ଟାଣ୍ଡରେ ଅଗ୍ନିକାଣ୍ଡ ଘଟି ବହୁ ଭକ୍ତମାନଙ୍କର ଭାବାବେଗ ପ୍ରତି ଘୋର ଅସନ୍ତୋଷ ଦେଖାଦେଇଥିଲା। ଚଳିତବର୍ଷ ସୁଚାରୁ ରୂପେ ଯାତ୍ରା ପରିଚାଳନା କରାଯିବା ପାଇଁ ବ୍ୟାପକ ଆୟୋଜନ ହୋଇଥିଲେ ମଧ ଗଣମାଧ୍ୟମକୁ ଉପେକ୍ଷା କରୁଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ପୀଠରେ ପହଞ୍ଚି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ।

## ପଥର ଚୋରାଚାଲାଣ ବେଳେ ୨ ଟ୍ରାକ୍ଟର ଜବତ

**ଓଡ଼ଗାଁ,୨୮।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଗୋଛା ସଂରକ୍ଷିତ ଜଙ୍ଗଲରୁ ବେଆଇନ୍ ଭାବେ ପଥର ଚୋରାଚାଲାଣ କରିବା ମହଙ୍ଗା ପଡ଼ିଛି। ଗତକାଲି ରାତିରେ ଓଡ଼ଗାଁ ବନ କର୍ମଚାରୀମାନେ ଧରପଗଡ଼ କରି ୨ଟି ଟ୍ରାକ୍ଟର ଜବତ କରିବାସହିତ ଗାଡ଼ିର ଚାଳକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁଯାୟୀ ଓଡ଼ଗାଁ ବନାଞ୍ଚଳ ନିକଟସ୍ଥ ନେପାଳ, ନାଣ୍ଡିଗିରି,



ଭୋବସର, ନିହଲପ୍ରସାଦ ଆଦି ପାହାଡ଼ରୁ ବେଆଇନ ଭାବେ ପଥରକାଟି ପ୍ରତିଦିନ ରାତିରେ ଚୋରାଚାଲାଣ କରାଯାଉଥିଲା। ଗତକାଲି ରାତିରେ ୨ଟି ଟ୍ରାକ୍ଟର ଯୋଗେ ପଥର ବୋଝେଇ ହୋଇ ଓଡ଼ଗାଁ ଅଭିମୁଖେ ଆସୁଥିବା ସମୟରେ ବନ କର୍ମଚାରୀମାନେ ବାଣ୍ଡପୁର ଓ ଧବଳେଇ ରାସ୍ତାରେ ଦୁଇଟି ଟ୍ରାକ୍ଟରକୁ ମାଡ଼ି ବସିଥିଲେ। ଟ୍ରାକ୍ଟର ଦୁଇଟି ସ୍ୱରାଜ ଓ ସୋନାଲିକା ଗାଡ଼ି ବୋଲି ଜଣାପଡ଼ିଛି। ଟ୍ରାକ୍ଟର ଦୁଇଟିକୁ ଓଡ଼ଗାଁ ବନାଞ୍ଚଳକୁ ଆଣିବା ପରେ ଏକ ମାମଲା ରୁଜୁ କରାଯାଇଛି। ଟ୍ରାକ୍ଟର ଦୁଇଟି ଜବତ ହେବା ସହ ଟ୍ରାକ୍ଟର ଚାଳକ ରୋହିବାଙ୍କ ପଞ୍ଚାୟତ ଶାଲୁଆପଲ୍ଲୀ ଗ୍ରାମର ମୁନା ଜାନୀ ଓ ବାଣ୍ଡପୁର ଗ୍ରାମର ସନ୍ତୋଷ ଖିଲାର ବୋଲି ଜଣାପଡ଼ିଛି। ଦୁଇଚାଳକଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ରେଞ୍ଜର ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଫରେଷ୍ଟର ସରିତା ବରାଳ, ବନରକ୍ଷୀ ଅର୍ଦ୍ଧେନ୍ଦୁ ପରିଡ଼ା, ଅନିଲ କୁମାର ପାତ୍ର ଓ ପ୍ରୋଟେକ୍ସନ ସ୍କ୍ୱାଡ୍ ସାମିଲଥିବା ଜଣାପଡ଼ିଛି।

## ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ରୁକ୍ମିଣୀ ବିବାହ

**ବାଣପୁର,୨୮।୬/ଏନ୍‌ଏନ୍‌ଏସ୍:** ସର୍ବଧର୍ମ ସମନ୍ୱୟରପୀଠ ବାଣପୁରରେ ଜ୍ୟେଷ୍ଠ ଶୁକ୍ଳ ଶୀତଳ ଷଷ୍ଠୀରେ ଦେବ ଦେବ ମହାଦେବ ମା' ପାର୍ବତୀଙ୍କ ଦେବ ବିବାହ କାର୍ଯ୍ୟ ସମାପନ ପରେ ଶୁକ୍ଳ ଏକାଦଶୀରେ ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ରୁକ୍ମିଣୀ ବିବାହ ପରି ଆଧାତ୍ମିକ କାର୍ଯ୍ୟକ୍ରମ। କନକ ବେଦୀରେ ଦେବଦମ୍ପତ୍ତିଙ୍କୁ ଦର୍ଶନ କରି କୃପା ଲାଭ ନିମନ୍ତେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ମାନବୀୟ ଲୀଳାର ଏହି ପରମ୍ପରାରେ ଶଙ୍ଖ, କାହାଳୀ ଘଣ୍ଟା, ଘଣ୍ଟ ବାଦ୍ୟ ସହିତ ହରିବୋଲ ହୁଳହୁଳି ଶବ୍ଦରେ ମନ୍ଦିର ପରିସର ପ୍ରକମ୍ପିତ ହୋଇପଡ଼ିଥିଲା। ଉତ୍କଳର ଶ୍ରୀକ୍ଷେତ୍ର ଧାମପରି ଲୀଳାକ୍ଷେତ୍ର ବାଣପୁରର ଆରାଧ୍ୟ ବ୍ରହ୍ମସ୍ୱର୍ଣ୍ଣୀ ଠାକୁର ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ପ୍ରତ୍ୟୁଷରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ବେଶ,ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସାହାଣମେଲା ହୋଇ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ସ୍ନାନ ବିଧି ହୋଇ ବେଶ



କରାଯାଇଥିଲା। ମା' ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ ପରେ ମନ୍ଦିର ପରିସରରେ ଥିବା ବିମଳାଙ୍କ ମନ୍ଦିର ଜଗମୋହନରେ ବିଜେ କରାଯାଇଥିଲା। ସେଠାରୁ ଚିଟାଉନୀତି ସମାପନ ପରେ ଶ୍ରୀମଦନମୋହନଙ୍କୁ ଆଜ୍ଞାମାଳ ହୋଇ ବିମଳାଙ୍କ ପୀଠରେ ପହଞ୍ଚିବା ପରେ ରୁକ୍ମିଣୀ ସ୍ୱରୁପିଣୀ ମା' ମହାଲକ୍ଷ୍ମୀଙ୍କୁ ଶ୍ରୀମଦନମୋହନ ଦେବ ହାତଧରି ମନ୍ଦିର ଆଡ଼କୁ ବିଜେ କଲାବେଳେ ପାଟ ଅଗଣାରେ ଶିଶୁପାଳ ନୀତିକାନ୍ତି ଶେଷକରି ନାଟମଣ୍ଡପରେ ବିଜେ କରିଥିଲେ। ପରେ ଅପରାହ୍ନରେ ମନ୍ଦିର ତରଫରୁ ବାଣପୁରର ସମସ୍ତ ଦେବାଦେବୀ ମନ୍ଦିରକୁ ବିବାହ ନିମନ୍ତ୍ରଣ ଗୁଆବାଣ୍ଟ ନୀତି ସାରି ସନ୍ଧ୍ୟାରେ ଅମୃତ ଲଗ୍ନରେ ଶ୍ରୀମଦନ ମୋହନ ଦେବଙ୍କ ବରଯାତ୍ରା ବିରାଟ ପଟୁଆରରେ ନଗର ପରିକ୍ରମା କରିବା ପରେ ମନ୍ଦିର ପରିସରରେ କନ୍ୟାପିତା ଭାବରେ ବରିଷ୍ଠ ଆଇନଜ୍ଞ ଶ୍ୟାମସୁନ୍ଦର ମିଶ୍ର ବାଟବରଣୀ କରି ବର ଶ୍ରୀମଦନମୋହନଙ୍କୁ ବେଦୀ ଉପରକୁ ପାଛୋଟି ନେଇଥିଲେ। ବୈଦିକ ରୀତି ନୀତିରେ ବିବାହ କାର୍ଯ୍ୟେରେ ଶ୍ରୀ ମିଶ୍ର କନ୍ୟାଦାନ କରିଥିଲାବେଳେ ମନ୍ଦିର ପରିଚ୍ଛା ପଦ୍ମଚରଣ ମହାପାତ୍ର ବରପିତାର ଦାୟିତ୍ୱ ସଂପାଦନ କରିଥିଲେ। ମନ୍ଦିର ପୁରୋହିତ ପଣ୍ଡିତ କୃଷ୍ଣଚନ୍ଦ୍ର ଦାଶ, ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ଦ୍ୱାଦଶୀରେ ଦେବଦମ୍ପତିଙ୍କ ଗୁଆଲି ଯାତ୍ରା ନଗର ପରିକ୍ରମା ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ତରଫରୁ ଜଣାପଡ଼ିଛି।

# ନୟାଗଡ଼ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠ ଅଭାବ

**ନୟାଗଡ଼,୨୮।୬/ଏନ୍‌ଏନ୍‌ଏସ୍:** ନୟାଗଡ଼ରେ ହେଉଥିବା ପାରମ୍ପରିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ଓ ବାହୁଡା ଯାତ୍ରାର ରଥ ପାଇଁ କାଠ ମିଳୁନଥିବା ନେଇ ଉଦବେଗ ପ୍ରକାଶ ପାଉଛି। କାଠର ଅଭାବ କହି ବନବିଭାଗ କାଠ ଯୋଗାଇବା ପ୍ରାୟ ୬ ବର୍ଷ ହେଲା ବନ୍ଦ କରିଦେବା ପରେ ଏବେ ରଥ ନିର୍ମାଣ ପାଇଁ କାଠ ସଙ୍କଟ ପଡ଼ିଛି। ନୟାଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରତିବର୍ଷ ୫ରୁ ୭ ଲକ୍ଷ ଟଙ୍କାର କାଠ କିଣା ଯାଉଥିଲେ ମଧ ରଥର ଅଖ ନୂଆ ହୋଇ ପାରୁନାହିଁ ଓ କାରଣ ନୂଆ ଅଖ କରିବା ପାଇଁ ୨୬ରୁ ୨୮ ଫୁଟିଆ କାଠ ଦରକାର ହେଉଥିବାବେଳେ କର୍ପୋରେଶନରେ ଏଭଳିଆ ଲମ୍ବର କାଠ ମିଳୁନି। ଅନ୍ୟପକ୍ଷରେ ରଥର ଅଖକୁ ଯୋଡ଼ାଯୋଡ଼ି କରି କରାଯାଇଥିବାରୁ ଅଘଟଣ ଘଟିବା ଆଶଙ୍କା କରାଯାଉଛି। ଯଦିଓ ୬ବର୍ଷ ହେଲା ସେପରି କିଛି ଅସୁବିଧା ହୋଇ ନାହିଁ। ମାତ୍ର ଯେହେତୁ ନୂଆ କାଠ ନଲାଗି ପୁରୁଣା କାଠରେ ରଥ ନିର୍ମାଣ କରାଯାଉଛି କିଛି ଅଘଟଣ ଘଟିବାକୁ ଏଡ଼ାଇ ଦିଆଯାଇ ମଧ ପାରୁନାହିଁ। ପ୍ରତିବର୍ଷ ରଥ ପ୍ରସ୍ତୁତି ବୈଠକରେ କାଠ ଅଭାବ ପାଇଁ ଚିନ୍ତା କରାଯାଏ ଏବଂ ଆସନ୍ତା ବର୍ଷକୁ ଏହାର ସମାଧାନ କରାଯିବ ବୋଲି କୁହାଯାଏ। ହେଲେ ବର୍ଷ ପରେ ବର୍ଷ ଅତିକ୍ରମ କରୁଥିଲେ ହେଁ କାଠ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ପାରୁନାହିଁ। ଉଲ୍ଲେଖଯୋଗ୍ୟ ତତ୍କାଳୀନ ଉପଜିଲାପାଳ ତଥା ବର୍ତ୍ତମାନ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତଙ୍କ ଅଧକ୍ଷତାରେ ୨୦୨୨ ଜୁନ ୮ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରଥ ନିର୍ମାଣ କରିବାକୁ କାଠର ଅଭାବ ପରିସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବନବିଭାଗ ରଥ ନିର୍ମାଣ ପାଇଁ କାଠ ଦେବାକୁ ମନା କରିବା ପରେ ଉଦ୍‌ବେଗ ସୃଷ୍ଟି ହୋଇଥିଲା। ପ୍ରତିବର୍ଷ କାଠ ଯୋଗାଇଥିବା ବନବିଭାଗ କାଠ ନ ଦେବାରୁ ରଥଯାତ୍ରା ନେଇ ପ୍ରଶ୍ନ ଉଠିଥିଲା। ୨୦୨୨ ଠାରୁ ରଥ ପାଇଁ କାଠ ଅଭାବ ସ୍ଥିତି ବଢ଼ିଛି। କିଛି ଭକ୍ତ ରଥ ପାଇଁ କାଠ ଦେବାକୁ ପ୍ରସ୍ତାବ ଦେବା ପରେ ଚଳିତ ବର୍ଷ କିଛି ନୂଆକାଠ ଲଗାଯିବାର ସମ୍ଭାବନା ସୃଷ୍ଟି ହୋଇଛି। ରଥକାଠ ସମସ୍ୟା ଏଡାଇବା ପାଇଁ ଦେବୋତ୍ତର ବିଭାଗ ଜମିରେ ଶାଳ, ଫାସି ଆଦି ଗଛ ଲଗାଯାଇ ରକ୍ଷଣାବେକ୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନୟାଗଡ଼ ରଥ ନିର୍ମାଣ କିପରି ଭଲରେ ହେବ ସେଥିପ୍ରତି ଆନ୍ତରିକତା ନଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଦେବୋତ୍ତର ବିଭାଗ ଦଶପଲ୍ଲା କର୍ପୋରେସନ୍‌ରୁ କାଠ କିଣୁଥିଲେ ମଧ ଏଠାରେ ୨୬ ଫୁଟିଆ ଓ ୨୮ ଫୁଟିଆ କାଠ ମିଳୁ ନାହିଁ। କେବଳ ୧୫ ଫୁଟ ମଧ୍ୟରେ କାଠ ମିଳୁଛି। ଯାହାକି ରଥର ଅଖ ଯୋଡ଼ାଯୋଡ଼ି କରି ତିଆରି କରାଯାଉଛି।

# ଲୋକ ନୋଡାଲ୍ ବିଦ୍ୟାପୀଠରେ ବିଦ୍ୟୁତ୍ ନିରାପତ୍ତା ସଚେତନତା

**ନୟାଗଡ଼,ଓଡ଼ଗାଁ,୨୮।୬/ଏନ୍‌ଏନ୍‌ଏସ୍:** ଶରଣକୁଳ ନିକଟ ପଞ୍ଚିରିଡ଼ା ମାନପୁର ଗ୍ରାମରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠରେ ବିଦ୍ୟୁତ ନିରାପତ୍ତା ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ଅନୁରୋଧକ୍ରମେ ଶରଣକୁଳ ବିଦ୍ୟୁତ ବିଭାଗ ତରଫରୁ ଶିକ୍ଷାଦେବା ପାଇଁ ବିଶ୍ୱଭୂଷଣ ବିଷୋଇ, ସେଫ୍ଟି ଅଫିସର, ବିମଳ କୁମାର ଯାଦବ, ସେଫ୍ଟି ଅଫିସର, ରାମଚନ୍ଦ୍ର ସାହୁ, ଲାଇନ୍‌ମ୍ୟାନ, ପ୍ରକାଶ ଚନ୍ଦ୍ର ମାନା, ଲାଇନ୍‌ମ୍ୟାନ, ସୁଜିତ କୁମାର ପ୍ରଧାନ, ଲାଇନ୍‌ମ୍ୟାନ ଓ ପ୍ରଦୀପ କୁମାର ସେନାପତି, ଲାଇନ୍‌ମ୍ୟାନ ରିସୋର୍ସପର୍ସନ ତଥା ଅତିଥି ରୂପେ ଯୋଗ ଦେଇଥିଲେ। ସେମାନେ ବିଦ୍ୟୁତ ଜନିତ ଦୁର୍ଘଟଣାରୁ କେମିତି ରକ୍ଷା ପାଇବା ତାହା ଉପରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହ ଯୋଗ ଦେଇଥିବା ଜନସାଧାରଣଙ୍କୁ ଶ୍ରେଣୀଗୃହ ଶିକ୍ଷା ଏବଂ ପ୍ରାଟିକାଲ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଥମେ ପୂର୍ବାହ୍ନରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଦ୍ୟୁତ ନିରାପତ୍ତା ସଚେତନତା ରାଲିରେ ଗ୍ରାମ ପରିକ୍ରମାରେ ବାହାରି ଥିଲେ। ବିଦ୍ୟୁତ ନିରାପତ୍ତା ରାଲି ବିଦ୍ୟାଳୟରୁ ବାହାରି ବିଦ୍ୟୁତ ନିରାପତ୍ତା ସମ୍ବନ୍ଧୀୟ



ସ୍ଲୋଗାନ ଦେଇ ପଞ୍ଚିରିଡା ମାନପୁର ଗ୍ରାମର ନୂଆସାହି, ମଝିସାହି ଓ ତଳସାହି ପରିକ୍ରମା କରିଥିଲା। ସାହି ଭିତରେ ଆୟୋଜିତ ପଥପ୍ରାନ୍ତ ସଭାରେ ଲୋକମାନଙ୍କୁ ତଥା ସାହିର ମାଆ ଭଉଣୀ ମାନଙ୍କୁ ବିଦ୍ୟୁତ ନିରାପତ୍ତା ଉପରେ ଆକର୍ଷଣୀୟ ଢ଼ଙ୍ଗରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ଗ୍ରାମର ଘରେ ଘରେ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ରାଲି ଫେରିବା ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟୁତ ନିରାପତ୍ତା ଉପରେ ପ୍ରକଳ୍ପ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ପୌରୋହିତ୍ୟରେ ବିଦ୍ୟୁତ ନିରାପତ୍ତା ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼ ଅତିଥି ମାନଙ୍କ ସ୍ୱାଗତ ତଥା ପରିଚୟ ପ୍ରଦାନ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ ନିରାପତ୍ତା ଉପରେ ଏକ କ୍ଷୁଦ୍ର ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ରିସୋର୍ସପର୍ସନ୍‌ମାନେ ସେମାନଙ୍କର ବକ୍ତବ୍ୟ ରଖି ବିଦ୍ୟୁତ ସମ୍ପର୍କୀୟ ଦୁର୍ଘଟଣା ଓ ବିପଦରୁ କିପରି ରକ୍ଷା ପାଇ ହେବ ବର୍ଣ୍ଣନା କରିଥିଲେ। ତାହା ପରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଓ ଅତିଥିମାନେ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ପ୍ରେମାନନ୍ଦ ପାତ୍ର, ବାପିନା ବେହେରା, ସ୍ମୃତିରଂଜନ ରାଉତ, ମାନସରଂଜନ ସାହୁ, ଅଶୋକ ମହାପାତ୍ର, ରମେଶ ମହାନ୍ତି, ଶୁଭେନ୍ଦୁ ପରିଡ଼ା, ମାଳତୀ ଦେଈ, ମାଳତୀ ବେହେରା, ଶିକ୍ଷୟିତ୍ରୀ ସୋନାଲିନ ନାୟକ, ଅଫିସ ସହାୟକ ଭବାନୀ ବାଘ, ଟୁନି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ

**ସାକ୍ଷୀଗୋପାଳ,୨୮।୬/ଏନ୍‌ଏନ୍‌ଏସ୍:** ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସତ୍ୟବାଦୀ ସାଧକ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏହି ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳପତି ପ୍ରଫେସର ଆଚାର୍ଯ୍ୟ ସର୍ବପ୍ରଥମେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିଥିଲେ ଏବଂ ଖଣ୍ଡପଡ଼ା ଅନ୍ତର୍ଗତ ନଟବରପୁର ଶାସନ ବେଦ ପାଠଶାଳାର ଗୁରୁ ସତ୍ୟବାନ୍ ଦାଶ ଓ ବିଦ୍ୟାର୍ଥୀ ଆଶୁତୋଷ କର ବେଦପାଠ କରିଥିଲେ। ଛାତ୍ରୀ ସ୍ୱର୍ଣ୍ଣଲତା ସାହୁ ଓ ଛାତ୍ର ସାଇପ୍ରସାଦ କୃପାସିନ୍ଧୁ ମିଶ୍ରଙ୍କ ଜୀବନୀ ଉପରେ ସଂକ୍ଷେପରେ ଚର୍ଚ୍ଚା କରିଥିଲେ। କୃପାସିନ୍ଧୁ ମିଶ୍ରଙ୍କ ଉପରେ ସ୍ୱତନ୍ତ୍ର କବିତା ପାଠ କରିଥିଲେ ଛାତ୍ରୀ ଶୁଭଶ୍ରୀ ଦାସ। କୁଳପତି ପ୍ରଫେସର ଆଚାର୍ଯ୍ୟ ନିଜ ବକ୍ତବ୍ୟ ଛଳରେ ପଞ୍ଚସଖାଙ୍କ ଓଡ଼ିଆ ଭାଷା ଓ ଜାତିପାଇଁ ଯେଉଁଳି ଅବଦାନ ରହିଛି ତାହା ଆକଳନ କରିବା ସହିତ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ତ୍ୟାଗପୂତ ଜୀବନକୁ ନେଇ ବିସ୍ତୃତ ଭାବରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରମଙ୍ଗଳ




ଅଧିକାରୀ ଡକ୍ଟର ସଙ୍ଗୀତା ଜେନା, ଡକ୍ଟର ମୋନାଲି ଚ୍ୟାଙ୍ଗ, ଡକ୍ଟର ସସ୍ମିତା ଜେନା ପ୍ରମୁଖ ଅଧ୍ୟାପିକା ଓ କର୍ମଚାରୀଗଣ ଉପସ୍ଥିତ ହୋଇ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସାହିତ୍ୟ କୃତିକୁ ନିଜ ଦୃଷ୍ଟିରୁ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ମହୋଦୟ ଉତ୍ତରୀୟ ଦେଇ ଦୁଇ ଯୁବ ବେଦପାଠକାରୀଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ଛାତ୍ରୀ ଆଶାରାଣୀ ବେହୁରା ଉପସ୍ଥିତ ସଭାପତି, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେବା ପରେ କୁଳପତିଙ୍କ ଦ୍ୱାରା ସଭା ସମାପନ ଘୋଷଣା କରାଯାଇଥିଲା।

## ପୂର୍ବୋତ୍ତର ସମ୍ଭାଗର ସମ୍ପାଦକ ଓ ପ୍ରଧାନଆଚାର୍ଯ୍ୟ ବୈଠକ



**ସୋର,୨୮।୬/ଏନ୍ଏନ୍ଏସ୍:** କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବୋତ୍ତର ସମ୍ଭାଗର ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ତଥା ବିଇଡି କଲେଜର ଅଧ୍ୟକ୍ଷ ଡ଼ଃ ଭାଗୀରଥୀ ସାହୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଧାନାଚାର୍ଯ୍ୟ ଓ ସମ୍ପାଦକ ବିଦ୍ୟାଳୟ ଉନ୍ନତିର କେନ୍ଦ୍ରବିନ୍ଦୁ ବୋଲି ଡ଼ଃ ସାହୁ ମତବ୍ୟକ୍ତ କରିଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାର ଉପସଭାପତି କମଳାକାନ୍ତ ମିଶ୍ର ସଶକ୍ତ ଭାରତ ଗଠନ ନିମନ୍ତେ ପ୍ରଧାନାଚାର୍ଯ୍ୟ ଓ ସମ୍ପାଦକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପାଦେୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୬-୨୭ ଶିକ୍ଷାବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଓଡ଼ିଶା ଟପ୍ପର୍ ଆଶୁତୋଷ ନାୟକ ଏବଂ ପ୍ରାଦେଶିକ ମେଧା ଓ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୂର୍ବୋତ୍ତର ସମ୍ଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଓ ଭଦ୍ରକ ବିଭାଗର ୧୫୦ରୁ ଊର୍ଦ୍ଧ୍ୱ ପ୍ରଧାନାଚାର୍ଯ୍ୟ, ସମ୍ପାଦକ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ସମ୍ଭାଗ ସମ୍ପାଦକ ଶ୍ୟାମସୁନ୍ଦର ମିଶ୍ର ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲ୍ଲା ପ୍ରମୁଖ ତଥା ଆଇନଜୀବୀ କିରଣ କୁମାର ମହାରଣା ଅତିଥି ପରିଚୟ ଏବଂ ସମ୍ଭାଗ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## 'ଛାତ୍ର କି ଗୁଞ୍ଜ' କାର୍ଯ୍ୟକ୍ରମ



**ବାରିପଦା,୨୮।୬/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ୍ (ପୂର୍ବ ଭାଗ) ପକ୍ଷରୁ 'ଛାତ୍ର କି ଗୁଞ୍ଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ୍ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ କଂଗ୍ରେସ କର୍ମୀ ଯୋଗଦେଇ ଛାତ୍ର ସମସ୍ୟା ନେଇ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ପୂର୍ବତନ କଂଗ୍ରେସ ସଭାପତି ସଞ୍ଜୀବ ଗିରି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଶାସନ କାଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷା, ନିଯୁକ୍ତି ଓ ଭବିଷ୍ୟତକୁ ନେଇ ଅସନ୍ତୋଷ ବଢ଼ିଥିବା ଅଭିଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଦିବାସୀ ସେଲ୍‌ର ରାଜ୍ୟ ଉପାଧ୍ୟକ୍ଷ ଚୈତନ ହାଁସଦା, ଆଦିବାସୀ ନେତା ଦୁଖୀଶ୍ୟାମ ମୁର୍ମୁ, ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ, ଟାଉନ୍ ସଭାପତି ମହମ୍ମଦ ଇକବାଲ୍ ଓ କିଷାନ ସେଲ୍ ସଭାପତି ଦୀପକ ଦାଶ ପ୍ରମୁଖ ଯୋଗଦେଇ ନିଟ୍ ଓ ସିବିଏସ୍‌ଇ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଉପରେ ମତ ରଖିଥିଲେ। ସେମାନେ ଏହି ପ୍ରସଙ୍ଗରେ ସରକାରଙ୍କ ଜବାବଦେହିତା ନେଇ ପ୍ରଶ୍ନ ଉଠାଇଥିଲେ। ତେବେ ଉପସ୍ଥିତ ଛାତ୍ରଛାତ୍ରୀ ଓ କଂଗ୍ରେସ କର୍ମୀମାନେ ମଧ୍ୟ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ନାରୀନେତ୍ରୀ ସବିତା ସୋରେନ୍, ଭୁବନେଶ୍ୱରୀ ନାୟକ, ଚନ୍ଦନ କିସ୍କୁ, ବିଜୟ ସିଂହ, ବନମାଳୀ ବାରିକ, ଅସିତ ଦାସ, ଶେଖ ରହିମ୍, ସମର ଦାସ, ରବି ନାରାୟଣ ପରିଡ଼ା ଓ ବାବୁଲି ମିଶ୍ରଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ନିମ୍ନମାନର ଫେଭର୍ ରାସ୍ତା ନିର୍ମାଣ, ଭିଜିଲାନ୍ସ ତଦନ୍ତ ଦାବି

**ତେଲକୋଇ,୨୮।୬/ଏନ୍ଏନ୍ଏସ୍:** ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଅନୁଦାନରେ ଫେଭର୍ ବ୍ଲକ୍ ରାସ୍ତା ନିର୍ମାଣ କରାଯାଉଥିବାବେଳେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ବାଲି ବଦଳରେ ମାଟି ମିଶ୍ରିତ ବାଲି ବ୍ୟବହାର କରାଯାଉଛି।

**ସରକାରୀ ଅର୍ଥ ଚଳୁ**

**ସନ୍ଦେହଘେରରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଭୂମିକା**



ଏହାସହ ଫେଭର୍ ବ୍ଲକ୍ସ୍ ବିଛା ହେବା ପରେ ଭାଇବ୍ରେଟର୍ ବ୍ୟବହାର କରାଯାଉ ନାହିଁ। ଫଳରେ ଉକ୍ତ ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏପରି ସ୍ଥଳେ ଉକ୍ତ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାସହ ସରକାରୀ ଅର୍ଥ ପାଣିରେ ପଡ଼ିବା ସାର ବୋଲି ଅଭିଯୋଗ ହୋଇଛି। କାର୍ଯ୍ୟସ୍ଥଳରେ ନିର୍ମାଣ ପ୍ରକଳ୍ପକୁ ନେଇ କୌଣସି ସୂଚନାଫଳକ ନଥିବାରୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଭୂମିକା ସନ୍ଦେହଘେରରେ ରହିଛି। ଉକ୍ତ ନିର୍ମାଣ କାର୍ଯ୍ୟରେ ଏକ ବଡ଼ ଧରଣ ଦୁର୍ନୀତି ହେଉଥିବା ଚର୍ଚ୍ଚା ହେଉଛି।

ପଞ୍ଚାୟତ ସମିତି ପକ୍ଷରୁ ଉକ୍ତ କାର୍ଯ୍ୟ ହେଉଥିବାବେଳେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଲୋକଙ୍କୁ ଅନ୍ଧାର ଭିତରେ ରଖି ପ୍ରକଳ୍ପ ନିର୍ମାଣ କରୁଥିବା ଅଭିଯୋଗ ହେଉଛି। ନିର୍ମାଣ ପ୍ରକଳ୍ପ ପାଇଁ କେତେ ଟଙ୍କା ବ୍ୟୟବରାଦ ହୋଇଛି, କାର୍ଯ୍ୟର ମାନ ନିର୍ଦ୍ଧାରଣ ବିବରଣୀ ଓ କେଉଁ ବିଭାଗ ପକ୍ଷରୁ ଅର୍ଥ ଅନୁମୋଦନ ଆଦି କାର୍ଯ୍ୟ ସମ୍ବନ୍ଧୀୟ ବିସ୍ତୃତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୂଚନାଫଳକରେ ଦର୍ଶାଇବା ପାଇଁ ସରକାରଙ୍କ କଡ଼ା ନିୟମ ଥିବାବେଳେ ସ୍ଥାନୀୟ ବିଭାଗୀୟ ଅଧିକାରୀ ଏହାକୁ ଅବମାନନା କରିଛନ୍ତି।

ନିମ୍ନମାନର କାର୍ଯ୍ୟ କରି ସରକାରୀ ଅର୍ଥକୁ ତୁଷାରପାତ କରିବା ପାଇଁ ହୀନ ଉଦ୍ୟମ କରାଯାଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ସବୁଠୁ ବଡ଼ କଥାଟି ହେଲା ଉକ୍ତ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ସଂପୃକ୍ତ ଠିକାଦାର ଗୁଣ୍ଡାରାଜ ଚଳାଇ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତେବେ ଉକ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି। ଏସମ୍ପର୍କରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣଙ୍କୁ ପଚାରିବାରୁ କାର୍ଯ୍ୟର ମାନ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜାତୀୟ ପୋଲିଓ ଟିକାକରଣ ଆରମ୍ଭ

### ପ୍ରଥମଦିନରେ ପୋଲିଓ ବୁନ୍ଦା ଖାଇଲେ ୧,୪୦,୯୫୧

**ବାଲେଶ୍ୱର,୨୮।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଟିକାକରଣ କେନ୍ଦ୍ରରେ ଜାତୀୟ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଜିଲ୍ଲା



ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ଜଣେ ପିଲାକୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ସଞ୍ଜୀବ ପ୍ରଧାନ, ଡା. ଅନ୍ନପୂର୍ଣ୍ଣା ଜେନା, ଡା. ସ୍ମୃତି ପ୍ରକାଶ ମିଶ୍ର, ଚକ୍ରଧର ଜେନା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ ମହନ୍ତ, ସାସ୍ୱତୀ ମିଶ୍ର ଓ ନୂତନ ପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ଏହି କାର୍ଯ୍ୟକ୍ରମ ଜୁନ୍ ୨୮ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ତଥା ଜୁନ୍ ୨୮ ତାରିଖରେ ସମଗ୍ର ଜିଲ୍ଲାରେ ୧,୯୨,୭୬୧ ଜଣ ଜନ୍ମରୁ ୫ ବର୍ଷ ପିଲାଙ୍କୁ ୧୦୬୩ଟି ଟିକାକରଣ କେନ୍ଦ୍ର, ୪୬ଟି ଟ୍ରାଞ୍ଜିଟ୍ ଦଳ ଓ ୨୩ଟି ଭ୍ରାମ୍ୟମାଣ ଦଳ ଜରିଆରେ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିନିମନ୍ତେ ୪,୩୯୦ ଜଣ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ତଥା ୨୧୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ପରବର୍ତ୍ତୀ ଦୁଇ ଦିନ ଅର୍ଥାତ୍ ୪,୯୮,୨୬୩ ଘରକୁ ପରିଦର୍ଶନ କରି ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଛି। ଜୁନ୍ ୨୮ତାରିଖ ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ୧,୪୦,୯୫୧ (୮୦ ପ୍ରତିଶତ) ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଛି। ଅବଶିଷ୍ଟ ପିଲାଙ୍କୁ ଆସନ୍ତା ଦୁଇଦିନରେ ଘରକୁ ଘର ବୁଲି ଦିଆଯିବାର ବ୍ୟବସ୍ଥା ହୋଇଛି।

### ୮୨ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା

**କେନ୍ଦୁଝର,୨୮।୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲାରେ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ଟିକାକରଣ ଅଭିଯାନ ସଫଳତାର ସହ ଆଗେଇ ଚାଲିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ଜିଲ୍ଲାରେ ମୋଟ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ ପରିସରଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୪୪,୪୭୨ ଜଣ ଶିଶୁ ଟିକା ନେଇସାରିଛନ୍ତି। ଏହି ସଫଳତା ସହ ଜିଲ୍ଲା ୮୨ ପ୍ରତିଶତ ଲକ୍ଷ୍ୟ ହାସଲ



କରିଛି। ଏହି ଅଭିଯାନର ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସିଡିଏମ୍ ଆଣ୍ଡ ପିଏଚ୍‌ଓ ଡ଼ଃ ଧନେଶ୍ୱର ସେଠୀ ଯୋଗଦେଇ ଏହି ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୌଣସି ଶିଶୁ ଯେପରି ବାଦ୍ ନପଡ଼ନ୍ତି, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଭିଯାନର ଶେଷ ଦୁଇଦିନରେ କୌଣସି ଶିଶୁ ଯେପରି ଟିକାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ଅଭିଜିତ କୁଅଁର, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଡ଼ଃ ପୁରୁଷୋତ୍ତମ ମହାନ୍ତ (ଡିପିଏଚ୍‌ଓ), ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ (ଏଡିପିଏଚଓ-ଏଫ୍‌ଡବ୍ଲ୍ୟୁ), ଡ଼ଃ ନୀଲମ ମହାନ୍ତି (ଏଡିପିଏଚ୍‌ଓ-ଟିବି), ଡ଼ଃ ପୁଷ୍ପାରାଣୀ ପଟ୍ଟନାୟକ (ଏଡିପିଏଚ୍‌ଓ-ଭିବିଡ଼ି) ଓ ନିତ୍ୟରଞ୍ଜନ ବରାଳ (ଡିପିଏମ୍, ଏନ୍ଏଚ୍ଏମ୍) ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଭରତ ସାହୁ (ଡିପିଏଚ୍‌ସିଓ), ଗୋବିନ୍ଦ ଚନ୍ଦ୍ର ମିଶ୍ର (ଡିଭିଏଲ୍ଏମ୍), ବୁଧୁନୀ ମହାପାତ୍ର (ଏଲ୍ଏଚ୍‌ଭି), ବୃନ୍ଦାବନ ସାହୁ (ଏସ୍ଏ) ଓ ଚିତ୍ତରଞ୍ଜନ ଜେନା (ଆଇସିଏ)ଙ୍କ ସମେତ ରୋଟାରୀ କ୍ଲବ୍ କେନ୍ଦୁଝରର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ୭୦ କେନ୍ଦ୍ରରେ ୧୦,୨୫୩ ଶିଶୁ ଖାଇଲେ ପୋଲିଓ ବୁନ୍ଦା

**ବୈଶିଙ୍ଗା:** ଦେଶରେ ଗୋଟିଏ ହେଲେ ଶିଶୁ ଯେପରି ପୋଲିଓଗ୍ରସ୍ତ ନହୁଅନ୍ତି ସେଥିନିମନ୍ତେ ସରକାର ସତର୍କ ଦୃଷ୍ଟି ରଖିବା ସହ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏହି ଅବସରରେ ୨୮ ତାରିଖ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଏହିକ୍ରମେ ବେତନଟୀ



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ ପଣ୍ଡା ପୋଲିଓ ବୁନ୍ଦା ପ୍ରଦାନ ନିମନ୍ତେ ୭୦ କେନ୍ଦ୍ରରେ ୨୮୩ କର୍ମଚାରୀ ନିୟୋଜିତ ଥିଲେ। ଏଥିରେ ଅଙ୍ଗନବାଡ଼ି, ଆଶା, ଏନ୍ଏମ୍, ସିଏଚ୍ ଓ ଡାକ୍ତର ସାମିଲ୍ ଥିଲେ। ସମୁଦାୟ ୧୦,୨୯୪ ଶିଶୁ ଥିବାବେଳେ ୧୦,୨୫୩ ଶିଶୁ ଏହି ପୋଲିଓ ବୁନ୍ଦା ଖାଇଥିବା ଡାକ୍ତର ପଣ୍ଡା ପ୍ରକାଶ କରିଛନ୍ତି। ତେବେ ମୋଟ୍‌ହାର ୯୬. ୭୮ ପ୍ରତିଶତ ହୋଇଥିବା ଜଣାଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋଲିଓ ବୁନ୍ଦା ଖୁଆଯିବ ବୋଲି ସରକାରୀ ନିର୍ଦ୍ଦେଶ ଥିବାବେଳେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ସେମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ବୋଲି ଜଣାଯାଇଛି।

## ଦେବାଂଶର ଜନ୍ମଦିନରେ ରକ୍ତଦାନ ଶିବିର

**ବାରିପଦା,୨୮।୬/ଏନ୍ଏନ୍ଏସ୍:** ଥାଲାସେମିଆରେ ପୀଡ଼ିତ ପିଲାଙ୍କ ପାଇଁ ପ୍ରତି ମାସ ରକ୍ତର ଆବଶ୍ୟକତା ପଡ଼ିଥାଏ। ସେହିପରି ଜଣେ କୁନିପୁଅ ଦେବାଂଶକୁ ମଧ୍ୟ ପ୍ରତି ମାସ ରକ୍ତ ଦେବାକୁ ପଡ଼ିଥାଏ। ତେଣୁ ତାଙ୍କ ପିତାମାତା ପୁଅର ଜନ୍ମଦିନରେ ଏକ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ଭଣ୍ଡାରକୁ ୪୨ ୟୁନିଟ୍ ରକ୍ତ ଯୋଗାଇ ଉଦାହରଣ ସୃଷ୍ଟି କରିଛନ୍ତି। ସ୍ଥାନୀୟ ରୋଟାରୀ କ୍ଲବ୍ ପରିସରରେ ମା' ତୁଳସୀ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର୍ ଶ୍ରୀରାମ ମହାନ୍ତି, ରକ୍ତଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଞ୍ଜନ ନାୟକ, ସମାଜସେବୀ ସୋମନାଥ ସିଂହ, ଡ଼ଃ ନିରୋଜ କୁମାର ପୋଥାଳ, ହିମାଂଶୁ ଶେଖର ପ୍ରହରାଜ, ଚିତ୍ତରଞ୍ଜନ ସ୍ୱାଇଁ, ବିନୋଦ ଲୋହାର, ଭରତ ପାତ୍ର, ଶିବ ପ୍ରସାଦ ନନ୍ଦ, ତପନ ପଟ୍ଟନାୟକ ଓ ରୋଟାରୀ କ୍ଲବ୍ ସମ୍ପାଦକ ତିମିର ଘୋଷ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଏହି ପଦକ୍ଷେପ ପାଇଁ ଫାଉଣ୍ଡେସନ୍‌ର ପ୍ରଶଂସା



କରିଥିଲେ। ଏହି ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ରଞ୍ଜିତ ଦଲେଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିର ପରିଚାଳନାରେ ବନ୍ଦିତା ସାହୁ, ନିଭା ସାହୁ, ସଞ୍ଜୁଲତା ସାହୁ, ଭାରତୀ ମହାନ୍ତ, ସୀତା ମାର୍ଣ୍ଡି, ସସ୍ମିତା ଚୌବେ, ଦୀପକ ବାରିକ, ବିକାଶ ସାହା, ଅରବିନ୍ଦ ମୁଖୀ ଓ ଚିନ୍ମୟ ଦାସ ସହଯୋଗ କରିଥିଲେ।

## ଦୋକାନ ଭିତରୁ ଚୋରି ଅଭିଯୋଗ

**ସୋର,୨୮।୬/ଏନ୍ଏନ୍ଏସ୍:** ସୋର କଲେଜ ଛକ ନିକଟସ୍ଥ ଏକ ଦୋକନରୁ କେହି ଦୁର୍ବୃତ୍ତ ମୋବାଇଲ୍ ଓ ନଗଦ ଟଙ୍କା ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଅଭଣା ଗ୍ରାମର ନୀତିଶ କୁମାର ଦାଶ ସୋର କଲେଜ ଛକ ନିକଟରେ ଏକ କବାଟ ଦୋକାନ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ନୀତିଶ ଦୋକାନ ବନ୍ଦ କରି ଶୋଇଥିବାବେଳେ ଜଣେ ଯୁବକ ଦୋକନ ମଧ୍ୟରେ ପଶି ଗୋଟିଏ ମୋବାଇଲ୍ ଓ ନଗଦ ଟଙ୍କା ଚୋରି କରିନେଇଥିଲା। ଏନେଇ ନିତୀଶ ଜାଣିବା ପରେ ସିସିଟିଭିରେ ଚୋରର ମୁହଁ କଏଦ୍ ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

34001/402/2627

ID: ee.randbjyp@gmail.com

GOVERNMENT OF ODISHA

OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE

e-Procurement Notice

Bid Identification No. S.E (R&B)-07/2026-27/JYP(K)

No. 3844 Date 18.06.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Road & Building Work as mentioned in DTCN.
2. No. of Works : 4 Nos.
3. Estimated Cost : Rs. 18.45 Lakhs to 27.82 lakhs
4. Period of completion : 1 (One) to 3 (Three) Months
5. Date & Time of Bidding : From 11.00 hours of **25.06.2026** Up-to 17.00 hours of **04.07.2026**
6. Last date & time for receipt of bids in portal : 17.00 hours of **04.07.2026.**
7. Bids received online shall be opened on : 11.00 hours of **06.07.2026.**
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Sd/- Superintending Engineer
Jeypore (R&B) Division

OIPR-34001/34027/1/26-27/0010

## ପ୍ରେମ ପାଇଁ ହାପି ମହାକୁଡ଼ ହତ୍ୟା ଘଟଣା

# ତ୍ୱରିତ ତଦନ୍ତ ପାଇଁ ପହଞ୍ଚିଲେ ଭଦ୍ରକ ଏସ୍‌ପି

**ଭଦ୍ରକ,୨୮।୬/ଏନ୍ଏନ୍ଏସ୍:** ପ୍ରେମ ପାଇଁ ହାପି ମହାକୁଡ଼ଙ୍କ ହତ୍ୟା ଘଟଣା ଏବେ ସାରା ଭଦ୍ରକ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ୍ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆଗେଇ ଚାଲିଥିବାବେଳେ ହତ୍ୟାକୁ ନେଇ ତଥ୍ୟ ହସ୍ତଗତ ହୋଇଛି। ଏପରିକି ତଦନ୍ତ ପ୍ରକ୍ରିୟା ତଦାରଖ କରିବା ପାଇଁ ଭଦ୍ରକ ଏସ୍‌ପି ମନୋଜ ରାଉତ ପ୍ରଥମେ ଧୁଷୁରୀ ଥାନା ପହଞ୍ଚି ସ୍ଥିତି ପରଖିବା ସହ ଧାମନଗର ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ ଓ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ଗାଁ

**ଆଉ ୨ ଜଣଙ୍କୁ ଯାଜପୁରରୁ ଉଠାଇଲା ପୁଲିସ୍**



ଷାଠିବାଙ୍କୁଡ଼ାରେ ପହଞ୍ଚି ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନକୁ ଯାଇ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ଜବତ ହୋଇଥିବା ଜିନିଷ ଓ ସ୍ଥାନ ବୁଲି ଦେଖିଥିଲେ। ଏହାସହ ମୃତଦେହ ଉଦ୍ଧାର ସମୟରେ ପ୍ରତ୍ୟକ୍ଷଦର୍ଶୀ ଓ ହାପି ଭାଇର ବୟାନ୍ ନେଇ ଫେରିଥିଲେ।

ଶନିବାର ସନ୍ଦେହଘେରକୁ ଆସିଥିବା ଛୁଞ୍ଚା ପଲାଇ, ମୁନା ପଲାଇ ଓ ସ୍ୱୟମ ପଲାଇଙ୍କୁ ଧୁଷୁରୀ ଥାନା ପୁଲିସ୍ ଘରୁ ଉଠାଇ ନେଇ ଦିନତମାମ ଜେରା କରିଥିଲା। ପରେ ଆଉ ୨ ଜଣ ସମ୍ପୃକ୍ତ ଥିବାବେଳେ ଘର ଛାଡ଼ି ଯାଜପୁରରେ ଲୁଚି ରହିଥିବା ପୁଲିସ୍ ବିଶେଷ ସୂତ୍ରରୁ ଖବର ପାଇଥିଲା। ରବିବାର ସେହି ୨ ଜଣ ଅର୍ଥାତ୍ ଛୁଞ୍ଚା ପଲାଇର ଝିଅ ଓ ସ୍ତ୍ରୀକୁ ଯାଜପୁରରୁ ଧୁଷୁରୀ ଥାନା ପୁଲିସ୍ ଠାବ କରିବା ସହ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଏହି ତଦନ୍ତ ସମୟରେ ଭଦ୍ରକ ଏସ୍‌ପି ସ୍ଥାନୀୟ ପୁଲିସ ଅର୍ଥାତ୍ ଆରଡି ଫାଣ୍ଡି ଅଧିକାରୀଙ୍କ ଭୂମିକାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଧୁଷୁରୀ ଥାନା ଅଧିକାରୀଙ୍କୁ ଏସ୍‌ପି ପରାମର୍ଶ ଦେଇଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ପୁଲିସ୍‌ର ଉଚ୍ଚପଦାଧିକାରୀ ପହଞ୍ଚି ହାପିର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଗାଁ ଲୋକଙ୍କଠାରୁ ଘଟଣା ବାବଦରେ ପଚାରି ବୁଝିଥିଲେ।

Phone No. : 06756 253091
Email Id : ulbnac.banpur@gmail.com

13001/1007/2627

OFFICE OF THE NOTIFIED AREA COUNCIL, BANPUR

No. 665 Dt.22.06.2026

QUOTATION CALL NOTICE

Sealed quotations are invited from reputed Firms/Agencies/SHGs/Interested Service Providers for the execution of the following work under Banpur NAC.

Name of Work: Installation of Advertisements / Hoardings on payment basis for One Year within Banpur NAC area.

The interested bidders shall submit their sealed quotations along with the following documents:

1. Copy of GST Registration Certificate.
2. Copy of PAN Card.
3. Aadhaar Card of the proprietor/ authorized signatory.
4. Bank Account Details with latest 03 months Bank Statement.
5. Any other relevant documents as required.

Terms & Conditions

1. The Quotation Documents are available in the Office and also available of this Office Website- www.banpurnac.in from date 24/06/2026 to 03/07/2026 during Office hour on all working days except govt. Holidays.
2. The quotation should reach the undersigned on or before D.t 03/07/2026 by 5.00 PM. By Speed Post/ in Person.
3. The quotations will be opened on dated 04/07/2026 at 12.00 Noon in the chamber of the Executive Officer, Banpur NAC in presence of the bidders or their authorized representatives.
4. The Quotationer should quote is quoated Rate along with ISD Amount of Rs. 10,000/-(Ten Thousand ) only in shape of Bank D.D./Bankers Cheque duly placed in favopur of the Executive Officer Banpur, NAC.
5. The offset price for fixing of Advetisement /Hoardings is Rs. 1,50,000/- (Rupees One Lakh & Fifty thousand) Only for 1 (One) Year from the date of executing the Agreement.
6. The quoted rate shall be inclusive of all taxes, transportation, labour and other incidental charges.
7. The successful bidder shall execute the work within the stipulated period as mentioned in the work order.
8. Banpur NAC reserves the right to accept or reject any or all quotations without assigning any reason thereof.
9. Any dispute arising out of this quotation shall be subject to the jurisdiction of Banpur

Sd/- Executive Officer
Banpur NAC

OIPR-13001/13177/1/26-27/0005

ନିତିଦିନ NITIDIN



# ବସ୍ ଧକ୍କାରେ ବାଇକ୍ ଚାଳକ ମୃତ



**ରାୟଗଡ଼ା,୨୮।୬/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଜଗମଣ୍ଡା ଗ୍ରାମ ନିକଟରେ ଏକ ଘରୋଇ ଶିକ୍ଷାନୁଷ୍ଠାନ 'ଅଭ୍ୟାସ ଟେକ୍ନୋ ସ୍କୁଲ୍'ର ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ମୃତ୍ୟୁବରଣ କରିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଡିବିରୀସିଂ ଗ୍ରାମର ଗୌତମ ଦାସ। ଗୌତମ ଏବଂ ତାଙ୍କ ସହଯୋଗୀ କୌଣସି କାମରେ ଗୁମୁଡ଼ା ଆସିଥିଲେ। ଗୁମୁଡ଼ାରୁ ପଦ୍ମପୁର ଫେରୁଥିବା ସମୟରେ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ଗୌତମଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପଦ୍ମପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବସ୍‌କୁ ଜବତ କରିଛି। ଅନ୍ୟପଟେ ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପଦ୍ମପୁର ପୁଲିସ୍ ମୁତୟନ ରହିଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ

## ଗଜାନନ ବେଶରେ ...

ଜଳ ବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହେବ। ୪ଟାରୁ ୫ଟା ମଧ୍ୟରେ ଦୁର୍ଲଭ ହାତୀବେଶ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ ଟାରୁ ୯ ଟା ୩୦ ପର୍ଯ୍ୟନ୍ତ ସାହାଣମେଲା, ରାତି ୧୦ ଟାରେ ହାତୀବେଶ ମଇଲମ, ରାତି ୧୦ଟା ୩୦ ପୁଷ୍ପାଞ୍ଜଳି ଏବଂ ଡୋର ଲାଗି, ରାତି ୧୧ ଟା ରୁ ୨ ଟା ମଧ୍ୟରେ ବାହୁଡ଼ା ପହଣ୍ଡି, ରାତି ୨ ଟା ୩୦ ରେ ସୁନା ଚିତା ଏବଂ ରାହୁରେଖା ମଇଲମ ନୀତି ଅନୁଷ୍ଠିତ ହେବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପାରମାଣିକ ଟିକେଟ କରିଥିବା ଭକ୍ତମାନେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିପାରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ରହିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରସାଶନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବଡ଼ଦାଣ୍ଡର ମାର୍କେଟ ଛକରୁ ଶ୍ରୀମନ୍ଦିର ଯାଏଁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି। ଖରା ବର୍ଷାରେ ଭକ୍ତମାନେ ଯେଉଁଳି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେନେଇ ଛାମୁଡିଆ କରାଯାଇଛି। ଶୃଙ୍ଖଳିତ ନିତିକାନ୍ତି ପାଇଁ ସେବାୟତଙ୍କ ସହ ମନ୍ଦିର ପ୍ରଶାସନର ଆଲୋଚନା ହୋଇଛି। ସୁରକ୍ଷା ଦୃଷ୍ଟିରୁ ୪୦୦ରୁ ଅଧିକ କ୍ୟାମେରା ମନ୍ଦିର ସମେତ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲଗାଯାଇଛି।

## ବିମାନ, ହେଲିକପ୍ଟର୍ ...

କମ୍ପାନୀ ଅରାମକୋର ଏକ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ହେଲିକପ୍ଟର୍‌ରେ ଥିବା ସମସ୍ତ ୧୪ ଜଣ ଲୋକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ସାଉଦୀ ପ୍ରେସ୍ ଏଜେନ୍ସି (ଏସ୍‌ପିଏ) ଅନୁସାରେ ହେଲିକପ୍ଟର୍‌ରେ ଥିବା ସମସ୍ତ ଲୋକ ସାଉଦୀ ଆରବ ନାଗରିକ। ତେବେ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଅଧିକାରୀମାନେ ଘଟଣାର ଯାଞ୍ଚ କରୁଛନ୍ତି।

## ବଜ୍ରାଘାତରେ ...

ଗଛରୁ କୁସୁମ ତୋଳିବାକୁ ଯାଇଥିଲେ। ସେମାନେ ସେଠାରେ ଥିବା ବେଳେ ଅପରାହ୍ନ ପ୍ରାୟ ୩ଟା ବେଳେ ହଠାତ୍ ପାଗ ବଦଳି ଯାଇଥିଲା। ବର୍ଷା ହୋଇଥିଲା ଓ ବିଜୁଳି ମାରିଥିଲା। ବଜ୍ରପାତରେ ଘଟଣାସ୍ଥଳରେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିଲା। ମୃତ ଚମ୍ପା ମୁଦୁଲି ସ୍ଥାନୀୟ ବିଦ୍ୟାଳୟରେ ଶିଶୁ ସେବିକା ଭାବେ କାର୍ଯ୍ୟରତ ଥିଲେ। ଏକାସାଙ୍ଗରେ ମା' ଓ ଝିଅଙ୍କ ମୃତ୍ୟୁ ଘଟଣା ପରିବାର ସହ ସମଗ୍ର ଗ୍ରାମକୁ ଶୋକାକୁଳ କରିଦେଇଛି।

## ମୋଦୀଙ୍କୁ ସେସେଲ୍ସର ...

ସାମୁଦ୍ରିକ ସୁରକ୍ଷା ଏବଂ 'ମହାସାଗର' ଭିଜନକୁ ଆଗକୁ ବଢ଼ାଇବା ପାଇଁ ଉଭୟ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ପ୍ରତିରକ୍ଷା ଏବଂ ବିକାଶମୂଳକ କାର୍ଯ୍ୟରେ ଦୁଇ ଦେଶ ପରସ୍ପରର ଘନିଷ୍ଠ ସହଯୋଗୀ। ୧୯୭୬ ମସିହାରେ ସେସେଲ୍ସର ସ୍ୱାଧୀନତା ପରଠାରୁ ଭାରତ ଏବଂ ସେସେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କ ରହିଆସିଛି।

## ଆସୁଛି ଆଷାଢ଼ ...

ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ ସୃଷ୍ଟି ହୋଇ ରାଜ୍ୟରେ ଭଲ ବର୍ଷିବ ବୋଲି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ଜୁନ୍ ସରି ଜୁଲାଇ ଆରମ୍ଭ ହେବାକୁ ଯାଉଛି, ହେଲେ ଏବେ ବି ଚାଷ ଜମିଗୁଡ଼ିକ ସେମିତି ପଡ଼ିଆ ପଡ଼ିଛି। ପର୍ଯ୍ୟାପ୍ତ ବର୍ଷା ଅଭାବରୁ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏ ଯାଏ ଆରମ୍ଭ ହୋଇ ପାରିନି ଚାଷ କାମ। ବାଲେଶ୍ୱରରୁ ବରଗଡ଼, ସମ୍ବଲପୁରରୁ କୋରାପୁଟ ସବୁଠି ସମାନ ଅବସ୍ଥା। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୨୩ ସୁଦ୍ଧା ସାରା ରାଜ୍ୟକୁ ଛୁଇଁ ସାରିଥିଲେ ବି ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇ ନାହିଁ। ପାଣିପାଗ ବିଜ୍ଞାନ ବିଭାଗର ତଥ୍ୟ ଅନୁସାରେ, ଜୁନ୍‌ରେ ଓଡ଼ିଶାରେ ୧୯୨.୩ ମିଲିମିଟର ବର୍ଷା ହେବା କଥା। ହେଲେ ଜୁନ ୧ରୁ ୨୭ ତାରିଖ ମଧ୍ୟରେ ମାତ୍ର ୯୧.୪ ମିଲିମିଟର ବର୍ଷା ହୋଇଛି। ବିଶେଷଜ୍ଞ କହିଛନ୍ତି, କମ୍ ବର୍ଷା ହେବା ପଛରେ ଏଲ୍-ନିନୋଠାରୁ ଅଧିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଶୁଭ ଖବର ଆଣିଛନ୍ତି ପାଣିପାଗ ବିଜ୍ଞାନୀ ଶରତ ସାହୁ। ସେ କହିଛନ୍ତି, କିଛି ଦିନ ହେବ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇପାରୁ ନଥିଲା। ହେଲେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ ଆସିଛି। ତାଙ୍କ ଆକଳନ ଅନୁସାରେ ଆସନ୍ତା ୩୦ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି।

## ସମ୍ପର୍କରେ ରକ୍ତର ଛିଟା ...

କରିଛନ୍ତି। ସଦର ଥାନା ପୁଲିସ ରାହୁଲଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେହିପରି ବାଲେଶ୍ୱର ଜିଲ୍ଲା ଭୋଗରାଇର ପଥରଘାଟା ଗାଁରେ ପାରିବାରିକ କଳହର ଭୟଙ୍କର ଚିତ୍ର ଦେଖିବାକୁ ମିଳିଛି। ଟଙ୍କା ଲୋଭରେ ବୋହୂ ନିଜ ଶାଶୂଙ୍କୁ ପନିକିରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଛି। ଗୁରୁତର ଅବସ୍ଥାରେ ଶାଶୂ ଏବେ କଟକ ବଡ଼ ମେଡିକାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ପୁଲିସ ଅଭିଯୁକ୍ତ ବୋହୂକୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି। ସେପଟେ ମୋବାଇଲ୍ ପାଇଁ ରକ୍ତମୁଖା ସାଜିଲା ବଡ଼ଭାଇ। ମୟୂରଭଞ୍ଜ ଖୁଣ୍ଟା ଥାନା ଅଞ୍ଚଳରେ ଜନ୍ମକଲା ବାପା ଏବଂ ସାନଭାଇକୁ କଟୁରିରେ ହାଣିଛି ବଡ଼ଭାଇ। ଆକ୍ରମଣରେ ଗୁରୁତର ବାପା ଓ ପୁଅ ଉଦଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଗ୍ରାମର ସଦାନନ୍ଦ ବାରିକଙ୍କ ସାନ ପୁଅ ସୁଶାନ୍ତ ବାରିକ ରାସ୍ତାରୁ ଏକ ମୋବାଇଲ ପାଇଥିଲେ। ଗତକାଲି ସନ୍ଧ୍ୟାରେ ଏହି ମୋବାଇଲ୍‌କୁ ତା'ର ମାଲିକ ଆସି ନେଇ ଯାଇଥିଲେ। ହେଲେ ବିଳମ୍ବିତ ରାତିରେ ଅଚାନକ ସଦାନନ୍ଦଙ୍କ ବଡ଼ ପୁଅ ହେମନ୍ତ ବାରିକ ଘରେ ପହଞ୍ଚି ମୋବାଇଲ୍ କ'ଣ ପାଇଁ ଫେରାଇ ଦେଲ ବୋଲି ପଚାରିଥିଲେ। ଏନେଇ ପାଟିତୁଣ୍ଡ କରିବା ସହିତ ଏକ ତେଲେଙ୍ଗା କଟୁରୀରେ ସେ ପ୍ରଥମେ ତାଙ୍କ ବାପା ସଦାନନ୍ଦଙ୍କୁ ଆକ୍ରମଣ କରିଥିଲେ। ସଦାନନ୍ଦଙ୍କ ଗୋଡ଼ରେ ସେ ଚୋଟ୍ ବସାଇଥିଲେ। ଏହା ପରେ ସାନ ଭାଇ ସୁଶାନ୍ତଙ୍କ ମୁଣ୍ଡରେ ପକାଇଥିଲେ ଚୋଟ। ଉଭୟ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକେ ସେମାନଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।

## ସମୁଦ୍ରଠୁ ଗଗନ ...

ଆୟୋଜିତ ହୋଇଥିଲା। ଯାହାକୁ ସାରା ବିଶ୍ୱରେ ଲୋକ ନିଜ ଜୀବନରେ ସାମିଲ କରିବାକୁ ପ୍ରତିବଦ୍ଧ ହୋଇଥିଲେ। ଚଳିତବର୍ଷ ଦେଶ ଓ ବିଦେଶରେ ୨,୫୦୦ରୁ ଅଧିକ ସ୍ଥାନରେ ଯୋଗ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆମ ଦେଶର କୋଟି କୋଟି ଜନତା ଯୋଗ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଆଗକୁ ଆସୁଥିବା ଗଣେଶ ପୂଜା ସମ୍ପର୍କରେ ନିଜର ମନ୍ତବ୍ୟ ରଖିଥିଲେ। ସେ କହିଥିଲେ, 'ପୂଜାପାଠ ଶେଷ ହେବା ପରେ ଆମେ ମାଟିମୂର୍ତ୍ତିକୁ ପାଣିରେ ବିସର୍ଜନ କରୁ ଏବଂ ଏହା ପାଣିରେ ମିଶିଯାଇଥାଏ । ଫଳରେ ଆମେ ପ୍ରକୃତି ପ୍ରତି ଆମର ଆସ୍ଥା ଓ କର୍ତ୍ତବ୍ୟ ନିର୍ବାହ କରିଥାଉ। ଆଗାମୀ ଗଣେଶ ପୂଜାରେ ମୂର୍ତ୍ତି ନିକଟସ୍ଥ ସ୍ଥାନୀୟ କାରିଗରଙ୍କଠାରୁ ନିଶ୍ଚିତ କିଣନ୍ତୁ । ଏହା ଦ୍ୱାରା ଆମେ 'ଭୋକାଲ ଫର୍ ଲୋକାଲ୍' ହୋଇପାରିବା ଓ ନିଜର ଦାୟିତ୍ୱ ନିର୍ବାହ କରିପାରିବା। ଏହା ସହିତ ମୂର୍ତ୍ତି ମାଟିରୁ ତିଆରି ହୋଇଥିବା ଆବଶ୍ୟକ। ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ନିର୍ମିତ ମୂର୍ତ୍ତି କିଣିବାରୁ ବର୍ଜନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଅର୍ଦ୍ଧନିର୍ମିତ ଏମ୍ଏସ୍ଏମ୍ଇ ପାର୍କ ଉଦ୍‌ଘାଟିତ

# 'ଶିଳ୍ପାୟନ ସହ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ'

**ଭବାନୀପାଟଣା,୨୮।୬/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କୁର୍ଲୁପଡ଼ାରେ ନିର୍ମାଣାଧୀନ ଏମ୍ଏସ୍ଏମ୍ଇ ପାର୍କକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ତେବେ ଅର୍ଦ୍ଧନିର୍ମିତ ଏମ୍ଏସ୍ଏମ୍ଇ ପାର୍କ ଉଦ୍‌ଘାଟନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଜମି ହରେଇଥିବା ଗ୍ରାମବାସୀ ଲୋକସେବା ସଦସ୍ୟା ମାଳବିକା ଦେବୀ ଓ ଜିଲ୍ଲାପାଳ ପାୱାର୍ ସଚିନ ପ୍ରକାଶଙ୍କ ସମ୍ମୁଖରେ ନାରାବାଜି

### ଜମି ହରେଇଥିବା କୁର୍ଲୁପଡ଼ା ଗ୍ରାମବାସୀଙ୍କ ନାରାବାଜି



କରିବା ସହ ଆନ୍ଦୋଳନର ଚେତାବନୀ ଦେଇଥିଲେ। ସୂଚନାନୁଯାୟୀ ପାଖାପାଖି ୪୨ ବର୍ଷ ପୂର୍ବେ ସେବା ପେପର୍ ମିଲ୍ ସ୍ଥାପନ ଉଦ୍ଦେଶ୍ୟରେ ପ୍ରାୟ ୧୫୦ ଜଣ ଚାଷୀଙ୍କ ୧୮୦ ଏକର ଜମି ଅତି କମ୍ ମୂଲ୍ୟରେ ଅଧିଗ୍ରହଣ କରାଯାଇଥିଲା। ହେଲେ ବର୍ଷ ବର୍ଷ ପରେ ମଧ୍ୟ ପେପର୍ ମିଲ୍ ସ୍ଥାପିତ ହୋଇପାରିନଥିଲା। ପରେ ଉକ୍ତ ସ୍ଥାନକୁ ସେବା ପେପର୍ ମିଲ୍ ଇଡ୍‌କୋକୁ ହସ୍ତାନ୍ତର କରିଥିଲା। ତତ୍କାଳୀନ ସରକାର ଅମଳରେ ଉକ୍ତ ସ୍ଥାନରେ ଏକ ଏମ୍ଏସ୍ଏମ୍ଇ ପାର୍କ ନିର୍ମାଣ କରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଜମି ଆବଣ୍ଟନ ଯୋଜନା କରାଗଲା। ସେନେଇ ପାଖାପାଖି ୧୨ କୋଟି ବିନିମୟରେ ବାଡ଼ ଓ ରାସ୍ତା ନିର୍ମାଣ କରାଗଲା। ହେଲେ ଅନେକ ସ୍ଥାନରେ ବାଡ଼ ଓ ରାସ୍ତା ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବାବେଳେ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉକ୍ତ ଏମ୍ଏସ୍ଏମ୍ଇ ପାର୍କ ଉଦ୍‌ଘାଟନକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟକ୍ରମରେ ସେବା ପେପର୍ ମିଲ୍ ସ୍ଥାପନ ନେଇ ଜମି ହରାଇଥିବା କୁର୍ଲୁପଡ଼ା ଗ୍ରାମବାସୀ କହିଛନ୍ତି ଯେ ପେପର୍ ମିଲ୍ ହେଲେ ସମସ୍ତ ଜମି ହରେଇଥିବା ଚାଷୀ ଓ ଗ୍ରାମର ଅନ୍ୟମାନଙ୍କୁ ପେପର୍ ମିଲ୍‌ରେ ନିଯୁକ୍ତି ଦିଆଯିବ ଏବଂ ଅଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ଦିଆଯିବ ବୋଲି ପ୍ରଲୋଭନ ଦେଖାଇ ଆମଠାରୁ ଜମି ନେଲେ। ମାତ୍ର ନା ପେପର୍ ମିଲ୍ ହେଲା ନା ଆମେ ସୁବିଧା ପାଇଲୁ ବୋଲି ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଇଡ୍‌କୋ ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ବିଭାଗ ଦ୍ୱାରା ଆୟୋଜନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଂସଦ ମାଳବିକା ଦେବୀ ଏହି ପାର୍କ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାରେ ଶିଳ୍ପାୟନ ସହ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ବର୍ତ୍ତମାନ ୩ ଜଣ ଉଦ୍ୟୋଗୀଙ୍କୁ ଶିଳ୍ପ ସ୍ଥାପନ ପାଇଁ ଜମି ଲିଜ୍ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର୍ ପ୍ରଶାନ୍ତି ପ୍ରଧାନ, ସରିତା ସିନ୍ଧୁର, ମହେଶ ବଂଶଲ, ବଣ୍ଟି ଜୈନ, ପ୍ରଶାନ୍ତ ବାନାର୍ଜୀ, ମୁକେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ଅନେକ ଜିଲ୍ଲାସ୍ତରୀୟ ଓ ସ୍ଥାନୀୟ ଅଧିକାରୀ, ବ୍ଲକ୍ ଓ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ। ତେବେ ସ୍ଥାନୀୟ ବ୍ଲକ୍ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରିନଥିବାରୁ ସଭାରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ଶିଶୁ ଉପରେ ଚଢ଼ିଗଲା ଟ୍ରକ୍

**ନବରଙ୍ଗପୁର,୨୮।୬/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଏକ ହୃଦୟବିଦାରକ ଘଟଣା ଘଟିଛି। ୪ ବର୍ଷର ଏକ ଶିଶୁ ଉପରେ ମିନିଟ୍ରକ୍ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ଘଟିଛି। ଝରିଗାଁ ବ୍ଲକ୍ ଡଙ୍ଗରିଗୁଡ଼ା ପଞ୍ଚାୟତ କୋଇଗାଁ ଅଞ୍ଚଳର ଜଣେ ମାଆ ତା' ୩ ପିଲାଙ୍କ ସହ ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ରାସ୍ତାରେ ଯାଉଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ମିନିଟ୍ରକ୍ ହଠାତ୍ ୪ ବର୍ଷର ଶିଶୁ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଜଣେ ଅଟୋ ଚାଳକ ଶିଶୁକୁ ଗୁରୁତର ଅବସ୍ଥାରେ ଉମରକୋଟ୍ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବରପାଇ ଉମରକୋଟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୁଲିସ୍ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭର୍‌କୁ ଅଟକ ରଖି ପଚରାଉଚୁରା କରୁଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଅତ୍ୟନ୍ତ ଅଣଅସରିଆ ହୋଇ ରହିଛି। ଫଳରେ ଏଠାରେ ସବୁବେଳେ ଟ୍ରାଫିକ୍ ସମସ୍ୟା ଉପୁଜୁଛି ଏବଂ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଏସ୍‌ୟୁଜେର ସାଂଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ

### ପ୍ରସନ୍ନ କୁମାର ପ୍ରଧାନ ସଭାପତି, ଅରୂପାନନ୍ଦ ନାୟକ ସମ୍ପାଦକ




**ରେଢ଼ାଖୋଲ,୨୮।୬/ଏନ୍ଏନ୍ଏସ୍:** ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ସମ୍ବଲପୁର ଶାଖା ରେଢ଼ାଖୋଲ ୟୁନିଟ୍ ପକ୍ଷରୁ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ରେଢ଼ାଖୋଲରେ ରାଜ୍ୟ ସାମ୍ବାଦିକ ସଂଘର ନୂତନ ସଂଗଠନ ଗଠିତ ହୋଇଛି। ସାମ୍ବାଦିକ ପ୍ରସନ୍ନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ, ରାଜ୍ୟ ଉପସଭାପତି ସମରେଶ ମିଶ୍ର, ରାଜ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ, ସମ୍ବଲପୁର ଜିଲ୍ଲା ସହସମ୍ପାଦକ ରାଜା ପାଲ ଓ ଦେବଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ରାକେଶ କୁମାର ଦାଶ ଯୋଗ ଦେଇଥିଲେ। ଏହାସହ ସମ୍ବଲପୁର, ଦେବଗଡ଼, ସୋନପୁର ଓ ବୌଦ୍ଧ ଜିଲ୍ଲାର ସାମ୍ବାଦିକ ଯୋଗଦେଇ ସଂଗଠନିକ କ୍ଷେତ୍ରରେ ସେମାନଙ୍କ ସୁଚିନ୍ତିତ ମତାମତ ଦେଇ ଆଗକୁ କିପରି ସଂଗଠନ ସୁଦୃଢ଼ ହୋଇପାରିବ ସେବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ଏସ୍‌ୟୁଜେ ରେଢ଼ାଖୋଲ ଉପଖଣ୍ଡର ସଭାପତି ଭାବେ ପ୍ରସନ୍ନ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଅରୂପାନନ୍ଦ ନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନବରଞ୍ଜନ ମିରିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏହାସହ ସଂଘରେ ୧୩ ଜଣ ସଦସ୍ୟ ସାମିଲ୍ ହୋଇଥିବାବେଳେ ଆଗାମୀ ଦିନରେ ଅଧିକ ସଂଖ୍ୟକ ସଦସ୍ୟ ଯୋଗଦେବେ ବୋଲି ନୂତନ ସଭାପତି ପ୍ରସନ୍ନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସାରା ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ଆଇନ, କାର୍ଯ୍ୟରତ ସାମ୍ବାଦିକ ଓ ଅବସର ନେଇଥିବା ସାମ୍ବାଦିକଙ୍କ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ମାନ୍ୟତା, ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ବଦଳରେ ୨୫ ଲକ୍ଷ କରିବା ଓ ଭୁବନେଶ୍ୱରରେ ୨୦୦ ଶଯ୍ୟା ବିଶିଷ୍ଟ ସାମ୍ବାଦିକ ଭବନ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ରାଜ୍ୟ ସରକାରଙ୍କଠାରେ ଦାବି ରଖିଥିଲେ।

## ଇଗଲ୍ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର

**ଝାରସୁଗୁଡ଼ା,୨୮।୬/ଏନ୍ଏନ୍ଏସ୍:** ଝାରସୁଗୁଡ଼ା ସହରର ଏକ ଜଣାଶୁଣା ସମାଜସେବୀ ସଂଗଠନ ଇଗଲ୍ ଗ୍ରୁପ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଇଗଲ୍ ଗ୍ରୁପ୍ ସଭାପତି ଦିବ୍ୟ ସିଂ ପଟ୍ଟନାୟକ, ସମ୍ପାଦକ ହିମାଦ୍ରି ପ୍ରଧାନ ଓ ପୂର୍ବତନ ସଭାପତି ରାକେଶ ସାହୁଙ୍କ ନେତୃତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ାର ବରିଷ୍ଠ ସମାଜସେବୀ ଅର୍ଜୁନ ମୋରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ହୋଟେଲ୍ ମୋହିନୀ ରୟାଲ୍‌ର ଅର୍ଜୁନ ମୁନ୍ଦ୍ରା ଓ ବିଜୟ ମୁନ୍ଦ୍ରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଆୟୋଜକ ଏବଂ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୬୬ ଜଣ ରକ୍ତଦାତା ଯେଉଁଥିରେ ବହୁସଂଖ୍ୟାରେ ମହିଳାମାନେ ମଧ୍ୟ ସାମିଲ୍ ହୋଇଥିଲେ। ଇଗଲ୍ ଗ୍ରୁପ୍ ସଦସ୍ୟ ଭାଗବତ ସ୍ୱାଇଁ, ବଳଭଦ୍ର, ଦେବାଶିଷ ମହାପାତ୍ର, ରାଜେଶ୍, ବିଜୟ, ସ୍ପନ୍ଦନ, ଯୋଗେଶ, ପ୍ରକାଶ, ଅମିତ୍ ମନ୍ତ୍ରୀ, ଦେବ ପ୍ରକାଶ ଦୋରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଶିବିରରେ ସହଯୋଗ କରିଥିଲେ। ରାଜେଶ ପାଢ଼ୀ, ସନ୍ଦୀପ ଆଷ୍ଟି ଓ ପ୍ରଶାନ୍ତ ନନ୍ଦ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ସମ୍ମାନିତ କରିଥିଲେ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ




**ପାଟଣାଗଡ଼,୨୮।୬/ଏନ୍ଏନ୍ଏସ୍:** ସ୍ଥାନୀୟ ବ୍ଲକ୍ ସମ୍ମିଳନୀ କକ୍ଷରେ ଭତ୍ତା ବଣ୍ଟନ ଉତ୍ସବ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥିରୂପେ ବଲାଙ୍ଗୀର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ପାଟଣାଗଡ଼ ଉପଖଣ୍ଡ ପୁଲିସ୍ ଅଧିକାରୀ ସଦାନନ୍ଦ ପୁଝାରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମୋଦୟ ଯୋଜନାରେ ନୂତନ ଭାବେ ଚିହ୍ନଟ ୯୭୪ ଜଣ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାଜ୍ୟ ସରକାର ଅତିରିକ୍ତ ପାଞ୍ଚ କିଲୋ ଚାଉଳ ପାଇଁ ହିତାଧିକାରୀଙ୍କୁ ଶ୍ରୀ ସିଂହଦେଓ ରାସନ୍ କାର୍ଡ ବାଣ୍ଟିଥିଲେ। ସେହିପରି କିଛି ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର ମଧ୍ୟ କାର୍ଯ୍ୟାଦେଶ ବାଣ୍ଟିଥିଲେ। ଏହାସହ ଶ୍ରୀ ସିଂଦେଓ ମୋଦୀ ସରକାରଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ସଫଳତାର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ପରେ ଅତିଥିମାନେ ବ୍ଲକ୍ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଏଲ୍ଏମ୍ ବିପିଏମ୍ ପଙ୍କଜିନୀ ତରାଶିଆ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ଜିପିଡିଓ ପରମେଶ୍ୱର ନାଏକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଆର୍ଏଚ୍‌ବିପିସି ଗୋବର୍ଦ୍ଧନ ବାଗ, ବନପାଳ ସୁଧୀର କୁମାର ଜେନା, ରାମାନନ୍ଦ ବେହେରା, ମନୋଜ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ହିତାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବାବେଳେ ଅତିରିକ୍ତ ତହସିଲଦାର୍ ସତ୍ୟ ସୁନ୍ଦର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଜାତୀୟ ପୋଲିଓ ଟିକାକରଣ ଦିବସ



**ରାୟଗଡ଼ା,୨୮।୬/ଏନ୍ଏନ୍ଏସ୍:** ଜାତୀୟ ପୋଲିଓ ଟିକାକରଣ ଦିବସ ଅବସରରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇଣ୍ଟେନ୍ସିଫାଇଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ (ଆଇପିପିଆଇ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ଶିଶୁଙ୍କୁ ମୌଖିକ ପୋଲିଓ ଟିକା ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ୫ ବର୍ଷରୁ କମ୍ ବୟସର ୧,୧୧,୧୭୧ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୦୩୨ଟି ବୁଥ୍, ୩୪ଟି ଟ୍ରାନ୍‌ଜିଟ୍ ଟିମ୍ ଓ ୨୩ଟି ମୋବାଇଲ୍ ଟିମ୍ ନିୟୋଜିତ ହୋଇଛି। ପ୍ରଥମଦିନ ବୁଥ୍‌ରେ ଟିକାକରଣ ହେଉଥିବାବେଳେ ପରବର୍ତ୍ତୀ ଦୁଇଦିନ ଘରକୁ ଘର ଯାଇ ଶିଶୁଙ୍କୁ ପୋଲିଓ ଟିକା ଦିଆଯିବ। ସମସ୍ତ ଶିଶୁଙ୍କୁ ପୋଲିଓ ଟିକା ଦେବାକୁ ଅଭିଭାବକଙ୍କ ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ କରାଯାଇଛି।

## ୨୧୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୨୮।୬/ଏନ୍ଏନ୍ଏସ୍:** ବଲାଙ୍ଗୀର ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ହାଇସ୍କୁଲ୍ ସର୍ଟିଫିକେଟ୍ (ବିଏସ୍‌ଇ) ଏବଂ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଅସାଧାରଣ କୃତିତ୍ୱ ହାସଲ କରି ସମଗ୍ର ରାଜ୍ୟ ଓ ନିଜ ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ୨୧୧ ଜଣ ଏ-୧ ଗ୍ରେଡ୍‌ଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର୍, ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀ, ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବୀର କୁମାର ପଣ୍ଡା, ରିନା ବେହେରା ଓ ସେବାଶ୍ରୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସମାରୋହକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଏକାଗ୍ରତାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଯୁବପିଢ଼ି ହେଉଛନ୍ତି ଦେଶ ଓ ରାଜ୍ୟର ପ୍ରକୃତ ସମ୍ପଦ ଏବଂ ଆଗାମୀ ଦିନରେ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ଏହି ମେଧାବୀ ଯୁବଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଶ୍ରୀ ସିଂଦେଓ କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କୃତୀ ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ସଫଳତା ପଛରେ ଥିବା ପିତାମାତାଙ୍କ ନିରନ୍ତର ତ୍ୟାଗ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପଯୁକ୍ତ ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର୍ ଜିଲ୍ଲା ଓ ରାଜ୍ୟର ଶିକ୍ଷା କ୍ଷେତ୍ରରେ ହାସଲ ହୋଇଥିବା ଏହି ଅଭୂତପୂର୍ବ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବୀର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଗୁଣପୁର ସରକାରୀ ମେଡିକାଲ୍‌ରେ ପାର୍କିଂ ଅବ୍ୟବସ୍ଥା

**ରାୟଗଡ଼ା,୨୮।୬/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ଗୁଣପୁର ସରକାରୀ ମେଡିକାଲ୍‌ରେ ପାର୍କିଂ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ମେଡିକାଲ୍ ପରିସରରେ ରୋଗୀଙ୍କ ଯାତାୟାତ ପଥରେ ଡାକ୍ତରଙ୍କ ଦୁଇଚକିଆ ଯାନ ପାର୍କ କରାଯାଉଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଅନିୟମିତ ପାର୍କିଂ ଯୋଗୁ ହ୍ୱିଲଚେୟାର୍ ଓ ଷ୍ଟ୍ରେଚର୍‌ରେ ରୋଗୀଙ୍କୁ ନେବା ଆଣିବା ସମୟରେ ବାଧା ସୃଷ୍ଟି ହେଉଛି। ବିଶେଷକରି ଜରୁରି ପରିସ୍ଥିତିରେ ଏଭଳି ଅବ୍ୟବସ୍ଥା ରୋଗୀ ସେବାକୁ ପ୍ରଭାବିତ କରିପାରେ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ହସ୍ପିଟାଲ୍ ପରିସରରେ

### ରୋଗୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ଦାବି



ସୁବ୍ୟବସ୍ଥିତ ଓ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଗଲେ ରୋଗୀଙ୍କ ଯାତାୟାତ ସୁଗମ ହେବାସହ ଚିକିତ୍ସା ସେବା ଅଧିକ ସୁଚାରୁ ଭାବେ ପରିଚାଳିତ ହୋଇପାରିବ। ତେବେ ଏନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ପାର୍କିଂ ବ୍ୟବସ୍ଥାକୁ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରି ରୋଗୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ରାମକୃଷ୍ଣ ମିଶନରେ ଆଲୋଚନାଚକ୍ର

# ‘ପ୍ରଯୁକ୍ତି ଯୁଗରେ ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା ଅପରିହାର୍ଯ୍ୟ’




**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ସ୍ଥାନୀୟ ବିବେକାନନ୍ଦ ଲାଇବ୍ରେରୀ ହଲ୍‌ରେ ସ୍ୱାମୀ ଆତ୍ମଶ୍ରଦ୍ଧାନନ୍ଦଜୀଙ୍କ ଅଧ୍ୟକ୍ଷତାରେ ‘ଆଜିର ପ୍ରଯୁକ୍ତି ଯୁଗରେ ଯୋଗର ପ୍ରାସଙ୍ଗିକତା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡକ୍ଟର ଅକ୍ଷୟ କୁମାର ମିଶ୍ର କହିଛନ୍ତି ଯେ ସ୍ମାର୍ଟଫୋନ୍, ଲାପଟପ୍, କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଏବଂ ସାମାଜିକ ଯୋଗାଯୋଗ ମାଧ୍ୟମ (ସୋସିଆଲ ମିଡିଆ) ଆମ ଜୀବନକୁ ବଦଳାଇ ଦେଇଥିଲେ ହେଁ ଏହାର ବ୍ୟାପକ ବ୍ୟବହାର ଯୋଗୁଁ ଆତ୍ମବିଶ୍ୱାସର ଅଭାବ, ଉଦ୍‌ବେଗ ଓ ମାନସିକ ଚାପ ଭଳି ସମସ୍ୟା ଦେଖାଦେଉଛି। ପ୍ରଯୁକ୍ତି ଆମର ସହାୟକ ହେବା ଉଚିତ, ନିୟନ୍ତ୍ରକ ନୁହେଁ ଏବଂ ଦୈନନ୍ଦିନ ଯୋଗ ଅଭ୍ୟାସ ଦ୍ୱାରା ହିଁ ସୁସ୍ଥ ଓ ଶାନ୍ତ ଜୀବନଯାପନ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ବକ୍ତା ଭାବେ ଡକ୍ଟର ରାଜେନ୍ଦ୍ର କୁମାର ଦାଶ ଯୋଗଦେଇ କହିଥିଲେ ଯେ, ଯୋଗ କେବଳ ଶରୀରଚର୍ଚ୍ଚା ନୁହେଁ ବରଂ ଏହା ଶରୀର, ମନ ଓ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଏକ ଜୀବନଦର୍ଶନ। ଏହି ସଭାରେ ଯୋଗାଚାର୍ଯ୍ୟ ଦେବାଶିଷ ମହାନ୍ତି ଯୋଗ ଶିକ୍ଷା ଦେଇଥିବା ବେଳେ ପରମେଶ୍ୱର ଥଳ ପ୍ରାରମ୍ଭିକ ଭାଷଣ ଦେଇଥିଲେ ଏବଂ ଜିତେନ୍ଦ୍ର ରଣା, ବୃନ୍ଦାବନ ପଣ୍ଡା ଓ ଆଶିଷ ବେହେରା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ।

# ‘ସଂଗ୍ରାମୀ ଦୋଳଗୋବିନ୍ଦ ଥିଲେ ଜଣେ ନୀତିନିଷ୍ଠ ମଣିଷ’



**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷକ, ସାରସ୍ୱତ ସାଧକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବ ରବିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ସଭାଗୃହରେ ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ବିଶିଷ୍ଟ ସନ୍ଥ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ସଂରକ୍ଷକ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଗାନ୍ଧୀ ମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ ଥିଲେ ଜଣେ ନୀତିନିଷ୍ଠ ମଣିଷ। ଏହି ଅବସରରେ ତାଙ୍କ ସ୍ମୃତିରେ ପ୍ରତିବର୍ଷ ଦିଆଯାଉଥିବା ‘ଗାନ୍ଧୀ ଗୌରବ ସମ୍ମାନ’ ଚଳିତବର୍ଷ ପାଇଁ ବିଶିଷ୍ଟ ସମାଜସେବୀ ମହାତ୍ମା ଗାନ୍ଧୀଙ୍କ ପ୍ରତି ସମର୍ପିତ ମଣିଷ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ଛାତ୍ର ଜୀବନରୁ ମହାତ୍ମାଗାନ୍ଧୀଙ୍କ ବିଚାରଧାରାକୁ ଲୋକଙ୍କ ନିକଟରେ ପହଞ୍ଚାଇବାର ସଂକଳ୍ପ ନେଇଥିବା ଦେବେନ୍ଦ୍ର ସୁଆର ଓ ଦୀର୍ଘ ୪୦ ବର୍ଷ ଧରି କଳାହାଣ୍ଡିର ଅନୁନ୍ନତ ଅଞ୍ଚଳରେ ତଳେ ପଡ଼ିଥିବା ମଣିଷ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଶ୍ରୀ ରାମକୃଷ୍ଣ ଆଶ୍ରମ ମ.ରାମପୁର, କଳାହାଣ୍ଡିକୁ ସ୍ୱାମିଜୀ ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ ଅତିଥି ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସ୍ୱର୍ଗତ ପ୍ରଧାନଙ୍କୁ ଜଣେ ସାର୍ଥକ ମଣିଷ ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ, ହୁଏତ ଆମେ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କୁ ଭୁଲି ଯାଇପାରୁ କିନ୍ତୁ ତାଙ୍କ ରଚିତ ଗାନ୍ଧୀ ମଣିଷ ବହି ତାଙ୍କୁ ଚିର ଅମର କରି ରଖିବ। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ମୁଁ ଗର୍ବିତ ତାଙ୍କ ନିର୍ବାଚନ ମଣ୍ଡଳୀରୁ ଆଜି ବିଧାନସଭାରେ ପ୍ରତିନିଧିତ୍ୱ କରି ତାଙ୍କର ସ୍ମୃତି ରକ୍ଷା କରିବା ମୋ ପାଇଁ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ହେବ। କଟକ ମହାନଗର ନିଗମର ମେୟର ସୁବାସ ସିଂ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ମୁଁ ଛାତ୍ର ଜୀବନରୁ ସ୍ୱର୍ଗତ ଦୋଳଗାବିନ୍ଦ ପ୍ରଧାନଙ୍କୁ ଜାଣେ। ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱର୍ଗତ ପ୍ରଧାନଙ୍କୁ ଜଣେ ଗାନ୍ଧୀ ମଣିଷ ବୋଲି କହିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳଚନ୍ଦ୍ର ପତି ସ୍ୱର୍ଗତ ପ୍ରଧାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମ୍ବଲପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ଠାରୁ ସେ ଜେଲ୍‌ରେ ଥିଲାବେଳେ ଯୋଗ ଶିକ୍ଷା କରିଥିଲେ। ମୁଖ୍ୟବକ୍ତା ବାଗ୍ମୀ ପ୍ରଦ୍ୟୁମ୍ନ ଶତଥୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ସତ୍ୟନିଷ୍ଠ ମଣିଷ। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ସ୍ୱାଗତ ଭାଷଣ ଓ ଟ୍ରଷ୍ଟି ତଥା ତାଙ୍କ ସୁପୁତ୍ର ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ପ୍ରଫୁଲ୍ଲ ସିଂହ, ପ୍ରଜ୍ଞାରାଜ ପ୍ରଧାନ, ବରୁଣ ରାଜ ଓ ପୃଥ୍ୱୀରାଜ ପ୍ରଧାନ ପରିଚାଳନା କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ରାଜନୈତିକ ସହଯୋଗୀ ମିର୍ଜା ଜାହାଦିନ ବେଗ, ଦଣ୍ଡୁଆସୀପଡ଼ା କଟକର ହୃଷିକେଶ ଜେନା, କଟକ ଚଉଳିଆଗଞ୍ଜ ପୂଜା କମିଟିର ସଭାପତି ଶିବ ପ୍ରସାଦ ସାହୁ, କଟକ ମହାନଗର ନିଗମର କର୍ପୋରେଟର ସନ୍ତୋଷ କୁମାର ଭୋଳ, ନୂଆଗଡ଼ କଟକର ପୀତବାସ ମହାପାତ୍ର, କଟକ ବ୍ରାହ୍ମଣଝରିଲୋର ବିଜୟ କୁମାର ମହାନ୍ତି, କଟକ ଜିଲ୍ଲା ପରିଷଦ ଉପସଭାନେତ୍ରୀ ସୁଭଦ୍ରା ଦାସ, କଟକ ନିମେଇଶାପୁର ସରପଞ୍ଚ ଜ୍ୟୋସ୍ନାରାଣୀ ରାଉତରାୟ, କଟକ ଚଉଦ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବମହନ୍ତ ସୁରେନ୍ଦ୍ର କୁମାର ପଣ୍ଡା, କଟକ ବୟାଳିଶ ମୌଜାର ରାମଚନ୍ଦ୍ର ଗୋଛାୟତ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଡଃ ସଞ୍ଜୟ ବେହୁରା, ଶିଳ୍ପଦ୍ୟୋଗୀ ଶ୍ରୀ ଅଶୋକ ସାମଲ ଓ ବିକାଶ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭି. ଶ୍ରୀନିବାସ ପ୍ରମୁଖଙ୍କୁ ସ୍ୱାମିଜୀ ଉତ୍ତରୀୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପାତ୍ରପଡ଼ାସ୍ଥିତ ସ୍ମୃତିବନରେ ବୃକ୍ଷପୂଜା ଓ କଟକ ନୂଆଗଡ଼ ଅନନ୍ତ ବଳିଆ ଆଶ୍ରମଠାରେ ବାବା ପ୍ରଣବାନନ୍ଦ ଦାସ (ମନୁଭାଇ)ଙ୍କ ପୌରୋହିତ୍ୟରେ ସ୍ମୃତିଚାରଣ ସଭା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତୃଣମୂଳ ସ୍ତରର ଉଦ୍ୟୋଗୀଙ୍କୁ ସଶକ୍ତ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ: ମନ୍ତ୍ରୀ

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ବିଶ୍ୱ ଏମଏସଏମଇ ଦିବସ ଅବସରରେ, ବାରିପଦାସ୍ଥିତ ଐତିହାସିକ ଶ୍ରୀରାମ ଚନ୍ଦ୍ର ପାଠାଗାରଠାରେ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ‘ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ’ ଅଧୀନରେ ଗତ କାଲି ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ’ଉଦ୍ୟୋଗୀ ସଚେତନତା ଏବଂ ଋଣ ସୁବିଧା’ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସେମିନାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଆଶାୟୀ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଏହି ଅଞ୍ଚଳରେ ଥିବା ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକର ବିକାଶ କରିବା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କ ସମାବେଶକୁ ସମ୍ବୋଧିତ କରି ଡ. ମହାପାତ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ଏକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ ବ୍ୟବସ୍ଥା ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରକାଶ କରିଥିଲେ ଯେ, ଆର୍ଥିକ ସାକ୍ଷରତାର ପ୍ରସାର ଏବଂ ସଂସ୍ଥାଗତ ଋଣ ପ୍ରକ୍ରିୟାକୁ ସହଜ କରିବା ଦ୍ୱାରା ମୟୂରଭଞ୍ଜର ବିପୁଳ ତଥା ଅପ୍ରକାଶିତ ଉଦ୍ୟୋଗୀ ପ୍ରତିଭାକୁ ସାମ୍ନାକୁ ଅଣାଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୀଙ୍କ ଗତିଶୀଳ ନେତୃତ୍ୱରେ ଆମ ସରକାର ଏମଏସଏମଇ କ୍ଷେତ୍ରକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରୁଛନ୍ତି, କାରଣ ଏହା ଆମ ଅର୍ଥନୀତିର ମେରୁଦଣ୍ଡ। ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଋଣ ଉପଲବ୍ଧତା ଏବଂ ତୃଣମୂଳ ସ୍ତରର ନବୋନ୍ମେଷ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଉପରେ ଆମେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରୀଭୂତ କରୁଛୁ,‘ ବୋଲି ଡ. ମହାପାତ୍ର କହିଛନ୍ତି। ମହିଳା କେନ୍ଦ୍ରୀକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି ମନ୍ତ୍ରୀ ମହୋଦୟ, ନୀତି ଆୟୋଗଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ନିକଟରେ ଆରମ୍ଭ ହୋଇଥିବା ମହିଳା ଉଦ୍ୟୋଗୀ ମଞ୍ଚର ଓଡ଼ିଶା ଚାପ୍ଟର ବିଷୟରେ ଆଲୋଚନା କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ, ଏହି ସମନ୍ୱିତ ମଞ୍ଚ ସହଜ ଆର୍ଥିକ ସହାୟତା, ମାର୍ଗଦର୍ଶନ ଏବଂ ବଜାର ସଂଯୋଗୀକରଣ ସୁନିଶ୍ଚିତ କରିବ, ଯାହା ମହିଳାମାନଙ୍କୁ ଓଡ଼ିଶାର ବିକାଶ ଗାଥାର ପ୍ରମୁଖ ନେତୃତ୍ୱ ଭାବେ ଦୃଢ଼ ଭାବରେ ପ୍ରତିଷ୍ଠିତ କରିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ନୀତି ଏବଂ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ବିପଦମୁକ୍ତ କରିବା ପାଇଁ ପ୍ରସ୍ତୁତ ସବସିଡି ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ବରିଷ୍ଠ ଅଧିକାରୀ, ବ୍ୟାଙ୍କ ପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନିକ ସଂସ୍ଥାର ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ବ୍ୟକ୍ତିମାନଙ୍କୁ ତୁରନ୍ତ ପଞ୍ଜୀକରଣ ଏବଂ ସହଜ ଋଣ ମଞ୍ଜୁରୀ ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।

# ‘ତୀକ୍ଷ୍ଣ ଦୃଷ୍ଟି’ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ



**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ସାପ୍ତାହିକ ସମ୍ବାଦପତ୍ର ‘ତୀକ୍ଷ୍ଣ ଦୃଷ୍ଟି’ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ ମୁଖ୍ୟ ଅତିଥି, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ଅନ୍ୟତମ ବରିଷ୍ଠ ଅତିଥି, ଇଞ୍ଜିନିଅର ତଥା ସାହିତ୍ୟିକ ଯାମିନୀ କାନ୍ତ ଦାସ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ପ୍ରସାଦ ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବାଦପତ୍ର ଓ ସାମ୍ବାଦିକତା ଆଜିର ସମୟରେ କିଭଳି ସଂଘର୍ଷପୂର୍ଣ୍ଣ ସମୟ ଦେଇ ଗତି କରୁଛି ତାହା ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକମାନେ ନିରପେକ୍ଷ ଭାବେ ତଥ୍ୟ ସମ୍ବଳିତ ଖବର ପ୍ରକାଶ କରିବାକୁ ଭୁବନେଶ୍ୱର ମେୟର ଶ୍ରୀମତୀ ଦାସ ଆହ୍ୱାନ ଦେଇଥିବା ବେଳେ ଇଞ୍ଜିନିୟର ଯାମିନୀ କାନ୍ତ ଦାଶ ଗଣମାଧ୍ୟମ ପକ୍ଷଭୁକ୍ତ ନା ହୋଇ ସଠିକ ସମ୍ବାଦ ପରିବେଷଣ କଲେ ହିଁ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନୀତ ଅତିଥି ଶ୍ରୀ ଢାଲି ମଧ୍ୟ ସମ୍ବାଦପତ୍ର ନିରପେକ୍ଷ ହେବା ସପକ୍ଷରେ ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରସାଦ ରାଓ କହିଲେ ଯେ ସମ୍ବାଦପତ୍ର ମାଲିକ ନିରପେକ୍ଷ ରହିଲେ ହିଁ ସାମ୍ବାଦିକମାନେ ପକ୍ଷଭୁକ୍ତ ନେହୋଇ ସମ୍ବାଦ ପରିବେଷଣ କରିପାରିବେ। ସାମ୍ପ୍ରତିକ କ୍ଷେତ୍ରରେ ଦେଶର କୌଣସି ଗଣମାଧ୍ୟମ ଆଉ ନିରପେକ୍ଷ ହୋଇ ରହିନାହିଁ। ମାଲିକମାନେ ଯେତେବେଳେ ପକ୍ଷଭୁକ୍ତ ସାମ୍ବାଦିକମାନଙ୍କୁ କେମିତି ଦୋଷ ଦେବା ବୋଲି ସେ ପ୍ରଶ୍ନ କରିଥିଲେ। ବରିଷ୍ଠ ସାମ୍ବାଦିକ ସୁଜ୍ଞାନ କୁମାର ଚୌଧୁରୀ ଏହି ସ୍ୱନକ୍ଷତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ‘ତୀକ୍ଷ୍ଣ ଦୃଷ୍ଟି’ର ସମ୍ପାଦକ ସନ୍ତୋଷ କୁମାର ସେନାପତି ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରଥିଲେ। କାଳୀ ସିଂହ ଆବାହକ ଭାବେ ସଭା ସଂଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ। ସୁନାମଧନ୍ୟ ଉପସ୍ଥାପିକା ଅନୁସୂୟା ସାହୁ ସୁନ୍ଦର ଭାବେ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ହୋଇଥିବା ବିଶେଷ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଥିଲେ ତାଳଚେର ‘ଆଇ ଲର୍ନ’ ପରିଚାଳକ ଶିକ୍ଷାବିତ୍ ଚିତ୍ତରଞ୍ଜନ ପାଣି, ପାୱାର ଲିଫ୍ଟର ଗୀତାଞ୍ଜଳି ନାୟକ, ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ମହାପାତ୍ର, କ୍ୟାନ୍ସର ବାୟୋଲୋଜିର ଡକ୍ଟର ପଲ୍ଲବୀ ପଟ୍ଟନାୟକ (ସେବା ପୁରସ୍କାର), ‘ମୁକ୍ତ କଲମ’ର ସମ୍ପାଦକ ଜ୍ଞାନ ରଞ୍ଜନ ଦାସ, ଅବଦୁଲ କଲାମ ଚ୍ୟାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ।

# ସୁଶିଳାପ୍ରଭା ସ୍ମୃତି ସମ୍ମାନ ଉତ୍ସବ



**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ୨୦୨୫ ଏବଂ ୨୦୨୬ ମସିହା ନିମନ୍ତେ ଶିଶୁସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବଙ୍କିମ ଚନ୍ଦ୍ର ନାୟକ ଏବଂ ତନୟା ଦାସଗୋସ୍ୱାମୀଙ୍କୁ ସୁଶୀଳାପ୍ରଭା ସ୍ମୃତିସମ୍ମାନ ପ୍ରଦାନ କରାଯାଇଛି। ବାଲକାଟୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଶିଶୁସାହିତ୍ୟିକ ବିଧୁଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରଫେସର ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ରେଖା ଦାସ, ବୋଉ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅତିସ ମହାନ୍ତି, ସ୍ମୃତି କମିଟିର ଅଧ୍ୟକ୍ଷ ଡ. ରଜନୀ ରଞ୍ଜନ ଦାଶ ଓ ଆବାହକ ଡ. ମାଧବ ବେହୁରା ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଅରୁଣ ଚନ୍ଦ୍ର ମହାନ୍ତି, କମଳିନୀ ମଲ୍ଲିକ, କବି ବିପିନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାରଣା, ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ରଞ୍ଜନ ମହାପାତ୍ର ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ ଓଝା, ଅଭିମନ୍ୟୁ ନାୟକ,ସମ୍ବାଦ ସହସମ୍ପାଦକ ସୁରେଶ ସ୍ୱାଇଁ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ କଣ୍ଠଶିଳ୍ପୀ ଉଦିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିଛି ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ଦେଇଥିଲେ ଶଙ୍କର ସାହୁ। କମିଟିର ଉପସଭାପତି ଯାମିନୀ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଦାନ ଓ ପେନ୍‌ସନ୍ ଦାବିରେ ଗର୍ଜିବେ ଶିକ୍ଷକ

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ୫ ହଜାରରୁ ଉର୍ଦ୍ଧ୍ୱ ଖାଲି ପଦବୀ ପୂରଣ ଏବଂ ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି ଆଦି ବିଭିନ୍ନ ଦାବି ନେଇ ଆସନ୍ତାକାଲି ୨୯ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଏକ ବିଶାଳ ଶିକ୍ଷକ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ଅଶୋକ କୁମାର ତ୍ରିପାଠୀ କମିଟିର ୬ ମାସ ଅବଧି ଗତ ଜୁନ୍ ୬ ତାରିଖରୁ ଶେଷ ହୋଇ ରିପୋର୍ଟ ପ୍ରଦାନ କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନଥିବାରୁ ଏହି ପ୍ରତିବାଦ କରାଯାଉଛି। ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା, ଅଜୟ କୁମାର ପତି ଏବଂ ଗରୁଡ଼ ଚନ୍ଦ୍ର ସାହୁ ପ୍ରମୁଖ ସରକାରଙ୍କୁ ଏହି ଚେତାବନୀ ଦେଇଛନ୍ତି।

# ୧୨୦ ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

**ଭୁବନେଶ୍ୱର,,୨୮।୬/ଏନ୍ଏନ୍ଏସ୍:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ପ୍ରାୟ ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମିତା ରାଉତ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଯୁଗ୍ମ ନିର୍ଦ୍ଦେଶକ ସ୍ୱିପ୍ନା ମିଶ୍ର, ଉପନିର୍ଦ୍ଦେଶକ ସି.ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଏଭି ନିର୍ଦ୍ଦେଶକ ରାଉତ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷକର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ନିମନ୍ତେ ଉପଦେଶ ଦେଇଛନ୍ତି।

# ପୁସ୍ତକ ପାଠକାର୍ପିତ ଓ ପାଠୋତ୍ସବ

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** କ୍ଷୁଦ୍ରଗଳ୍ପରେ ଲେଖକର ଏକ ନୂତନ ଦୃଷ୍ଟି ଥାଏ। ଗଳ୍ପରେ ପାଠକ ପାଇଁ କିଛି ଅନାବଶ୍ୟକ ନ ଥାଏ। ଲେଖକ ତା’ ସୃଷ୍ଟିରେ ଏକାଧିକ ଜୀବନ ବଞ୍ଚେ। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ମତ ଦେଇଛନ୍ତି। ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ସଭା ଗୃହରେ ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼. ଦାଶରଥି ଭୂୟାଁଙ୍କ ୮ମ ଗଳ୍ପ ବହି ‘ନିଜ ଭାଗର ଆକାଶ’ର ପାଠକାର୍ପଣ ସମାବେଶରେ ଯୋଗ ଦେଇ ପ୍ର. ଅଭିରାମ ବିଶ୍ୱାଳ ପୁସ୍ତକର ସାମଗ୍ରିକ ଆଲୋଚନାପୂର୍ବକ ପଠନୀୟତା ଗଳ୍ପର ଆତ୍ମା ବୋଲି ଅଭିହିତ କରିଥିଲେ। ପ୍ରସିଦ୍ଧ କବି ଓ ଅନୁବାଦକ ଡ଼. ସଂଗ୍ରାମ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଲେଖକର ଦାୟିତ୍ୱ ଓ ସୃଜନର ଭୂମିକା ଉପରେ ଦିଗଦର୍ଶନ ଦେଇଥିଲେ। ଭୁବନେଶ୍ୱର ସାହିତ୍ୟ ପର୍ବ ନିର୍ଦ୍ଦେଶକ ଡ଼. ଅଶୋକ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଅନୁଷ୍ଠାନର ଉପସଭାପତି ମିନତି ଦାଶ, ଜୟଶ୍ରୀ ପଟ୍ଟନାୟକ ଓ ମଧୁମିତା ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଧ୍ରୁବ ସେଠୀ ଅକ୍ଷୟ ସାହୁ, ପ୍ରିୟ ସାହୁ ମନୋରଞ୍ଜନ ପାଣିଗ୍ରାହୀ, ଶ୍ରୀମନ୍ତ ସାହୁ, ଉଷା ଆଚାର୍ଯ୍ୟ, ନମିତା ପାଇକରାୟ, ଭିକାରୀ ଧଳ, ରଶ୍ମି ଦାସ, ସୁନନ୍ଦା ମିଶ୍ର, ଅମ୍ବିକା ସ୍ୱାଇଁ, ରମେଶ ପାତ୍ର,କୁମୁଦିନୀ ଜୀ, ବିଜନ ପଟଯୋଶୀ. ପ୍ରଶାନ୍ତ ବିଶ୍ୱାଳ, ଜଗନ୍ନାଥ ନାୟକ, ଡ଼. ରଜନୀ ରଣସିଂହ, ମିହିର କାନ୍ତି ଦାସ, ପବିତ୍ର ବାରିକ, ସବିତା ଶତପଥୀ, ନିରୁପମା ରଥ, ବିରଞ୍ଚି ଶତପଥୀ, ପିତାମ୍ବର ଭୋଇ, ହରିହର ବଳବନ୍ତରାୟ,, ଜନ୍ମେଜୟ ପ୍ରଜାପତି, ପ୍ରଦୀପ୍ତ ବାରିକ, ନନ୍ଦ କିଶୋର ବିଶ୍ୱାଳ, ମଳୟ ବେହେରା ଓ ଶୈଳେନ୍ଦ୍ର ଜେନା ପ୍ରମୁଖ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ ଲେଖା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକ ଧନ୍ୟବାଦ୍ ଦେଇଥିଲେ।

# ମହାନଗର ନିଗମରେ ନାହାନ୍ତି ନିର୍ବାଚିତ ଲୋକ ପ୍ରତିନିଧି

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ରାଜ୍ୟରେ ଥିବା ୬ଟି ମହାନଗର ନିଗମ ମଧ୍ୟରୁ ତିନୋଟିରେ ଦୀର୍ଘବର୍ଷ ଧରି ନିର୍ବାଚିତ ଜନପ୍ରତିନିଧି ନାହାନ୍ତି। ଫଳରେ ବିନା କର୍ପୋରେଟର ଓ ବିନା ମେୟରରେ ଚାଲୁଥିବା ଏହି ତିନୋଟି ମହାନଗର ନିଗମ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି । କେବେ ଏଗୁଡ଼ିକ ଲାଗି ନିର୍ବାଚନ ହେବ ସେଥିଘେନି କିଛି ସ୍ପଷ୍ଟ ସୂଚନା ମିଳୁନାହିଁ । ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମରେ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ ଭଳି ନିର୍ବାଚିତ ଲୋକ ପ୍ରତିନିଧିମାନେ ରହିଛନ୍ତି। ଅନ୍ୟପକ୍ଷରେ ରାଉରକେଲା, ସମ୍ବଲପୁର ଓ ପୁରୀ ମହାନଗର ନିଗମ କିନ୍ତୁ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଗତଥର ରାଜ୍ୟରେ ସବୁ ପୌର ସଂସ୍ଥାଙ୍କ ପାଇଁ ନିର୍ବାଚତ ହୋଇଥିବାବେଳେ ମାମିଲମକଦ୍ଦମା ଯୋଗୁ ପୁରୀ ପୌର ସଂସ୍ଥା ଏବଂ ରାଉରକେଲା ଓ ସମ୍ବଲପୁର ମହାନଗର ନିଗମ ପାଇଁ ନିର୍ବାଚନ ହୋଇନଥିଲା। ଇତିମଧ୍ୟରେ ପୁରୀ ପୌର ସଂସ୍ଥାକୁ ବି ରାଜ୍ୟ ସରକାର ମହାନଗର ନିଗମକୁ ଉନ୍ନିତ କରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ୱାର୍ଡଗୁଡ଼ିକର ସଂରକ୍ଷଣ ପ୍ରସଂଗରେ ପୁରୀ ପୌର ସଂସ୍ଥାର ନିର୍ବାଚନ ହୋଇପାରିନଥିଲା। ସେହିଭଳି ରାଉରକେଲା ଓ ସମ୍ବଲପୁର ମହାନଗର ନିଗମ ଘୋଷିତ ହେବା ପରେପରେ ଏହାକୁ ବିରୋଧ କରି କେତେକ ଲୋକ ମାମଲା ରୁଜୁ କରିଥିଲେ। ଏମିତିକି କେତେକ ଅଞ୍ଚଳ ଏହି ମହାନଗର ନିଗମରେ ସାମିଲ ହେବାକୁ ଚାହାନ୍ତି ନାହିଁ ବୋଲି ମଧ୍ୟ ଅଭିଯୋଗ ଉଠିଥିଲା । ଇତିମଧ୍ୟରେ ଏ ସଂକ୍ରାନ୍ତୀୟ ଆଇନ୍‌ଗତ ବିବାଦର ଏକ ପ୍ରକାର ପରିସମାପ୍ତି ଘଟିଛି। ଏହାଛଡ଼ା ଭୁବନେଶ୍ୱର ଓ କଟକ ମହାନଗର ନିଗମରେ କମିଶନରେଟ୍ ପୁଲିସ ସ୍ଥାପନ କରାଯାଇଥିବାବେଳେ ଅନ୍ୟ ମହାନଗର ନିଗମ ଅଞ୍ଚଳରେ ମଧ୍ୟ ପୁଲିସ କମିଶନରେଟ୍ ବ୍ୟବସ୍ଥା ପ୍ରଚଳନ ପାଇଁ ଦାବି ଉଠୁଛି। ବିଶେଷକରି ଏହିସବୁ ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବା ଅଭିଯୋଗ ଆଣି ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରୁ ପୁଲିସ କମିଶନରେଟ୍ ପ୍ରତିଷ୍ଠା ପାଇଁ ଦାବି ଉଠୁଛି। ଇତିମଧ୍ୟରେ ରାଜ୍ୟର ଆଉ କେତେକ ପ୍ରମୁଖ ପୌରପାଳିକାକୁ ମହାନଗର ନିଗମ ଘୋଷଣା କରିବା ସହିତ ଆଖପାଖର ପଞ୍ଚାୟତଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ଦାବି ଜୋର ଧରୁଛି। ତେବେ ରାଜ୍ୟ ସରକାର ଇତିମଧ୍ୟରେ କେତେକ ନୂଆ ଏନ୍ଏସି ଗଠନ କରିଥିବାବେଳେ ପର୍ଯ୍ୟାୟକ୍ରମେ ନୂଆ ମହାନଗର ନିଗମ ଓ ନୂଆ ପୌରପାଳିକା ଗଢ଼ାଯିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ନିର୍ବାଚିତ କର୍ପୋରେଟରମାନେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଥିବା ନିଜ ନିଜ ୱାର୍ଡର ପରିମଳ ବ୍ୟବସ୍ଥାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଉନ୍ନୟନମୂଳକ କାମ ତଦାରଖ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ସାଧାରଣ ଲୋକେ ବି ସେମାନଙ୍କ ସମସ୍ୟା ସିଧାସଳଖ ଭାବେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ଦୃଷ୍ଟିକୁ ଆଣୁଥିବାବେଳେ ରାଉରକେଲା, ସମ୍ବଲପୁର ଓ ପୁରୀରେ ନିର୍ବାଚିତ ମହାନଗର ନିଗମ ନଥିବାରୁ ସ୍ଥାନୀୟ ଅଞ୍ଚଳର ସମସ୍ୟା ଲୋକେ ଉଠାଇବାରେ ସମସ୍ୟା ଅନୁଭବ କରୁଛନ୍ତି । ଅବଶ୍ୟ ଅଧିକାରୀମାନେ ୱାର୍ଡ ଅଫିସ୍‌ଗୁଡ଼ିକ ଦାୟିତ୍ୱରେ ରହୁଥିଲେ ବି ଅଧିକାଂଶ କ୍ଷେତ୍ରରେ ସେମାନେ ସ୍ଥାନୀୟ ସମସ୍ୟା ବୁଝି ତାହାର ସମାଧାନ କରିବାରେ ସେତେଟା ସଫଳ ହେଉନାହାନ୍ତି ବୋଲି ବାରମ୍ବାର ଅଭିଯୋଗ ଉଠୁଛି। ତେଣୁ ଏଗୁଡ଼ିକରେ ତୁରନ୍ତ ନିର୍ବାଚନ କରିବା ଲାଗି ଦାବି ହେଉଥିଲେ ମଧ୍ୟ କେବେ ଏହା କରାଯିବ ସେଥିଘେନି ବିଜ୍ଞପ୍ତି ପ୍ରକାଶ ଉପରେ ସମସ୍ତଙ୍କ ନଜର।

# ଦେବସ୍ନାନ ପୂର୍ଣ୍ଣିମାରେ ଧଉଳି ପାଦଦେଶରେ ହେବ ବୋଧିଦ୍ରୁମ ଆରତୀ

**ଭୁବନେଶ୍ୱର,୨୮।୬/ଏନ୍ଏନ୍ଏସ୍:** ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆସନ୍ତକାଲି ପୂର୍ବାହ୍ନ ୧୦ଟାରେ ଧଉଳିଗିରି ପାଦଦେଶରେ ଥିବା ବୋଧିଦ୍ରୁମ ମୂଳରେ ଓଡ଼ିଶା ଓ ଆଇସି ତରଫରୁ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଲ୍ଲେଖ ଯୋଗ୍ୟ ୨୦୧୬ ମସିହାରେ ଓ ଆଇ ସି ର ପ୍ରତିଷ୍ଠାତା ସ୍ୱର୍ଗତଃ ପରେଶ ନାୟକ ସଦଳବଳେ ସୁଦୂର ଶ୍ରୀଲଙ୍କାର ଅନୁରାଧାପୁରରୁ ସଂଗ୍ରହ କରି ଆଣି ଥିବା ବୋଧିଦ୍ରୁମ ଚାରା ଐତିହାସିକ ଧଉଳି ଶାନ୍ତି ସ୍ତୁପର ପାଦଦେଶରେ ପବିତ୍ର ପୂର୍ଣ୍ଣିମା ଦିନ ରୋପଣ କରି ପାରମ୍ପରିକ ରୀତିରେ ଆରତୀର ଶୁଭାରମ୍ଭ କରିଥିଲେ। କାରଣ କଥିତ ଅଛି ପୂର୍ଣ୍ଣିମା ଦିନ ଅଶ୍ୱତଥ ବୃକ୍ଷରେ ‘ମା ଲକ୍ଷ୍ମୀ’ ଅବସ୍ଥାନ କରିଥାନ୍ତି, ତେଣୁ ସେଦିନ ସେହି ବୃକ୍ଷକୁ ପୂଜାର୍ଚ୍ଚନା କଲେ ମା ଲକ୍ଷ୍ମୀଙ୍କର କୃପା ଲାଭ ହୁଏ। ଇତିମଧ୍ୟରେ ସେଠାରେ ତିନୋଟି ପ୍ରସ୍ତରର ବୁଦ୍ଧ ମୂର୍ତ୍ତି ସ୍ଥାପନା କରାଯାଇ ପୂର୍ଣିମାଦିନ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି ଏତଦ ଭିନ୍ନ ଓଆଇସି ତରଫରୁ ସେହିସ୍ଥାନରେ କିଛି ବୃକ୍ଷ ରୋପଣ କରାଯାଇ ରକ୍ଷାଣା ବେକ୍ଷଣ ମଧ୍ୟ କରାଯାଉଛି। ଏଣୁ ଓଆଇସିର ସମସ୍ତ ବନ୍ଧୁ, ଶୁଭେଚ୍ଛୁ, ଉପଦେଷ୍ଟା ଏବଂ ସଭ୍ୟ ମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



**ମୁକ୍ତସଙ୍ଗୋନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ।**
**ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ। (୧୮/୨୬)**

ଯେଉଁ ଲୋକର କର୍ମରେ ଆସକ୍ତି ନଥାଏ, ଯିଏ ମୁଁ, ମୋର କହନ୍ତି ନାହିଁ, ଯିଏ ଉତ୍ସାହ ଓ ଧୈର୍ଯ୍ୟ ସହିତ କର୍ମ କରନ୍ତି ଏବଂ ଯିଏ କର୍ମର ସିଦ୍ଧି ଓ ଅସିଦ୍ଧିରେ ସୁଖୀ ଓ ଦୁଃଖୀ ହୁଅନ୍ତି ନାହିଁ, ଏଭଳି କର୍ତ୍ତାଙ୍କୁ ସାତ୍ତ୍ୱିକ କର୍ତ୍ତା କୁହାଯାଏ। ସାତ୍ତ୍ୱିକ କର୍ତ୍ତା ହିଁ କର୍ମଯୋଗୀ। ଏମାନଙ୍କର ମୁଁ ଓ ମୋର ଭାବ ନଥାଏ। ଶ୍ରୀ ରାମକୃଷ୍ଣ କହନ୍ତି - ନରମ ମାଟିରେ ପଥର ଓ ଗୋଡି ନଥାଏ ଯାହା ମଞ୍ଜିକୁ ଅଙ୍କୁରୋଦ୍‌ଗମ ହେବା ପାଇଁ ସାହାଯ୍ୟ କରେ। ସେହିଭଳି ଯେଉଁ ଭକ୍ତର ମନ ଛଳନା ଓ ବିକୃତିମୁକ୍ତ ସେହିଭଳି ମନରେ ଈଶ୍ୱର ନିଜକୁ ପ୍ରକଟିତ କରନ୍ତି।

# ରାଣୀ ସିସୀ-ଏକ ମନଗଢ଼ା କାହାଣୀ



ଘନ ଓ ଚମକଦାର କେଶର ଗଠନରୁ ଆରମ୍ଭ କରି ଏହାକୁ ଡିଜାଇନ୍ ଦେବା ପର୍ଯ୍ୟନ୍ତ ପ୍ରତି ଷ୍ଟାଇଲ୍‌ରେ ଲୁଚି ରହିଥାଏ ଏହାର ରହସ୍ୟ। ଝିଅମାନେ ବଡ଼ ହୋଇଗଲେ ନିଜ କେଶକୁ ଡିଜାଇନ୍ ଦେବା ପାଇଁ ଦିନରେ ଅନେକ ଥର ପାନିଆଁର ବ୍ୟବହାର କରିଥାନ୍ତି। ତେବେ କେଶକୁ ଡିଜାଇନ୍ ଦେବାବେଳେ ଅଷ୍ଟ୍ରିଆର ମହାରାଣୀ ସିସୀଙ୍କ ସମ୍ପର୍କରେ କେହି କେହି ଚିନ୍ତା କରିଥାନ୍ତି। ମହାରାଣୀଙ୍କର ଥିଲା ସିଧା ଓ ବ୍ରାଉନ୍ ରଙ୍ଗର ଲମ୍ବା କେଶ। କୁହାଯାଏ ଯେ ସେ ପ୍ରତି ରାତିରେ ଶହେ ଥର ପାନିଆଁ ସହାଯ୍ୟରେ କେଶକୁ ଡିଜାଇନ୍ ଦେଇଥାନ୍ତି। କିନ୍ତୁ ରାଣୀ ସିସୀଙ୍କୁ ନେଇ ଏହା ହେଉଛି ଏକ ମନଗଢ଼ା କାହାଣୀ। ଯଦି ଜଣେ ଏତେ ଥର କେଶରେ ପାନିଆଁର ବ୍ୟବହାର କରିବ ତେବେ କେଶର କ୍ଷତି ହୋଇପାରେ, କେଶ ଅଧିକ ଝଡ଼ିପାରେ। ବୈଜ୍ଞାନିକଙ୍କ ଠାରୁ ଆରମ୍ଭ କରି ହେୟାର୍ ଡ୍ରେସର୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଏତେ ଥର ପାନିଆଁର ବ୍ୟବହାରକୁ ନେଇ କୌଣସି ସଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। କିନ୍ତୁ କେତେ ଥର ପାନିଆଁର ବ୍ୟବହାର କରିବା ଉଚିତ ଏହା ଦିନଚର୍ଯ୍ୟା ଉପରେ ନିର୍ଭର କରେ।



**ପୁରୁଣା ପରମ୍ପରା-** ପାନିଆଁ କିମ୍ବା ହେୟାରବ୍ରସ୍‌ର ବ୍ୟବହାରର ପରମ୍ପରା ବହୁତ ପୁରୁଣା। ଇତିହାସକାରଙ୍କ ଅନୁସାରେ ମଣିଷ ନିଜ ଆଖପାଖରେ ଥିବା ଜିନିଷକୁ ହତିଆର ଭାବରେ ବ୍ୟବହାର କରିଥାଏ। ପରିଷ୍କାର-ପରିଚ୍ଛନ୍ନତା ଓ ସାଜସଜାର ଜିନିଷ କରିଦିଏ। ତେଣୁ ପାନିଆଁର ବ୍ୟବହାର ଦୁନିଆ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇସାରିଛି। କିନ୍ତୁ ବାରମ୍ବାର ଏହାର ବ୍ୟବହାର କରିବା ଦ୍ୱାରା କେଶ ଝଡ଼ିବାର କାରଣ ହୋଇଥାଏ। ଶହେ ଥର ପାନିଆଁର ବ୍ୟବହାର କରିବାର ବିଚାର ବୋଧହୁଏ ମଧ୍ୟକାଳୀନ ବ୍ରିଟେନ୍‌ରୁ ଆସିଛି। ସେ ସମୟରେ ମହିଳାମାନଙ୍କର କେଶ ବହୁତ ଲମ୍ବା ଥିଲା। ସେତେବେଳେ କେଶକୁ ନାରୀ ହେବାର ମୁଖ୍ୟ ଅଂଶ ଭାବରେ ଗ୍ରହଣ କରାଯାଉଥିଲା। ଦିନର ଆରମ୍ଭରେ କେଶକୁ ପାନିଆଁରେ କୁଣ୍ଡେଇବା, ଅପରିଷ୍କାର ଜିନିଷକୁ ବାହାର କରିବା, ଉକୁଣି ଆଦି ବାହାର କରାଯାଉଥିଲା। ଏହାପରେ ଘୁଷୁରିମାନଙ୍କ କେଶରେ ତିଆରି ହେୟାରବ୍ରସ୍ ଦ୍ୱାରା କେଶକୁ ଚିକଣ ଓ କୋମଳ କରାଯାଉଥିଲା। ସେ ସମୟର ଧନୀ ମହିଳାମାନେ ବିଛେଇ ହୋଇ ରହିଥିବା କେଶରୁ ନିଜ କପଡ଼ାକୁ ରକ୍ଷା କରିବା ପାଇଁ ଖାସ୍ ଚୋଗା ପିନ୍ଧୁଥିଲେ। ଏହାପରେ ୧୮୯୮ରେ ଆମେରିକାର ଓହାୟୋ ରାଜ୍ୟର **ଆଫ୍ରିକାନ୍-**ଆମେରିକାନ୍ ହେୟାର୍‌ଡ୍ରେସର୍ ଲାଇଡା ନ୍ୟୁମ୍ୟାନ୍ ପ୍ରଥମ ଥର ସିନ୍ଥେଟିକ୍ ବ୍ରିସ୍‌ଲବାଲା ହେୟାର୍‌ବ୍ରସ୍ ତିଆରି କଲେ। ଏହାପରେ ହେୟାରବ୍ରସ୍ ଶସ୍ତା ଓ ସହଜରେ ତିଆରି ହେବାକୁ ଲାଗିଲା ଓ କେଶକୁ ଡିଜାଇନ୍ ଦେବା ମଧ୍ୟ ସହଜ ହୋଇଗଲା।

## ଚିତେଓ୍ୱାଲି ଗଳିର
# ଅନୋଖା ଇତିହାସ



ଭରତପୁର ସହରର ଏକ ପୁରୁଣା ଗଳି ଆଜି ବି ନିଜ ଭିତରେ ସାଇତି ରଖିଛି ରାଜପରିବାରର କାହାଣୀ ଯେଉଁ କାହାଣୀକୁ ଶୁଣି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ସରକାରୀ ରେକର୍ଡରେ ଏହି ଗଳିର ନାମ ରହିଛି ଚିତେଓ୍ୱାଲି ଗଳି ଭାବରେ। ଦେଶର ଏହି ସହରର ରହିଛି ରୋମାଞ୍ଚକର ଇତିହାସ। ଏହା ହେଉଛି ଏପରି ଇତିହାସ ଯେଉଁଠାରେ ଗାଡ଼ିର ନା ଥିଲା ଶବ୍ଦ କିନ୍ତୁ ଚିତା ଓ ବାଘମାନଙ୍କର ଗର୍ଜନ ଶୁଣିବାକୁ ମିଳୁଥିଲା। କିନ୍ତୁ ଆଜି ଅନ୍ୟ ଗଳିଗୁଡ଼ିକ ପରି ଏହା ଶୁନ୍‌ଶାନ୍। ଚିତେଓ୍ୱାଲି ଗଳିରେ ଶିକାର କରିବା ପାଇଁ ରହୁଥିଲେ ଚିତା ବାଘ। ଏହି ଗଳିରେ ରହୁଥିବା ଏକ ପରିବାର ରାଜପରିବାର ପାଇଁ ଚିତା ପାଳୁଥିଲା। ଏହି ଚିତାମାନଙ୍କର ଶିକାର ସମୟରେ ଖାସ୍ ଭୂମିକା ରହିଥାଏ। ତେବେ ସମୟ ବଦଳିଲା, ରାଜପରିବାରର ସମୟ ଶେଷ ହେଲା ଓ ଜଙ୍ଗଲୀ ପଶୁମାନଙ୍କୁ ପାଳିବାର ପରମ୍ପରା ଇତିହାସ ହୋଇ ରହିଗଲା। କିନ୍ତୁ ଏହି ଗଳିର ନାମ ରହିଗଲା 'ଚିତେଓ୍ୱାଲି ଗଳି'। ଏହି ପଶୁମାନଙ୍କୁ ପାଳୁଥିବା ପରିବାର କହନ୍ତି ଯେ କେବେ ଏମାନଙ୍କ ଘର ଥିଲା ଆକର୍ଷଣର କେନ୍ଦ୍ର। କେବେ ଚିତା ଓ ବାଘଙ୍କୁ ରଶିରେ ବାନ୍ଧି ରଖାଯାଉଥିଲା। ସେମାନଙ୍କୁ ରାବିଡ଼ି ଖାଇବାକୁ ଦିଆଯାଉଥିଲା। ପ୍ରଶିକ୍ଷଣ ଦିଆଯାଉଥିବାରୁ ସେମାନେ କାହାର କ୍ଷତି ମଧ୍ୟ କରୁନଥିଲେ। ଭରତପୁରର ମହାରାଜା କିଷନ ସିଂହ ଶିକାର କରିବାକୁ ଯିବାବେଳେ ଏହି ଚିତାମାନଙ୍କୁ ନେଇ ଯାଉଥିଲେ। ଶିକାର ସମୟରେ ବାଜ ପକ୍ଷୀର ସାହାଯ୍ୟ ମଧ୍ୟ ନିଆଯାଉଥିଲା। ବାଜ ପକ୍ଷୀ ଶିକାରକୁ ବିଚଳିତ କରୁଥିଲା ଓ ଚିତା ଦ୍ରୁତଗତିରେ ଦୌଡ଼ି ଶିକାର କରୁଥିଲା। ତେବେ ପ୍ରଥମେ ଜଙ୍ଗଲରୁ ଆଣିବା ପରେ ସେମାନେ ଖୁବ୍ ଉଗ୍ର ସ୍ୱଭାବର ରହୁଥିଲେ ଓ ଧୀରେ ଧୀରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା। ସମୟ ସହିତ ସେମାନଙ୍କର ମଣିଷମାନଙ୍କ ସହିତ ରହିବାର ଅଭ୍ୟାସ ହୋଇଯାଉଥିଲା। ତେବେ ଏହି ପରିବାର ଚିତାମାନଙ୍କୁ ପାଳିବା ସହିତ ଶିକାରର ଅଭିଯାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ।



# ଦେବସ୍ନାନ ପୂର୍ଣ୍ଣିମା

ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନ ଯାତ୍ରା, ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରରେ ପାଳନ କରାଯାଏ। ଏହି ଦିନ ଶ୍ରୀମନ୍ଦିରର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନିପୂର୍ବକ ୧୦୮ କଳସୀ ଜଳରେ ସ୍ନାନ କରାଯାଏ। ଏହା ପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଏ। ବର୍ଷରେ ମାତ୍ର ଥରେ ଏହି ଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଭାଇଭଉଣୀଙ୍କ ସହିତ ଜଳସ୍ନାନ କରନ୍ତି। ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ। ଦେବସ୍ନାନ ପୂର୍ଣ୍ଣିମା ଦିନଟିକୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜନ୍ମଦିନ ଭାବରେ ମଧ୍ୟ ପାଳନ କରାଯାଏ। ରଥଯାତ୍ରା ପୂର୍ବରୁ ପାଳିତ ହେଉଥିବା ଏହା ଏକ ପୂଜା ବିଧି। ଦାରୁବ୍ରହ୍ମଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଶ୍ରୀଦାରୁବ୍ରହ୍ମଙ୍କ ଏହା ଆଦ୍ୟଲୀଳା ବୋଲି କୁହାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା କରାଇଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ। ସେ ସମୟରେ ସ୍ନାନ ମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହୋଇଥିଲା। ସେଥିପାଇଁ କେତେକ ଶାସ୍ତ୍ରରେ ଏହାକୁ ମଞ୍ଚସ୍ନାନ ବୋଲି ଉଲ୍ଲେଖ କରାଯାଇଛି। ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ପ୍ରଥମ ସ୍ନାନଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା ବୋଲି ମଧ୍ୟ କୁହାଯାଏ। ସ୍ନାନ ପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୁଅନ୍ତି ଯାହାକୁ ଅଣସର ବୋଲି କୁହାଯାଏ। ଏହି ୧୫ ଦିନ ଭକ୍ତମାନେ ଜିଉମାନଙ୍କର ଦର୍ଶନ କରିପାରନ୍ତି ନାହିଁ। ଏହି ସମୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି।



# ରିଲିଜ ହେବ 'ସର୍ଦ୍ଦାର-୨'

ଦକ୍ଷିଣ ଭାରତୀୟ ଅଭିନେତା କାର୍ଥୀ ନିଜର ନୂଆ ଫିଲ୍ମ 'ସର୍ଦ୍ଦାର-୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ୨୦୨୨ରେ ରିଲିଜ ହୋଇଥିବା ଏହାର ପ୍ରଥମ ପାର୍ଟକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ। କାର୍ଥୀ ଏବେ ଦର୍ଶକମାନଙ୍କୁ ସରପ୍ରାଇଜ ଦେଇ ଦ୍ୱିତୀୟ ପାର୍ଟର ରିଲିଜ ତାରିଖ ବିଷୟରେ ଘୋଷଣା କରିଛନ୍ତି। ତେବେ ବଡ଼ ପରଦାରେ ତାଙ୍କ ଫିଲ୍ମର ଟକ୍କର ହେବ ରଶ୍ମିକା ମନ୍ଦାନା ଓ ବିଜୟ ଦେବେରକୋଣ୍ଡାଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ରାଣାବଳୀ' ସହିତ। 'ସର୍ଦ୍ଦାର-୨'ର ଏକ ଛୋଟ ଝଲକ ସହିତ କାର୍ଥୀ ୧୦ ସେପ୍ଟେମ୍ବରରେ ଫିଲ୍ମଟି ପୂରା ଦୁନିଆର ସିନେମା ଘରଗୁଡ଼ିକରେ ରିଲିଜ ହେବା ବିଷୟରେ କହିଛନ୍ତି। ତେବେ ଏକ ପୋଷ୍ଟ ସେୟାର କରିଛନ୍ତି କାର୍ଥୀ ଯେଉଁଥିରେ ତାଙ୍କର ଦମ୍‌ଦାର ଓ ଭୟଙ୍କର ଲୁକ୍ ଦେଖିବାକୁ ମିଳୁଛି। ତାଙ୍କ ହାତରେ ଅଛି ବନ୍ଧୁକ ଓ ପଛରେ କେତେ ଫୁଟ୍‌ର ନିଆଁ ଜଳୁଥିବାର ନଜର ଆସୁଛି। ତେଣୁ ଯେଉଁଭଳି ବିସ୍ଫୋରଣ କାର୍ଥୀଙ୍କ ପଛରେ ହେଉଛି ଫିଲ୍ମଟି ସିନେମା ଘରଗୁଡ଼ିକରେ ଖୁବ୍ ଧମାଲ୍ ମଚେଇବ ବୋଲି ଆଶା ରଖାଯାଇଛି। ଫିଲ୍ମରେ କାର୍ଥୀଙ୍କ ସହିତ ନଜର ଆସିବେ ରାଜିଶା ବିଜୟନ, ଏସ୍‌ଜେ ସୂର୍ଯ୍ୟା, ମାଳବିକା ମୋହନନ ଓ ଆଶିକା ରଙ୍ଗନାଥଙ୍କ ପରି କଳାକାରମାନେ। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ପିଏସ୍ ମିତ୍ରନ୍। ଏହାକୁ ପ୍ରିନ୍ସ ପିକ୍‌ଚର୍ସ ଓ ଆଇଭିଆଇ ଏଣ୍ଟରଟେନ୍‌ମେଣ୍ଟ ମିଶି ପ୍ରଡ୍ୟୁସ୍ କରିଛନ୍ତି। ଏହାର କାହାଣୀକୁ ଲେଖିଛନ୍ତି ରତ୍ନା କୁମାର, ଆଶାମୀରା ଅୟପ୍ପନ୍ ଓ ବିଘ୍ନେଶ ମୁନିୟାଣ୍ଡି। ତେବେ ସେପ୍ଟେମ୍ବରରେ ରଶ୍ମିକା ମନ୍ଦାନା ଓ ବିଜୟ ଦେବେରକୋଣ୍ଡାଙ୍କ ଫିଲ୍ମ 'ରାଣାବଳୀ'ର ରିଲିଜ ତାରିଖକୁ ନିର୍ମାତାମାନେ ଘୋଷଣା କରିଛନ୍ତି। ଫିଲ୍ମଟି ରିଲିଜ ହେବ ୧୧ ତାରିଖରେ। ବିବାହ କରିବା ପରେ ରଶ୍ମିକା ଓ ବିଜୟ ପ୍ରଥମ ଥର ପାଇଁ ସ୍କ୍ରିନ୍ ସେୟାର୍ କରିବେ।



# ମୃତ ବ୍ୟକ୍ତି କାହାଣୀ ଶୁଣାଇପାରେ



କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ, ଡିଜିଟାଲ୍ ଦୁନିଆର ଏକ ଯୁଗର ଆରମ୍ଭ କରୁଛି। ଏହା ପ୍ରିୟଜନମାନଙ୍କ ସ୍ୱର, ସ୍ମୃତି ଓ କାହାଣୀଗୁଡ଼ିକୁ ସଂରକ୍ଷିତ କରିବାରେ ସାହାଯ୍ୟ କରୁଛି ଓ ପିଢ଼ିଗୁଡ଼ିକ ମଧ୍ୟରେ ଏକ ଭାବନାତ୍ମକ ସେତୁର ନିର୍ମାଣ ମଧ୍ୟ କରୁଛି। ଇତିହାସରେ ଲୋକମାନେ ନିଜର ପ୍ରିୟଜନମାନଙ୍କର ସ୍ମୃତି ଓ ବିରାସତକୁ ସଂରକ୍ଷିତ କରିବା ପାଇଁ ବିଭିନ୍ନ ଉପାୟକୁ ଆପଣାଉଥିଲେ ଯେଉଁଥିରେ ରହିଛି-ଚିତ୍ର, ଡାଇରୀ, ଫଟୋ ଆଲବମ୍‌ରୁ ଆରମ୍ଭ କରି ପାରିବାରିକ ଭିଡିଓ ପର୍ଯ୍ୟନ୍ତ। କିନ୍ତୁ ଏଆଇର ଦ୍ରୁତ ବିକାଶ ଏହି ଆଧାତ୍ମିକ ମୂଲ୍ୟଗୁଡ଼ିକୁ ସଂରକ୍ଷିତ କରିବାର ଯାତ୍ରାରେ ଏକ ନୂଆ ମୋଡ଼ ଆଣିଛି କହିଲେ ଭୁଲ୍ ହେବ ନାହିଁ। ଆଧୁନିକ ଏଆଇ ଟେକ୍‌ନିକ୍‌ଗୁଡ଼ିକ ଏବେ କେବଳ ଛବି ବା ଭିଡିଓଗୁଡ଼ିକୁ ସଂଗ୍ରହୀତ କରିବା ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ, କୌଣସି ବ୍ୟକ୍ତି ସହିତ ଜଡ଼ିତ ସ୍ୱର, ସଂଚାର ଶୈଳୀ, ସ୍ମୃତି ଓ କାହାଣୀଗୁଡ଼ିକୁ ପୁଣି ଥରେ ତିଆରି କରିବାରେ ସକ୍ଷମ ହୋଇଛି ଯେଉଁଥିରୁ ଡିଜିଟାଲ୍ ବିରାସତର ନିର୍ମାଣ ହୋଇଛି। ଏଥିରେ ଆଧାତ୍ମିକ ମୂଲ୍ୟଗୁଡ଼ିକୁ ଜୀବନ୍ତ ଭାବରେ ସଂରକ୍ଷିତ କରାଯାଇପାରେ ଓ ବ୍ୟକ୍ତିର ମୃତ୍ୟୁ ପରେ ଭାବୀ ପିଢ଼ିକୁ ଏହା ପ୍ରଦାନ କରାଯାଇପାରେ। ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ସ, ସ୍ୱିଚ୍ କ୍ଲୋନିଂ ଟେକ୍‌ନିକ୍ ଓ ଏଆଇ ଭିଡିଓର ବିସ୍ଫୋରଣ ସେହି ବିଚାରଗୁଡ଼ିକର ବାସ୍ତବିକତାକୁ ପରିବର୍ତ୍ତିତ କରିବାରେ ସାହାଯ୍ୟ କରେ ଯାହା କେବଳ ବିଜ୍ଞାନର କାହାଣୀଗୁଡ଼ିକରେ ଦେଖିବାକୁ ମିଳିଯାଉଥିଲା। କାରଣ ଦୁନିଆରେ ଅଧିକରୁ ଅଧିକ ବ୍ୟବସାୟ ବ୍ୟକ୍ତି ଓ ପରିବାରଗୁଡ଼ିକ ପାଇଁ ଇଣ୍ଟେରାକ୍ଟିଭ୍ ଡିଜିଟାଲ୍ ମେମୋରୀ ପ୍ରିଜର୍‌ଭେସନ୍ ସମାଧାନ ପ୍ରଦାନ କରୁଛି। ଏବେ ପରିବାରର ଲୋକମାନେ କେବଳ ପୁରୁଣା ସଦସ୍ୟଙ୍କ ଫଟୋ ପରିବର୍ତ୍ତେ ସେମାନଙ୍କର ସ୍ୱର ଶୁଣିପାରିବେ। ଭାବୀ ବଂଶଜଙ୍କ ପାଇଁ ପ୍ରସ୍ତୁତ ସନ୍ଦେଶଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ପାରିବେ।



# ନୀଳ ଫୁଲର ଖାସ୍ ଚା'

ଏ ସମୟରେ ଅଧିକାଂଶ ଲୋକ ଅଧିକ ପରିମାଣରେ ବ୍ଲାକ୍ ଟି ଓ ଗ୍ରୀନ୍ ଟିର ସେବନ କରୁଛନ୍ତି। ଏହି ଦୁଇ ପ୍ରକାରର ଚା' ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଖୁବ୍ ଲାଭକାରୀ ବୋଲି ଲୋକମାନେ ମାନନ୍ତି। ଆଜି ସେହିଭଳି ଏକ ଅଲଗା ପ୍ରକାରର ଚା' ବିଷୟରେ ଜାଣିବା ଯାହାକୁ ଥରେ ସେବନ କଲେ ଅନ୍ୟ ଚା'ଗୁଡ଼ିକର ସ୍ୱାଦ ଫିକା ପଡ଼ିଯିବ। ଏହା ହେଉଛି ବ୍ଲୁ ଡ୍ରିଙ୍କ୍। ତେବେ ଏହି ବ୍ଲୁ ଡ୍ରିଙ୍କ୍ କୌଣସି ଦାମୀ ବା ବିଶେଷ ଭାବରେ ପ୍ରସ୍ତୁତ ହେଉଥିବା ଚା' ପତ୍ତି ନୁହେଁ। ଅପରାଜିତା ଫୁଲକୁ ଶୁଖାଇ ଏହି ଚା' ତିଆରି କରାଯାଏ। ଆୟୁର୍ବେଦରେ ଅପରାଜିତା ଫୁଲଗୁଡ଼ିକର ଉପଯୋଗ ଔଷଧ ଭାବରେ ଅଲଗା ଅଲଗା ଉପାୟରେ କରାଯାଏ କିନ୍ତୁ ପ୍ରାକୃତିକ ଚାଷ କରୁଥିବା ଜଣେ ବିଶେଷଜ୍ଞ କହିଛନ୍ତି ଯେ ଅପରାଜିତା ଫୁଲଗୁଡ଼ିକୁ ଔଷଧ ଭାବରେ ମଧ୍ୟ ବ୍ୟବହାର କରିହେବ ଓ ଅନେକଗୁଡ଼ିଏ ରୋଗରେ ଏହା ଲାଭକାରୀ ପ୍ରମାଣିତ ହୋଇପାରେ। ଅନେକ ସ୍ଥାନରେ ଅପରାଜିତା ଫୁଲକୁ ଶୁଖାଇ ହର୍ବାଲ୍ ଡ୍ରିଙ୍କ୍ ଭାବରେ ଉପଯୋଗ କରାଯାଉଛି। ତେବେ ଅପରାଜିତା ଫୁଲ ଭାରତୀୟ ସନାତନ ମାନ୍ୟତାଗୁଡ଼ିକ ସହିତ ଜଡ଼ିତ ହୋଇ ରହିଛି। ଏହାର ଗାଢ଼ ନୀଳ ରଙ୍ଗ କାରଣରୁ ଭଗବାନ ଶିବଙ୍କୁ ଏହି ଫୁଲ ଅର୍ପଣ କରାଯାଉଥିବାରୁ ଏହାକୁ ନୀଳକଣ୍ଠ ବୋଲି ଲୋକମାନେ କହନ୍ତି। ଏହି ଫୁଲଗୁଡ଼ିକୁ ଶୁଖାଇ ପ୍ରସ୍ତୁତ ହେଉଥିବା ହର୍ବାଲ୍ ଟି ଅନ୍ତର୍ଜାତୀୟ ବଜାରରେ ଉଚ୍ଚ ଦାମ୍‌ରେ ବିକ୍ରି ହୁଏ। ଏହାକୁ ଘରେ ବି ଖୁବ୍ ସହଜରେ ପ୍ରସ୍ତୁତ କରିପାରିବେ। ଏହାକୁ ତିଆରି କରିବା ପାଇଁ ପ୍ରଥମେ ପାଣିକୁ ଫୁଟେଇ ଦିଅନ୍ତୁ। ଗ୍ୟାସ୍ ବନ୍ଦ କରିବା ପରେ ଅପରାଜିତାର ଦୁଇଟି ଶୁଖିଲା ଫୁଲକୁ ଗରମ ପାଣିରେ ପକାଇ ଦେଖିବେ କିଛି ସେକେଣ୍ଡ ପରେ ପାଣିର ରଙ୍ଗ ପରିବର୍ତ୍ତନ ହୋଇ ନୀଳ ହୋଇଯିବ। ଏବେ ଏହାର ସ୍ୱାଦ ବୃଦ୍ଧି ପାଇଁ ଲେମ୍ବୁ କିମ୍ବା ମହୁ ମିଶାଇ ପିଇପାରିବେ। ଏହି ଖାସ୍ ବ୍ଲୁ ଡ୍ରିଙ୍କ୍‌କୁ ସର୍ଦ୍ଦି ବା ଗରମ ଦିନେ ଚା' ବା ଥଣ୍ଡା ମୋହିଟୋ ଭାବରେ ବ୍ୟବହାର କରିପାରିବେ। ନିୟମିତ ଭାବରେ ଯଦି ଏହି ଡ୍ରିଙ୍କ୍‌ର ସେବନ କରିବେ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇବ। ଶରୀରକୁ ଏହା ଡିଟକ୍ସ ମଧ୍ୟ କରେ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ଗୁଣ ପ୍ରଚୁର ପରିମାଣରେ ଥିବାରୁ ସ୍କିନ୍‌ର ସ୍ୱାସ୍ଥ୍ୟ ପାଇଁ ଏହା ବେଶ୍ ଲାଭକାରୀ ହୋଇଥାଏ।

## ଆଜିର ଇତିହାସ

- ୧୮୭୩-ବଙ୍ଗାଳୀ ଭାଷାର ପ୍ରସିଦ୍ଧ କବି ମାଇକେଲ୍ ମଧୁସୂଦନ ଦତ୍ତଙ୍କ ନିଧନ।
- ୧୮୯୩-ପ୍ରସିଦ୍ଧ ବୈଜ୍ଞାନିକ ପିସି ମହାଲନୋବିସ୍‌ଙ୍କ ଜନ୍ମଦିନ।
- ୨୦୦୫-ଭାରତ ଓ ଆମେରିକା ମଧ୍ୟରେ ସମଗ୍ର ୧୦ ବର୍ଷୀୟ ବୁଝାମଣା ହୋଇଥିଲା।
- ୨୦୦୭-ସଚିନ୍ ତେନ୍ଦୁଲକର ଏକଦିବସୀୟ କ୍ରିକେଟ୍‌ରେ ୧୫ ହଜାର ରନ୍ ପୂରା କରିଥିଲେ।
- ୨୦୧୪-ସାୟନା ନେହୱାଲ୍ ଅଷ୍ଟ୍ରେଲିଆନ୍ ସୁପର୍ ସିରିଜ ଜିତିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ:** ଖୁବ୍ ଭଲ ବ୍ୟବସାୟିକ ପରିଣାମ ମିଳିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଆଜି ଗମ୍ଭୀର ସମସ୍ୟା ଆସିପାରେ। ଆର୍ଥିକ ଜୀବନ ଖୁବ୍ ବଢ଼ିଆ ରହିବ।

**ବୃଷ:** ଦିନଟିର ଦ୍ୱିତୀୟ ଭାଗଟି ପ୍ରପୋଜ୍ କରିବା ପାଇଁ ଶୁଭ। ପେସାଗତ ଜୀବନରେ ବ୍ୟସ୍ତତା ରହିବ। କିଛି ଅଧିକାରୀ ନୂଆ କାର୍ଯ୍ୟାଳୟକୁ ଯାଇପାରନ୍ତି। କଳାକାର ଓ ରଚନାତ୍ମକ ବ୍ୟକ୍ତିମାନଙ୍କୁ ସଫଳତା ମିଳିବ।

**ମିଥୁନ:** ଖୁସି ରହିବା ପାଇଁ ସମସ୍ୟାଗୁଡ଼ିକୁ ଦୂର କରିବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ସକାରାତ୍ମକ। ଆର୍ଥିକ ପକ୍ଷରେ ସୁଧାର ହେବ। ବରିଷ୍ଠ ଲୋକମାନେ ଧନର ବିଭାଜନ କରିବେ।

**କର୍କଟ:** ଆଗକୁ ବଢ଼ିବାର ସମୟ। ବ୍ୟକ୍ତିଗତ ଓ ବ୍ୟବସାୟିକ ଜୀବନରେ ସଫଳ ହେବେ। ଧ୍ୟାନ କେନ୍ଦ୍ରିତ ରଖିବେ। ଆଜିର ତାରକା ଆପଣଙ୍କ ପକ୍ଷରେ ଅଛନ୍ତି। ଆର୍ଥିକ ସ୍ଥିରତା ରହିବ କିନ୍ତୁ ସତର୍କ ରହିବେ।

**ସିଂହ:** ପ୍ରେମ ଜୀବନରେ ରୋମାନ୍ସ ରହିବ। ସାଥୀ ପାଇଁ ସମୟ ବାହାର କରିବେ। ଲକ୍ଷ୍ୟ ପ୍ରାପ୍ତି ପାଇଁ ନୂଆ ବିଚାର ଆଣନ୍ତୁ। ପ୍ରୟାସ ଜାରି ରହୁ। ନୂଆ ବ୍ୟାପାରର ଆରମ୍ଭ କରିବା ପାଇଁ ସଠିକ୍ ସମୟ।

**କନ୍ୟା:** ସବୁ ମୁଦ୍ଦାକୁ ସାବଧାନତାର ସହିତ ସମ୍ଭାଳିବେ। ସମ୍ବେଦନଶୀଳ ଜାତକରେ ସମ୍ପର୍କର ତାଳମେଳ ରହିବ। ନୂଆ ପ୍ରେମ ସମ୍ବନ୍ଧ ସୃଷ୍ଟି ହେବ। ଗ୍ରାହକମାନଙ୍କୁ ଧୈର୍ଯ୍ୟର ସହିତ ଡିଲ୍ କରିବେ। ଭାବନାତ୍ମକ ନିର୍ଣ୍ଣୟ ନେବା ଅନୁଚିତ।

**ତୁଳା:** ପରିସ୍ଥିତି ଅନୁସାରେ ଢ଼ଳିବେ। ଚିନ୍ତାକରି କାମ କରିଲେ ସଫଳତା ହାସଲ ହେବ। କ୍ୟାରିୟର୍, ଫାଇନାନ୍ସ ବା ଲଭ୍ ଲାଇଫ୍‌ରେ ବାଦବିବାଦ ନକରିଲେ ଭଲ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ଧନ ମାମଲାରେ ସତର୍କ ରୁହନ୍ତୁ।

**ବିଛା:** ଆଜି ମନୋବଳ ପ୍ରଭାବିତ ହେବନାହିଁ। ପ୍ରେମ ଜୀବନ ଆନନ୍ଦମୟ ରହିବ। ମନଖୋଲା କଥାବାର୍ତ୍ତା ସମସ୍ୟାର ସମାଧାନ କରିବ। ଆଧିକାରିକ ଦାୟିତ୍ୱରେ ବ୍ୟସ୍ତ ରହିବେ। ବିତ୍ତୀୟ ସମସ୍ୟା ସ୍ଥାୟୀ ନୁହେଁ।

**ଧନୁ:** ସାଥୀ ଉପରେ ଧ୍ୟାନ ଦେବେ। ନୂଆ ପ୍ରେମ ଆରମ୍ଭ ହୋଇପାରେ। ପ୍ରପୋଜ୍ କରିବା ପାଇଁ ସଂକୋଚ ନକଲେ ଭଲ। ଧନ ସମ୍ବନ୍ଧୀୟ ବିବାଦର ସମାଧାନ ହେବ। ବ୍ୟକ୍ତିଗତ ଓ ପେସାଗତ ଜୀବନରେ ସନ୍ତୁଳନ ବଜାୟ ରହିବ।

**ମକର:** ଆର୍ଥିକ ଭାବରେ ସୁଖୀ ଓ ସମୃଦ୍ଧ ରହିବେ। ସ୍ୱାସ୍ଥ୍ୟ ଭଲ ରହିବ। ବେକାର କଥା ଉପରେ ଚର୍ଚ୍ଚା ନକଲେ ଭଲ। ଆଜି ପେସାଗତ ଜୀବନ ପାଇଁ ଦିନଟି ଉତ୍ତମ। ସବୁ କାର୍ଯ୍ୟ ପୂରା କରିବେ।

**କୁମ୍ଭ:** ପୁରୁଣା ବିବାଦର ସମାଧାନ କରିବେ। ବିବାହିତଙ୍କୁ ଏପରି ସମସ୍ୟାରୁ ବଞ୍ଚିବାକୁ ହେବ। ସମ୍ପର୍କରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ବିଦେଶ ଯିବାର ଯୋଜନାରେ ସଫଳ ହେବେ। ବ୍ୟବସାୟୀଙ୍କୁ ଧନ ଜୁଟେଇବାରେ ସମସ୍ୟା ହେବ ନାହିଁ।

**ମୀନ:** ଆତ୍ମସଂଯମ ରହିବେ। ପରିବାରରେ ଧାର୍ମିକ କାର୍ଯ୍ୟ ହେବ। ମିଠା ଖାଦ୍ୟ ପ୍ରତି ରୁଚି ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ଜୀବନସାଥୀର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ସମ୍ପତ୍ତି ଆୟର ସାଧନ ହେବେ।

ନିତିଦିନ NITIDIN

# ମହିଳା ଟି-୨୦ ବିଶ୍ୱକପ୍‌ରୁ ଭାରତ ବାଦ୍

## ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ହରାଇଲା



**ଲଣ୍ଡନ,୨୮।୬/ଏଜେନ୍ସି:** ଭାରତ ମହିଳା ଟି-୨୦ ବିଶ୍ୱକପ୍‌ରୁ ଭାରତ ବିଦାୟ ନେଇଛି। ଲର୍ଡ୍ସରେ ଖେଳାଯାଇଥିବା ଅନ୍ତିମ ଗ୍ରୁପ୍-ବି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ଭାରତକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଭାରତ ୪ ୱିକେଟ୍ ହରାଇ ୧୭୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୧୭୨ ରନ୍ କରି ବିଜୟୀ ହୋଇଛି।

୧୭୧ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆକୁ ରେଣୁକା ସିଂହ ଠାକୁର ପ୍ରଥମ ଓଭର୍‌ରେ ଝଟ୍‌କା ଦେଇଥିଲେ। ସେ ଜର୍ଜିଆ ଭୋଲ୍ (୪ ରନ୍)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଫିଜି ଲିଚ୍‌ଫିଲ୍ଡ (୨୪)ଙ୍କୁ ଶ୍ରୀ ଚରଣୀ ଏବଂ ବେଥ୍ ମୁନି (୨୨)ଙ୍କୁ ଦୀପ୍ତି ଶର୍ମା ଆଉଟ୍ କରି ଟିମ୍‌କୁ ମ୍ୟାଚ୍‌ରେ ବଜାୟ ରଖିଥିଲେ। ମାତ୍ର ଏଲିସ୍ ପେରୀ (୫୬) ଓ ଆଶ୍‌ଲେ ଗାର୍ଡନର୍ (୫୩*) ଶତକୀୟ ପାର୍ଟନରଶିପ୍ କରି ଅଷ୍ଟ୍ରେଲିଆର ପ୍ରତ୍ୟାବର୍ତ୍ତନ ଘଟାଇବା ସହିତ ଟିମ୍‌କୁ ବିଜୟୀ କରାଇଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଭାରତ ପକ୍ଷରୁ ଦୁଇ ଓପ୍ନର୍ ଶେଫାଳୀ ବର୍ମା ଓ ସ୍ମୃତି ମନ୍ଧାନା ୬୬ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ଜୋରଦାର ଆରମ୍ଭ ଦେଇଥିଲେ। ତେବେ ଶେଫାଳୀ ୩୪ ରନ୍ ଏବଂ ମନ୍ଧାନା ୩୮ ରନ୍‌ରେ ଆଉଟ୍ ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ ଦ୍ରୁତ ବ୍ୟାଟିଂ କରି ୨୭ ବଲ୍‌ରେ ୫୬ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍‌ରେ ୬ ଚୌକା ଓ ୩ ଛକା ସାମିଲ ଥିଲା। ସେ ତୃତୀୟ ୱିକେଟ୍ ପାଇଁ ଜେମିମା ରୋଡ୍ରିଗ୍ସ (୩୪ ରନ୍, ରିଟାୟର୍ଡ ହର୍ଟ)ଙ୍କ ସହ ୬୪ ରନ୍ ଯୋଡ଼ି ଭାରତର ସ୍କୋର୍ ୧୭୦ ରନ୍‌ରେ ପହଞ୍ଚାଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କ୍ୟାପ୍‌ଟେନ୍ ସୋଫି ମୋଲିନକ୍ସ ଦୁଇଟି ୱିକେଟ୍ ପାଇଥିଲେ।

# ଆୟର୍ଲାଣ୍ଡର ଐତିହାସିକ ସିରିଜ୍ ବିଜୟ

## ଭାରତକୁ ପ୍ରଥମଥର ଟି-୨୦ରେ ହରାଇଲା



**ବେଲ୍‌ଫାଷ୍ଟ,୨୮।୬/ଏଜେନ୍ସି:** ଆୟର୍ଲାଣ୍ଡ ଇତିହାସ ରଚି ପ୍ରଥମ ଥର ଭାରତକୁ ଟି-୨୦ ସିରିଜ୍‌ରେ ହରାଇ ଦେଇଛି। ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଆୟୋଜକ ଟିମ୍ ଭାରତକୁ ୧ ରନ୍‌ରେ ହରାଇ ୨-୦ରେ ସିରିଜ୍ ନିଜ ନାମରେ କରିଛି। ଏହା ସହିତ ଭାରତୀୟ ଟିମ୍‌କୁ ପ୍ରାୟ ୩ ବର୍ଷ ପରେ ଟି-୨୦ ସିରିଜ୍‌ରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏହା ପୂର୍ବରୁ ୨୦୨୩ରେ ୱେଷ୍ଟଇଣ୍ଡିଜ୍ ୩-୨ରେ ହରାଇଥିଲା।

ଆୟର୍ଲାଣ୍ଡ ପକ୍ଷରୁ ହ୍ୟାରୀ ଟେକ୍ଟର୍ ସର୍ବାଧିକ ଟିମ୍ ୪୮ ରନ୍‌ରେ ଶୀର୍ଷ ତିନି ୱିକେଟ୍ ହରାଇବା ପରେ ସେ ବେଞ୍ଜାମିନ୍ କାଲିଟ୍‌ଜ (୩୭ ରନ୍)ଙ୍କ ସହ ୬୫ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରାଇଥିଲେ। ବେଞ୍ଜାମିନ୍ କାଲିଟ୍‌ଜଙ୍କ ଆଉଟ୍ ପରେ ଟେକ୍ଟର ଛୋଟ ଛୋଟ ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୫୩ ରନ୍‌ରେ ପହଞ୍ଚାଇବା ପରେ ଶେଷ ଓଭର୍‌ରେ ହିଁ ଆଉଟ୍ ହୋଇଥିଲେ। ଟିମ୍ ୮ ୱିକେଟ୍‌ରେ ୧୫୪ ରନ୍ କରିଥିଲା। ଡେବ୍ୟୁଟାଣ୍ଟ ପ୍ରିନ୍ସ ଯାଦବ ୩ଟି ୱିକେଟ୍ ନେଇଥିଲେ। ଅର୍ଶଦୀପ୍ ଓ ଶିବମ୍ ଦୁବେଙ୍କୁ ୨-୨ ଏବଂ ହର୍ଷିତ ରାଣାଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଜବାବରେ ଭାରତ ୯ ୱିକେଟ୍ ବିନିମୟରେ ୧୫୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଟିମ୍‌ର ଦୁଇ ଓପ୍ନର୍ ସଞ୍ଜୁ ସାମ୍‌ସନ୍ ଓ ଅଭିଷେକ ଶର୍ମା ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭର୍‌ରେ ଜୟ ମୁଦ୍ରାଙ୍କ ଶିକାର ହୋଇଥିଲେ। ତିଲକ ବର୍ମା ସର୍ବାଧିକ ୫୫ ରନ୍ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଜୟ ମୁଦ୍ରା ଓ ମାଥ୍ୟୁ ହୋଲାର୍ଡ ୩-୩ ୱିକେଟ୍ ନେଇଥିବା ବେଳେ ମାଥ୍ୟୁ ହମ୍ଫ୍ରେ ଓ ହ୍ୟାରୀ ଟେକ୍ଟର ୧-୧ ସଫଳତା ପାଇଥିଲେ।

ଏହି ମ୍ୟାଚ୍‌ରେ ବି ଯୁବ ଭାରତୀୟ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବା ସୁଯୋଗ ମିଳିନଥିଲା। ତେବେ ଫାଷ୍ଟ ବୋଲର୍ ପ୍ରିନ୍ସ ଯାଦବ ଏବଂ ଅଲ୍‌ରାଉଣ୍ଡର୍ ସୂର୍ଯ୍ୟାଂଶ ଶେଗ୍‌ଡ଼େ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ।

# ୟୁଏସ୍ ଓପନ୍ ଫାଇନାଲ୍‌ରେ ଶ୍ରୀକାନ୍ତ

**ନ୍ୟୁୟର୍କ,୨୮।୬/ଏଜେନ୍ସି:** ଷ୍ଟାର୍ ଭାରତୀୟ ଶଟ୍‌ଲର୍ ଏବଂ ପୂର୍ବତନ ବିଶ୍ୱ ନମ୍ବର-୧ କିଦାମ୍ବୀ ଶ୍ରୀକାନ୍ତ ଚତୁର୍ଥ ସିଡ୍ ଜାପାନର ୟୁଡ଼ାଇ ଓକିମୋଟୋଙ୍କୁ ୨୨-୨୦, ୧୫-୨୧, ୨୧-୧୯ରେ ହରାଇ ପ୍ରଥମ ଥର ବିଡବ୍ଲ୍ୟୁଏଫ୍ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ଜିତିବା ପାଇଁ ୩୩ ବର୍ଷୀୟ ଶ୍ରୀକାନ୍ତଙ୍କୁ ଏକ ଘଣ୍ଟା ୧୨ ମିନିଟ୍ ସମୟ ଲାଗିଥିଲା। ଶ୍ରୀକାନ୍ତ ଫାଇନାଲରେ ଚାଇନିଜ୍ ତାଇପେର ସୁ ଲି ୟାଙ୍ଗଙ୍କ ସହ ମୁକାବିଲା କରିବେ। ସୁ ଦ୍ୱିତୀୟ ସେମିଫାଇନାଲ୍‌ରେ ଯୁବ ଭାରତୀୟ ଖେଳାଳି ରୌନକ୍ ଚୌହାନଙ୍କୁ ୨୧-୧୭, ୨୧-୧୯ ଗେମ୍‌ରେ ସିଧାସଳଖ ପରାସ୍ତ କରିଥିଲେ।

୧୯ ବର୍ଷୀୟ କ୍ୱାଲିଫାୟର୍ ରୌନକ୍ ଚୌହାନ ଟୁର୍ଣ୍ଣାମେଣ୍ଟରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ତାଙ୍କର ଉଭୟ କ୍ୱାଲିଫାଇଙ୍ଗ୍ ମ୍ୟାଚ୍ ଜିତିଥିଲେ ଏବଂ ଭାରତର ଶଙ୍କର ସୁବ୍ରମଣ୍ୟମଙ୍କୁ ପରାସ୍ତ କରିଥିଲେ। ପରେ ସେ ବିଶ୍ୱର ଷଷ୍ଠ ନମ୍ବର ଚୌ ତିଏନ୍ ଚେନ୍‌ଙ୍କୁ ୨୧-୧୭, ୨୬-୨୪ରେ ହରାଇ ଏକ ବଡ଼ ବିପର୍ଯ୍ୟୟ ଘଟାଇଥିଲେ। କ୍ୱାର୍ଟର୍ ଫାଇନାଲ୍‌ରେ ମିଶା ଜିଲ୍‌ବରମ୍ୟାନ୍‌ଙ୍କୁ ପରାସ୍ତ କରିଥିଲେ, କିନ୍ତୁ ଲଗାତାର ମ୍ୟାଚ୍ ଖେଳିବାର ପ୍ରଭାବ ସେମିଫାଇନାଲ ଉପରେ ପଡ଼ିଥିଲା ଏବଂ ତାଙ୍କ ଚମତ୍କାର ଯାତ୍ରାର ଅନ୍ତ ଘଟିଥିଲା। ସେହିପରି ମହିଳା ସିଙ୍ଗଲ୍ସରେ ଭାରତର ଦେବୀକା ସିହାଗ୍ ଦ୍ୱିତୀୟ ସଡ୍ ଡେନ୍‌ମାର୍କର ଲାଇନ୍ କ୍ରିଷ୍ଟୋଫର୍ସଙ୍କ ଠାରୁ ୨୧-୧୫, ୧୧-୨୧, ୧୫-୨୧ରେ ପରାଜିତ ହୋଇଛନ୍ତି।

## ଲଡୁକିଶୋର ନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ ଚେସ୍

# ଆତିଶ ନନ୍ଦ ଗୋସ୍ୱାମୀ ଚାମ୍ପିଅନ୍

**ଭୁବନେଶ୍ୱର,୨୮।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ୬ଷ୍ଠ ଲଡୁ କିଶୋର ନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ୪ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆତିଶ ନନ୍ଦ ଗୋସ୍ୱାମୀ ୩.୫ ପଏଣ୍ଟ ହାସଲ କରି ଚାମ୍ପିଅନ୍ ହୋଇଛନ୍ତି। ୟୁନିଟ୍-୮ ଡିଏଭିର ଆରିଶ ନନ୍ଦ ଗୋସ୍ୱାମୀ (୩.୦) ଦ୍ୱିତୀୟ ଏବଂ ଭୁବନେଶ୍ୱର କେଭି-୧ର ଆୟୁଷ୍ମାନ ବେହେରା (୩.୦) ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ବିଭାଗରେ ସ୍ଥିତପ୍ରଜ୍ଞା ପଟ୍ଟନାୟକ ପ୍ରଥମ ଏବଂ ଆରାଧ୍ୟା ମିଶ୍ର ଦ୍ୱିତୀୟ ହୋଇଛନ୍ତି। ସେହିପରି ବୟସ ବର୍ଗରେ ସାଇ କ୍ରିଷ୍ଣା ସାମଲ, ଆହାନ୍ ଅଭିଜ୍ଞାନ ଏବଂ ଆଦ୍ୟାଶ୍ରୀ ନାୟକ ପଥମ ସ୍ଥାନ ହାସଲ କରିଛନ୍ତି। ମୋହିତ ଅଭିଷେକ ମହାନ୍ତି, ରେୟାଂଶ ଦାସ ଏବଂ କୁମାର ପ୍ରଥମଙ୍କୁ ବର୍ଣ୍ଣ ପୁରସ୍କାର ମିଳିଛି।



ଚାମ୍ପିଅନ୍‌ଶିପ୍‌କୁ ରାଜ୍ୟ ଇଣ୍ଟେଲିଜେନ୍ସ ଡିଏସ୍‌ପି ପ୍ରିୟଦର୍ଶିନୀ ନାୟକ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ, ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପରିମିତା ସାହୁ ଏବଂ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଆଜିଠାରୁ ଫିଫା ବିଶ୍ୱକପ୍ ରାଉଣ୍ଡ ଅଫ୍ ୩୨

## ନକ୍‌ଆଉଟ୍‌ରେ ଇଂଲଣ୍ଡ-କ୍ରୋଏସିଆ, ପର୍ତ୍ତୁଗାଲ୍-କଲମ୍ବିଆ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଗୋଲ୍‌ଶୂନ୍ୟ

**ନ୍ୟୁୟର୍କ,୨୮।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ର ନକ୍‌ଆଉଟ୍ ଚିତ୍ର ପରିଷ୍କାର ହୋଇଯାଇଛି। ସୋମବାରଠାରୁ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ। ରବିବାର ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ୨-୦ରେ ପାନାମାକୁ ହରାଇ ଗ୍ରୁପ୍-ଏଲ୍’ରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କ୍ରୋଏସିଆ ୨-୧ରେ ଘାନାକୁ ହରାଇ ଅନ୍ତିମ-୩୨ରେ ସ୍ଥାନ ହାସଲ କରିଛି। ଗ୍ରୁପ୍-କେ’ରେ କଲମ୍ବିଆ ଓ ପର୍ତ୍ତୁଗାଲ୍ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର’ରେ ଶେଷ ହୋଇଛି, ଯାହା ଫଳରେ କଲମ୍ବିଆ ଗ୍ରୁପ୍ ବିଜେତା ହୋଇଛି। ସେହିପରି ଡିଆର୍ କଙ୍ଗୋ ୩-୧ରେ ଉଜ୍‌ବେକିସ୍ତାନକୁ ହରାଇ ପ୍ରଥମ ଥର ବିଶ୍ୱକପ୍ ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ହାସଲ କରି ଇତିହାସ ରଚିଛି। ଅନ୍ୟପକ୍ଷରେ ଗ୍ରୁପ୍-ଜେ’ରେ ଆର୍ଜେଣ୍ଟିନା ୩-୧ରେ ଜୋର୍ଡାନ୍‌କୁ ହରାଇଥିବା ବେଳେ ଆଲ୍‌ଜେରିଆ ଓ ଅଷ୍ଟ୍ରିଆ ମ୍ୟାଚ୍ ୩-୩ରେ ଡ୍ର’ ହୋଇଛି।

### ପ୍ରଥମ ଥର ନକ୍‌ଆଉଟ୍‌ରେ ଡିଆର୍ କଙ୍ଗୋ



ଆଟ୍‌ଲାଣ୍ଟାରେ ଖେଳାଯାଇଥିବା ମ୍ୟାଚ୍‌ରେ ଡିଆର୍ କଙ୍ଗୋ ୩-୧ରେ ଉଜ୍‌ବେକିସ୍ତାନକୁ ହରାଇ ପ୍ରଥମ ଥର ବିଶ୍ୱକପ୍ ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ହାସଲ କରିଛି। ମ୍ୟାଚ୍ର ୧୦ମ ମିନିଟ୍‌ରେ ଏଲ୍‌ଡୋର ଶୋମୁରୋଦୋଭ୍ ଗୋଲ୍ କରି ଉଜ୍‌ବେକିସ୍ତାନକୁ ଆଗୁଆ କରିଥିଲେ। ଦ୍ୱିତୀୟ ହାଫ୍‌ରେ ଡିଆର୍ କଙ୍ଗୋ ଜୋରଦାର ପ୍ରତ୍ୟାବର୍ତ୍ତନ କରି ୟୋଆନେ ଭିସ୍‌ସାଙ୍କ ପ୍ରଥମ ପେନାଲ୍ଟି ଗୋଲ୍‌ରେ ସ୍କୋର୍ ବରାବର କରିଥିଲା। ଏହାପରେ ଫ୍ରିଷ୍ଟନ୍ ମାୟେଲେ ଟିମ୍‌କୁ ଆଗୁଆ କରିଥିବା ବେଳେ ଇନ୍‌ଜୁରୀ ଟାଇମ୍‌ରେ ଭିସ୍ସା ନିଜର ଦ୍ୱିତୀୟ ଗୋଲ୍ ଦେଇ ବିଜୟରେ ମୋହର ମାରିଥିଲେ। ୫୨ ବର୍ଷ ପରେ ବିଶ୍ୱକପ୍ ଖେଳୁଥିବା ଡିଆର୍ କଙ୍ଗୋ ଏହି ବିଜୟ ସହିତ ଇତିହାସ ରଚିଛି ଏବଂ ପ୍ରଥମ ଥର ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିଛି।

### ପାନାମାକୁ ୨-୦ରେ ହରାଇ ଗ୍ରୁପ୍ ଶୀର୍ଷରେ ଇଂଲଣ୍ଡ

ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ଇଂଲଣ୍ଡ ୨-୦ରେ ପାନାମାକୁ ହରାଇ ଦେଇଛି। ପ୍ରଥମ ହାଫ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହେବାପରେ ଦ୍ୱିତୀୟ ହାଫ୍‌ର ୬୨ତମ ମିନି୍‌ରେ ବୁକାୟୋ ସାକାଙ୍କ କର୍ଣ୍ଣର୍‌ରେ ଜୁଡ୍ ବେଲିଙ୍ଗ୍‌ହାମ୍ ଚମତ୍କାର ଫିନିସ୍ କରି ଇଂଲଣ୍ଡକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଏହାର ପାଞ୍ଚ ମିନିଟ୍ ପରେ ବେଲିଙ୍ଗ୍‌ହାମ୍‌ଙ୍କ କ୍ରସ୍‌ରେ ହ୍ୟାରୀ କେନ୍ ହେଡର୍ ଜରିଆରେ ଗୋଲ୍ ଦେଇ ସ୍କୋର୍ ୨-୦ କରିଥିଲେ। ଏହା ବିଶ୍ୱକପ୍‌ରେ ହ୍ୟାରୀ କେନ୍‌ଙ୍କ ୧୧ଶ ଗୋଲ୍ ଥିଲା ଏବଂ ଏହା ସହିତ ସେ ଇଂଲଣ୍ଡ ପାଇଁ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସଫଳତା ଗୋଲ୍ ସ୍କୋରର୍ ହୋଇଛନ୍ତି। ଦୁଇଟି ବିଜୟ ଏବଂ ଗୋଟିଏ ଡ୍ର’ ସହିତ ଇଂଲଣ୍ଡ ୭ ପଏଣ୍ଟ ପାଇ ଗ୍ରୁପ୍-ଏଲ୍ ଶୀର୍ଷରେ ରହିଛି ଏବଂ ରାଉଣ୍ଡ ଅଫ୍-୩୨ରେ ଟିମ୍‌ର ମୁକାବିଲା ତୃତୀୟ ସ୍ଥାନର ଟିମ୍ ସହିତ ହେବ।



### ଅଷ୍ଟ୍ରିଆ ୩ – ଆଲ୍‌ଜେରିଆ ୩

ଗ୍ରୁପ୍-ଜେ’ର ଅନ୍ୟ ଏକ ମ୍ୟାଚ୍ ଅଷ୍ଟ୍ରିଆ ଓ ଆଲ୍‌ଜେରିଆ ମଧ୍ୟରେ ୩-୩ ଗୋଲ୍‌ରେ ଡ୍ର’ ହୋଇଛି। ୨୮ତମ ମିନିଟ୍‌ରେ ମାର୍କୋ ଅର୍ନାଟୋଭିଚ୍ ପ୍ରଥମ ଗୋଲ୍ ଦେଇ ଅଷ୍ଟ୍ରିଆକୁ ଆଗୁଆ କରିଥିବା ବେଳେ ଆଲ୍‌ଜେରିଆର ମାର୍ସେଲ୍ ସାବିତ୍‌ଜର ୫୫ ମିନିଟ୍‌ରେ ଗୋଲ୍‌ଟି ପରିଶୋଧ କରିଦେଇଥିଲେ। ତେବେ ମାର୍ସେଲ୍ ୫୫ତମ ମିନିଟ୍‌ରେ ନିଜର ଦ୍ୱିତୀୟ ଗୋଲ୍ ଦେଇ ଅଷ୍ଟ୍ରିଆକୁ ୨-୧ରେ ଆଗୁଆ କରିଥିଲେ। ଏହାର ୫ ମିନିଟ୍ ପରେ ରିୟାଦ୍ ମହରେଜ୍ (୬୦ତମ) ସ୍କୋର୍ ୨-୨ କରିଥିଲେ। ପରେ ଇନ୍‌ଜୁରୀ ଟାଇମ୍‌ର ୯୦+୩ ମିନିଟ୍‌ରେ ରିୟାଦ୍ ଆଉ ଏକ ଗୋଲ୍ ଦେଇ ଆଲ୍‌ଜେରିଆକୁ ୩-୨ରେ ଆଗୁଆ କରିଥିବା ବେଳେ ୯୦+୬ତମ ମିନିଟ୍‌ରେ ସାସା କାଲାଜିଚ୍ ଗୋଲ୍ ଦେଇ ସ୍କୋର୍ ୩-୩ କରି ଅଷ୍ଟ୍ରିଆକୁ ରାଉଣ୍ଡ ଅଫ୍-୩୨ରେ ପହଞ୍ଚାଇବାରେ ସଫଳ ହୋଇଥିଲେ। ଏହି ଡ୍ର’ ମ୍ୟାଚ୍ ପରେ ଗ୍ରୁପ୍-ଜେ’ରୁ ଆର୍ଜେଣ୍ଟିନା, ଆଲ୍‌ଜେରିଆ ଏବଂ ଅଷ୍ଟ୍ରିଆ ନକ୍‌ଆଉଟ୍‌ରେ ପହଞ୍ଚିଛନ୍ତି।



### କଲମ୍ବିଆ-ପର୍ତ୍ତୁଗାଲ୍ ଗୋଲ୍‌ଶୂନ୍ୟ ଡ୍ର’

ଗ୍ରୁପ୍-କେ’ର ବହୁ ପ୍ରତୀକ୍ଷିତ ମ୍ୟାଚ୍ କଲମ୍ବିଆ ଓ ପର୍ତ୍ତୁଗାଲ୍ ମଧ୍ୟରେ ଗୋଲ୍‌ଶୂନ୍ୟ ଭାବେ ଡ୍ର’ ହୋଇଛି। ତେବେ ମ୍ୟାଚ୍‌ରେ ରୋମାଞ୍ଚ ହ୍ରାସ ପାଇନଥିଲା। ଦ୍ୱିତୀୟ ହାଫ୍‌ରେ କଲମ୍ବିଆ ଲଗାତାର ଆକ୍ରମଣ କରି କେତେକ ସୁଯୋଗ ସୃଷ୍ଟି କରିଥିଲା। ଲୁଇସ୍ ସୁଆରେଜ୍‌ଙ୍କ ଭଲି ଶଟ୍ କ୍ରାସ୍‌ବାର ଉପରେ ଚାଲିଯାଇଥିଲା। ସେହିପରି ରୁବେନ୍ ଡାୟସ୍ ଗୋଲ୍‌ଲାଇନ୍‌ରେ ଚମତ୍କାର ସେଭ୍ କରି ପର୍ତ୍ତୁଗାଲ୍‌କୁ ବଞ୍ଚାଇଥିଲେ। ଅନ୍ୟପକ୍ଷରେ ପର୍ତ୍ତୁଗାଲ୍ ଗୋଲ୍‌କିପର୍ ଡିୟୋଗୋ କୋଷ୍ଟା ୬ ଚମତ୍କାର ସେଭ୍ କରି ଟିମ୍‌କୁ ପରାଜୟରୁ ବଞ୍ଚାଇଥିଲେ। ଡ୍ର’ ସହିତ କଲମ୍ବିଆ ୭ ପଏଣ୍ଟ ସହ ଗ୍ରୁପ୍-କେ’ ଶୀର୍ଷରେ ଏବଂ ପର୍ତ୍ତୁଗାଲ୍ (ପାଞ୍ଚ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ନକ୍‌ଆଉଟ୍‌ରେ କଲମ୍ବିଆର ମୁକାବିଲା ଘାନା ସହିତ ଏବଂ ପର୍ତ୍ତୁଗାଲ୍‌ର ମ୍ୟାଚ୍ କ୍ରୋଏସିଆ ସହିତ ହେବ।

### ୩-୧ରେ ଜୋର୍ଡାନ୍‌କୁ ହରାଇଲା ଆର୍ଜେଣ୍ଟିନା



ଆଜି ଖେଳାଯାଇଥିବା ଗ୍ରୁପ୍-ଜେ’ ମ୍ୟାଚ୍‌ରେ ୧୦ମ ମିନିଟ୍‌ରେ ଜିୟୋଭାନି ସେଲ୍‌ସୋ ଗୋଲ୍ କରି ଆର୍ଜେଣ୍ଟିନାକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ୩୧ତମ ମିନିଟ୍‌ରେ ଟିମ୍‌କୁ ମିଳିଥିବା ପେନାଲ୍ଟି ଶୁଟ୍‌ରୁ ଲୋଟାରେ ମାର୍ଟିନେଜ୍ ଗୋଲ୍ ଦେଇ ଟିମ୍‌କୁ ୨-୦ରେ ଆଗୁଆ କରିଥିଲେ। ଏହାପରେ ୫୫ତମ ମିନିଟ୍‌ରେ ଜୋର୍ଡାନ୍‌ର ମୁସା ଅଲ୍ ତମାରୀ ଗୋଲ୍ ଦେଇ ସ୍ଥିତି ୨-୧ କରିଥିଲେ। ତେବେ କ୍ୟାପ୍‌ଟେନ୍ ଲିଓନେଲ୍ ମେସି ୮୦ତମ ମିନିଟ୍‌ରେ ଗୋଲ୍ ଦେଇ ୩-୧ରେ ଆର୍ଜେଣ୍ଟିନାର ବିଜୟ ସୁନିଶ୍ଚିତ କରିଥିଲେ। ଏହା ସହିତ ବିଶ୍ୱକପ୍‌ରେ ତାଙ୍କର ଗୋଲ୍ ସଂଖ୍ୟା ୬ ହୋଇଛି। ଏହି ପରାଜୟ ସହ ଜୋର୍ଡାନ୍ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି।

### ଘାନାକୁ ପଛରେ ପକାଇ ନକ୍‌ଆଉଟ୍‌ରେ କ୍ରୋଏସିଆ

ଫିଲାଡେଲ୍‌ଫିଆରେ ଖେଳାଯାଇଥିବା ମ୍ୟାଚ୍‌ରେ ଘାନାକୁ ୨-୧ ଗୋଲ୍‌ରେ ହରାଇ କ୍ରୋଏସିଆ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ହାସଲ ସହ ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ପ୍ରଥମ ହାଫ୍‌ରେ ପେଟାର୍ ସୁଚିଚ୍ ପ୍ରାୟ ୩୦ ଗଜ ଦୂରରୁ ଗୋଲ୍ କରି ଟିମ୍‌କୁ ଅଗ୍ରଣୀ ପ୍ରଦାନ କରିଥିଲେ। ଘାନାର ଡେରେକ୍ ଲୁକାସେନ୍ ୭୩ତମ ମିନିଟ୍‌ରେ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ। ମାତ୍ର ୮୩ତମ ମିନିଟ୍‌ରେ ଲୁକା ମୋଡ୍ରିଚ୍‌ଙ୍କ କର୍ଣ୍ଣର୍‌ରେ ନିକୋଲା ଭ୍ଲାସିଚ୍ ଏକ ଉନ୍ନତ ହେଡର୍ ଜରିଆରେ କ୍ରୋଏସିଆକୁ ନିର୍ଣ୍ଣାୟକ ଅଗ୍ରଣୀ ପ୍ରଦାନ କରିଥିଲେ। ଏହି ବିଜୟ ସହିତ କ୍ରୋଏସିଆ ୬ ପଏଣ୍ଟ ସହ ଗ୍ରୁପ୍-ଏଲ୍’ର ଦ୍ୱିତୀୟ ସ୍ଥାନରେ ରହିଛି। ଘାନା ତୃତୀୟ ସ୍ଥାନକୁ ଘଟିଯାଇଛି।




# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଷ୍ଟୋକ୍ସଙ୍କ ସନ୍ନ୍ୟାସ

## ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ଅନ୍ତିମ ମ୍ୟାଚ୍

ଇଂଲଣ୍ଡର ଷ୍ଟାର୍ ଅଲରାଉଣ୍ଡର ଏବଂ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାର ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇଛନ୍ତି। ଟ୍ରେଣ୍ଟ ବ୍ରିଜ୍‌ରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷରେ ତୃତୀୟ ଟେଷ୍ଟ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ହେବ। ତୃତୀୟ ଟେଷ୍ଟର ଚତୁର୍ଥ ଦିନ ଷ୍ଟୋକ୍ସ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରବିବାର ସକାଳେ ସେ ତାଙ୍କ ସାଥୀ ଖେଳାଳି ଏବଂ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ସନ୍ନ୍ୟାସ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିବା ଜଣାପଡ଼ିଛି। ଅବଶ୍ୟ ମ୍ୟାଚ୍ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଥିଲେ ଯେ ଚଳିତ ଟେଷ୍ଟ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇପାରେ। ପ୍ରାୟ ୧୫ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ବେନ୍ ଷ୍ଟୋକ୍ସ ଇଂଲଣ୍ଡ ପାଇଁ ଅନେକ ସ୍ମରଣୀୟ ଇନିଂସ ଖେଳିଥିଲେ ଏବଂ ନିଜ ଆକ୍ରମଣାତ୍ମକ ଅଧିନାୟକତ୍ୱରେ ଟିମ୍‌ର ପୁନରୁତ୍ଥାନ୍ କରାଇଥିଲେ। ସେ ଗତ ଚାରି ବର୍ଷ ଧରି ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକତ୍ୱ କରୁଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଲର୍ଡସ୍ ଟେଷ୍ଟ ବିଜୟ ପରେ ଚେଲ୍‌ସି ନାଇଟ୍ କ୍ଲବ୍‌ରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ସବ ପାଳିବାକୁ ନେଇ ଇସିବି ଏବଂ କ୍ରିକେଟ୍ ରେଗୁଲେଟର୍ ଯାଞ୍ଚ ଆରମ୍ଭ କରିବା ପରେ ଷ୍ଟୋକ୍ସ ଚର୍ଚ୍ଚାକୁ ଆସିଥିଲେ। ଏହି କାରଣରୁ ସେ ଓଭାଲ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ ଦଳର ସଦସ୍ୟ ନଥିଲେ। ତଦନ୍ତ ପରେ ତାଙ୍କୁ କେବଳ ଏକ ଲିଖିତ ଚେତାବନୀ ଦେଇ ଛାଡ଼ି ଦିଆଯାଇଥିଲା। ଅବସର ଘୋଷଣା କରିବା ସତ୍ତ୍ୱେ ଷ୍ଟୋକ୍ସ ଟ୍ରେଣ୍ଟ ବ୍ରିଜ୍ ଟେଷ୍ଟ୍‌ରେ ପୂରା ଜୋସ୍‌ରେ ପ୍ରଦର୍ଶନ କରୁଛନ୍ତି। ନୁଜିଲାଣ୍ଡର ଦ୍ୱିତୀୟ ଇନିଂସ୍‌ରେ ଲମ୍ବା ସ୍ପେଲ୍ କରି ଦୁଇଟି ୱିକେଟ୍ ଅକ୍ତିଆର କରିଛନ୍ତି।



ବେନ୍ ଷ୍ଟୋକ୍ସଙ୍କ ଅବସରକୁ ଇଂଲଣ୍ଡ କ୍ରିକେଟ୍ ପାଇଁ ଏକ ପ୍ରମୁଖ ଯୁଗର ଶେଷ ଭାବରେ ଦେଖାଯାଉଛି। ସେ ତାଙ୍କର ଅଲରାଉଣ୍ଡ କ୍ଷମତା, ନେତୃତ୍ୱ ଏବଂ ମ୍ୟାଚ୍ ବିଜୟୀ ପ୍ରଦର୍ଶନ ସହିତ ଇଂଲଣ୍ଡ କ୍ରିକେଟ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିଲେ। ତାଙ୍କ ଅବସର ପରେ ଇଂଲଣ୍ଡକୁ ଜଣେ ନୂତନ ଅଧିନାୟକ ଏବଂ ଅଭିଜ୍ଞ ଅଲରାଉଣ୍ଡର୍ ଖୋଜିବାକୁ ପଡିବ।

# ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ଡ୍ର’

**ଗଲ୍,୨୮।୬/ଏଜେନ୍ସି:** ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଏଠାରେ ଖେଳାଯାଉଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ଡ୍ର’ରେ ସମାପ୍ତ ହୋଇଛି। ଅନ୍ତିମ ଦିନ ରବିବାର ବର୍ଷା କାରଣରୁ କୌଣସି ଟିମ୍‌କୁ ବିଜୟ ସୁଯୋଗ ମିଳିପାରି ନଥିଲା। ୪୮/୦ରୁ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଭାରତ-ଏ’ ଚତୁର୍ଥ ଦିନ ୧୮୯/୮ରେ ଘୋଷିତ କରିବା ସହିତ ଶ୍ରୀଲଙ୍କା-ଏ’ ଆଗରେ ୩୧୨ ରନ୍‌ର ଲକ୍ଷ୍ୟ ରଖିଥିଲା। ଟିମ୍ ପକ୍ଷରୁ ଦେବଦତ୍ତ ପାଡିକଲ୍ ୧୦୧ ବଲ୍‌ରେ ୬୭ ରନ୍ କରିଥିବା ବେଳେ ଆୟୁଷ ପାଣ୍ଡେ (୩୮ ରନ୍) ଏବଂ ଅଲ୍‌ରାଉଣ୍ଡର୍ ହର୍ଷ ଦୁବେ (୨୯ ରନ୍) ଉପଯୋଗୀ ସହୟତା କରି ଟିମ୍‌କୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଜବାବରେ ଶ୍ରୀଲଙ୍କା-ଏ୩ ସ୍କୋର୍ ୭୦/୨ ହୋଇଥିବା ବେଳେ ଲଗାତାର ବର୍ଷା ହେବାରୁ ମ୍ୟାଚ୍ ଡ୍ର’ ଘୋଷିତ ହୋଇଥିଲା। ସୂଚନାଯୋଗ୍ୟ, ଭାରତ-ଏ’ ୪୫୨/୬ରେ ପ୍ରଥମ ଇନିଂସ୍ ଘୋଷିତ କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା-ଏ’ ପ୍ରଥମ ଇନିଂସ୍‌ରେ ୩୩୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

# ବେଲ୍‌ଜିୟମ୍ ପ୍ରୋ ଲିଗ୍ ଚାମ୍ପିଅନ୍

## ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ପାଇଁ ଯୋଗ୍ୟତା ହାସଲ




**ନୂଆଦିଲ୍ଲୀ,୨୮।୬/ଏଜେନ୍ସି:** ବେଲ୍‌ଜିୟମ୍ ପୁରୁଷ ହକି ଟିମ୍ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୬ ଟାଇଟଲ୍ ଜିତିବା ସହିତ ଏକ ବଡ଼ ଉପଲବ୍ଧି ନିଜ ନାମରେ କରିଛି। ନେଦରଲାଣ୍ଡକୁ ୨-୧ରେ ହରାଇ ବେଲ୍‌ଜିୟମ୍ ଗୋଟିଏ ମ୍ୟାଚ୍ ବାକି ଥିବାବେଳେ ଚାମ୍ପିଅନ୍ ହେବା ସହିତ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ଏହି ଉପଲବ୍ଧି ସହିତ ଜେଲ୍‌ଜିୟମ୍ ଅଲିମ୍ପିକ୍‌ରେ ସ୍ଥାନ ପକ୍କା କରିବାରେ ପ୍ରଥମ ପୁରୁଷ ହକି ଟିମ୍ ହୋଇଛି।

ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲ୍‌ଜିୟମ୍ ୨-୧ରେ ନେଦରଲାଣ୍ଡସକୁ ହରାଇବା ସହିତ ପଏଣ୍ଟ ତାଲିକାରେ ଅଗ୍ରଣୀ ହାସଲ କରିଥିଲା, ଯାହା ଫଳରେ ଗୋଟିଏ ମ୍ୟାଚ୍ ବାକି ଥାଇ ଟିମ୍‌କୁ ଚାମ୍ପିଅନ୍ ଘୋଷିତ କରାଯାଇଛି। ଏହା ପ୍ରୋ ଲିଗ୍ ଇତିହାସରେ ଟିମ୍‌ର ଦ୍ୱିତୀୟ ଟାଇଟଲ୍। ଏହା ପୂର୍ବରୁ ବେଲ୍‌ଜିୟମ୍ ୨୦୨୧ରେ ପ୍ରଥମ ଥର ଏହି ପ୍ରତିଷ୍ଠିତ ଟ୍ରଫି ଜିତିଥିଲା। ବେଲ୍‌ଜିୟମ୍ ବିଜୟରେ ଆଲେକ୍‌ଜାଣ୍ଡର୍ ହେଣ୍ଡ୍ରିକ୍ସ ଓ ଟମ୍ ବୁନ୍ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଦୁଇ ଖେଳାଳି ୧-୧ ଗୋଲ୍ କରି ଟିମ୍‌କୁ ମଜଭୁତ ଅଗ୍ରଣୀ ପ୍ରଦାନ କରିଥିଲେ। ନେଦରଲାଣ୍ଡସ ପକ୍ଷରୁ ତୃତୀୟ କ୍ୱାର୍ଟର୍‌ରେ ଟିଜମେନ୍ ରେୟେଙ୍ଗା ଏକମାତ୍ର ଗୋଲ୍‌ଟି କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ବେଲ୍‌ଜିୟମ୍ ଗୋଲ୍‌କିପର୍ ଭିନ୍‌ସେଣ୍ଟ ଭନାଶଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ମନୋନୀତ କରାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra